ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 10/2023 Page 16 ₹ 7.00
୫୦ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 17 ମୂଲ୍ୟ ₹୭/-

ଆଜିର ସମ୍ପାଦକୀୟ
ଆଖି ବୁଜିଦେଇଛୁ

ରାଜ୍ୟରେ କମୁଛି ଶିଶୁ ଜନ୍ମ ହାର ପୃଷ୍ଠା ୭

ଯୁଦ୍ଧବିରତି ପ୍ରସ୍ତାବ ଉପରେ ଆମେରିକାର ଭିଟୋ ପୃଷ୍ଠା ୧୧

# ଟଙ୍କା ବ୍ୟାଗ୍‌ରେ 'ଇନ୍ସପେକ୍ଟର ତିୱାରୀ'


ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ଆୟକର ବିଭାଗ ପକ୍ଷରୁ ଜବତ ଟଙ୍କା ଗଦା ହୋଇଛି।

**ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ମଦ ସାମ୍ରାଜ୍ୟ ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଶନିବାର ଚତୁର୍ଥ ଦିନ ଧରି ମାରାଥନ୍ ଚଢ଼ାଉ ଜାରିରହିଛି। ବଲାଙ୍ଗୀର ସୁଦପଡ଼ା ମଦଭାଟିରୁ ଜବତ ଏକ ପଲିଥିନ୍ ପ୍ୟାକେଟ୍‌ରେ ୫ ଲକ୍ଷ ଟଙ୍କା ରହିଛି। ଉକ୍ତ ବ୍ୟାଗ୍‌ରେ 'ଇନ୍ସପେକ୍ଟର ତିୱାରୀ' ଲେଖାହୋଇଥିବା ପ୍ରଘଟ ହେବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ତିୱାରୀ ବାସ୍ତବରେ କେଉଁ ବିଭାଗର ଇନ୍ସପେକ୍ଟର ତାହା ସ୍ପଷ୍ଟ ହୋଇ ନ ଥିବାରୁ ବାବୁ ଜଣକ କିଏ ଏବଂ ସୁଦପଡ଼ା ମଦଭାଟି ସହ ତାଙ୍କର କ'ଣ ସମ୍ପର୍କ ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। କିଛିବର୍ଷ ତଳେ ଅବକାରୀ ବିଭାଗରେ ଉପ ଅଧୀକ୍ଷକ ର୍‍ୟାଙ୍କର ଜଣେ ତିୱାରୀ ବାବୁ ଥିଲେ। ତେବେ ସେ ଜିଲାରୁ କେବେଠୁ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଏହାବାଦ୍ ତିୱାରୀ ସାଙ୍ଗିଆଧାରୀ ଜଣେ ପୋଲିସ ବାବୁ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି।

ବଲାଙ୍ଗୀର ମଦଭାଟିରୁ ଅନେକ ଶହ କୋଟି ଟଙ୍କା ଜବତ ଘଟଣା କେବଳ ରାଜ୍ୟ ନୁହେଁ, ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ରାଜନେତା, ପଦାଧିକାରୀମାନେ ମଧ୍ୟ ନାନା ମନ୍ତବ୍ୟ ଦେଉଛନ୍ତି। ଏତେ ମାତ୍ରାରେ ଜବତ ଟଙ୍କା କାହାର ଏବଂ କେଉଁ ଉଦ୍ଦେଶ୍ୟରେ ମଦଭାଟିରେ ଗଚ୍ଛିତ ରହିଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବଲାଙ୍ଗୀରସ୍ଥିତ କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟର ପରିଚାଳକ ଭଗତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ବଲାଙ୍ଗୀର ଏସ୍‌ବିଆଇ ଶାଖାକୁ ଆଇଟି ବିଭାଗ ବିଭିନ୍ନ ସ୍ଥାନରୁ ଟଙ୍କାଭର୍ତ୍ତି ୧୭୬ଟି ବ୍ୟାଗ୍ ଆଣି ପହଞ୍ଚାଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରୁ ୫୦ଟି ମେଶିନରେ ୫୦ ଜଣ କର୍ମଚାରୀ ଟଙ୍କା ଗଣିବା ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ସେଥିରୁ ୧୦୨ଟି ବ୍ୟାଗ୍‌ର ଟଙ୍କା ଗଣତି ସାରିଛି। ତେବେ ଗଣତି ହୋଇଥିବା ଟଙ୍କାର ପରିମାଣ କେତେ ତାହା ବେହେରା କହି ନ ଥିବାବେଳେ ଏହା ୧୦୦ କୋଟି ଟପିଯାଇଥିବା କୁହାଯାଉଛି।

ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୪୦ଟି ବ୍ୟାଗ୍‌ରୁ ୪୬ କୋଟି ଟଙ୍କା ଗଣତି ହୋଇପାରିଥିଲା। ରାତିରେ ଆୟକର ବିଭାଗ ମଦଭାଟି ☞**ପୃଷ୍ଠା-୪**

# କାଶ୍‌ଭି ଗୌତମ ସବୁଠୁ ମହଙ୍ଗା

## ଓମେନ୍ସ ପ୍ରିମିୟର ଲିଗ୍



**ମୁମ୍ବାଇ, ୯।୧୨**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମୀ ଶନିବାର ଅନୁଷ୍ଠିତ ହୋଇଛି। ଅନେକ ଅଭିଜ୍ଞ ଖେଳାଳିଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜଗୁଡ଼ିକ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ଏଥିରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ୨ କୋଟି ଟଙ୍କା ମୂଲ୍ୟରେ ☞**ପୃଷ୍ଠା-୪**

# ଓଡ଼ିଶାରେ ୧୧,୯୪୦ ପୋକ୍ସୋ ମାମଲା

## ଦେଶର ଫାଷ୍ଟ ଟ୍ରାକ୍ କୋର୍ଟରେ ୨.୪୩ ଲକ୍ଷ ବିଚାରାଧୀନ

**ନୂଆଦିଲ୍ଲୀ, ୯।୧୨**

ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ଦୃଢ଼ ନୀତି ପ୍ରଣୟନ କରାଯିବା ସହ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରାଯାଉଥିବା ନେଇ କେନ୍ଦ୍ର ସରକାର ଦାବି କରିଆସୁଥିବାବେଳେ କ୍ୱଚିତ ପିଲାଙ୍କୁ ଛାଡ଼ିଦେଲେ ଲକ୍ଷ ଲକ୍ଷ ପିଲା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦେଶର ଫାଷ୍ଟ-ଟ୍ରାକ୍ ସ୍ପେଶାଲ କୋର୍ଟ (ଏଫ୍‌ଟିଏସ୍‌ସି)ଗୁଡ଼ିକରେ ଚଳିତ ବର୍ଷ ଜାନୁୟାରୀ ୩୧ ସୁଦ୍ଧା ୨.୪୩ ଲକ୍ଷରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଏକ ଏନ୍‌ଜିଓ ପକ୍ଷରୁ ପ୍ରକାଶିତ ଗବେଷଣା ସନ୍ଦର୍ଭରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ବିଚାରାଧୀନ ଥିବା ପୋକ୍ସୋ ମାମଲା ସଂଖ୍ୟା ୧୧,୯୪୦ ଥିବାବେଳେ ଏହା ତାଲିକାର ୧୫ତମ ସ୍ଥାନରେ ରହିଛି। ତଥ୍ୟ ଅନୁଯାୟୀ ଉତ୍ତରପ୍ରଦେଶରେ ସର୍ବାଧିକ ୬୭,୧୫୩ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ମାମଲା ବିଚାର ଅପେକ୍ଷାରେ ରହିଛି। ଏହା ପଛକୁ ମହାରାଷ୍ଟ୍ରର ଫାଷ୍ଟ-ଟ୍ରାକ୍ କୋର୍ଟଗୁଡ଼ିକରେ ୩୩,୦୭୨ ମାମଲା ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୨୨,୧୬୪, ବିହାରରେ ୧୫,୫୯୪ ମାମଲା ବିଚାରାଧୀନ ଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

୨୦୨୨ରେ ସାରା ଦେଶରେ ମାତ୍ର ୩ ପ୍ରତିଶତ ପୋକ୍ସୋ ମାମଲାର ବିଚାର ଶେଷ ହୋଇଥିଲା। ଇଣ୍ଡିଆ ଚାଇଲ୍ଡ ପ୍ରୋଟେକ୍ସନ ଫଣ୍ଡ(ଆଇସିପିଏଫ୍) ପକ୍ଷରୁ ପ୍ରକାଶିତ ଗବେଷଣାତ୍ମକ ସନ୍ଦର୍ଭ 'ଜଷ୍ଟିସ୍ ଆୱେଟ୍‌ସ: ଆନ୍ ଆନାଲିସିସ୍ ଅଫ୍ ଦି ଏଫିକେସି ଅଫ୍ ଜଷ୍ଟିସ୍ ଡେଲିଭରି ମେକାନିଜମ୍‌ସ ଇନ୍ କେସେସ୍ ଅଫ୍ ଚାଇଲ୍ଡ ସେକ୍ସୁଆଲ୍ ଆବ୍ୟୁଜ୍ ଇନ୍ ଇଣ୍ଡିଆ'ରେ କୁହଯାଇଛି, ଯଦି କୌଣସି ନୂଆ ମାମଲା ତାଲିକାରେ ଯୋଡ଼ା ନ ଯାଏ ତେବେ ଏହି ସମସ୍ତ ବକେୟା ମାମଲାକୁ ଫଇସଲା କରିବା ପାଇଁ ଅନ୍ୟୁନ ୯ ବର୍ଷ ଲାଗିଯିବ। ☞**ପୃଷ୍ଠା-୪**




# କଇଁଛ ପାଇଁ କ୍ଷେପଣାସ୍ତ୍ର ପରୀକ୍ଷା ବନ୍ଦ



**ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)**

ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ(ଆଇଟିଆର୍)ରୁ ୩ ମାସ ମିସାଇଲ ବା କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରହିବ। ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ସେମାନଙ୍କ ବଂଶ ବୃଦ୍ଧି ପାଇଁ ଓଡ଼ିଶା ଉପକୂଳକୁ ବାଛିଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ବାଲେଶ୍ୱରରୁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରୁ ଗଞ୍ଜାମ ଯାଏ ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମାଛଧରା ପାଇଁ ବାରଣ କରାଯାଇଥିବାବେଳେ ସେମାନଙ୍କ ଜୀବନଜୀବିକା ଲାଗି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ଚାନ୍ଦିପୁର ଅବଦୁଲ କଲାମ ଦ୍ୱୀପରେ ଜାନୁୟାରୀରୁ ମାର୍ଚ୍ଚ ଯାଏ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରଖିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ଅବଦୁଲ କଲାମ ଦ୍ୱୀପ ନିକଟରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥାନ। କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଶକ୍ତିଶାଳୀ ଆଲୋକ ଏବଂ ଭୟଙ୍କର ଶବ୍ଦ ହୋଇଥାଏ। ଫଳରେ କଇଁଛମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ସେଠାରେ ପରୀକ୍ଷଣ ବନ୍ଦ କରିବା ପାଇଁ କୁହାଯାଇଛି। ☞**ପୃଷ୍ଠା-୪**



# ୮୧ ଅଣ୍ଡା ଦେଲା ଅଲିଭ୍ ରିଡ୍‌ଲେ

ଅସ୍ତରଙ୍ଗ,୯।୧୨(ମମତା ଜେନା)

ବର୍ତ୍ତମାନ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଅସ୍ତରଙ୍ଗ ବନାଞ୍ଚଳରେ ପ୍ରଥମ କରି ଗୋଟିଏ କଇଁଛ ଦେବୀନାସିରେ ୮୧ଟି ଅଣ୍ଡା ଦେଇଥିବା ଫରେଷ୍ଟର ବିରଜା ମହାପାତ୍ର ସୂଚନା ଦେଇଛନ୍ତି। କଇଁଛ ଅଣ୍ଡା ଦେଇଥିବା ଉପକୂଳରେ ବନ ବିଭାଗର କର୍ମଚାରୀ ପାଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲେ। ସେହି ଅଣ୍ଡାକୁ ଦେବୀ ନାସିରେ ଥିବା ଅସ୍ଥାୟୀ ହାଚେରିରେ ରଖାଯାଇଛି। ଏଠାରେ ସୂଚନାଥାଉ କି, କିପରି କଇଁଛମାନେ କୂଳକୁ ଆସି ସୁରକ୍ଷିତ ଅଣ୍ଡା ଦେବେ ସେଥିପାଇଁ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଅଣ୍ଡାଗୁଡ଼ିକ ଛୁଆ ଫୁଟିବା ପର୍ଯ୍ୟନ୍ତ କିପରି ସୁରକ୍ଷିତ ରହିବ ସେଥିପାଇଁ ଦେବୀନାସି, ଜାହାନିଆ, ଦାଲୁକଣି, ଗଙ୍ଗାଦେବୀ ଏବଂ ଆଇଲ୍ୟାଣ୍ଡଠାରେ ଅସ୍ଥାୟୀ ହାଚେରି ପ୍ରସ୍ତୁତ କରାଯାଇଛି।



# ହାତୀ ପାଇଁ ପେଁକାଳି

କାମାକ୍ଷାନଗର,୯।୧୨(ଅମଜାଦ ଖାନ)

ରାତି ହେଲେ ଢାଉଁ ଢାଉଁ ବାଜୁଛି ଟିଣ। ହୁ ହୁ ହୋଇ ଜଳୁଛି ଟାୟାର ନିଆଁ। ପେଁକାଳିର ପେଁ ପାଁ ଶବ୍ଦରେ କମ୍ପୁଛି ଗାଁ ପାଖ ଧାନ ଖେତ। ହାତୀ, ବାର୍‌ହା ଆଦି ଜଙ୍ଗଲୀ ପ୍ରାଣୀଙ୍କ ମୁହଁରୁ ବର୍ଷକର ଫସଲ ବଞ୍ଚାଇବାକୁ ରାତି ଉଜାଗର ହୋଇ ଏମିତି ଉଦ୍ୟମ ଚଳାଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଅନେକ ଚାଷୀ। ବିଶେଷକରି ରାତିରେ ପେଁକାଳିର ବିକଟାଳ ଶବ୍ଦ ଏ କ୍ଷେତ୍ରରେ ସେମାନଙ୍କୁ ଅଧିକ ସଫଳତା ଦେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଉପଖଣ୍ଡ ଅଧୀନ କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଜଙ୍ଗଲ ନିକଟ ଗାଁଗୁଡ଼ିକରେ ଜଙ୍ଗଲୀ ପ୍ରାଣୀଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଛି। ଏବେ ଫସଲ ଅମଳ ଋତୁ ହୋଇଥିବାରୁ ବିଲରେ ପାଚିଥିବା ଧାନ ଖାଇବାକୁ ଦଳ ଦଳ ହାତୀ ଓ ବାର୍‌ହା ଖେତମୁହାଁ ହେଉଛନ୍ତି। ବନ ବିଭାଗ ହାତୀ ପଲଙ୍କୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ସଫଳ ହେଉ ନ ଥିବାରୁ ବାଧ ହୋଇ ଚାଷୀମାନେ ବର୍ଷକର ଆହାର ରକ୍ଷା କରିବାକୁ ଜମି ନିକଟରେ ପଲା ମାରି ରାତିରେ ଜଗି ରହୁଛନ୍ତି। ହାତୀ ଓ ବାର୍‌ହା ଯେପରି ଖେତ ପାଖକୁ ନ ଆସିବେ ସେଥିପାଇଁ ଚାଷୀମାନେ ଆଣିଥିବା ଟିଣକୁ ଜୋର୍‌ରେ ବଜାଉଛନ୍ତି। ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ପେଁକାଳି ଫୁଙ୍କୁଛନ୍ତି। ଟାୟାରରେ ନିଆଁ ଲଗାଇ ନିଜ ଉପସ୍ଥିତି ଜାହିର କରୁଛନ୍ତି। ଏ ସମ୍ପର୍କରେ କାମାକ୍ଷାନଗର ବ୍ଲକ ଆଳତୁମା ଗ୍ରାମର ଚାଷୀ ହିମାଦ୍ରି ଦାସ, ଗନ୍ଧୁରୁ ରାଉଳ, ପଞ୍ଚାନନ ଜେନା, ଗୁଲୁ ଜେନା, ଗୋବର୍ଦ୍ଧନ ରାଉଳ, କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣିର ଚାଷୀ ସ୍ୱାଧୀନ କୁମାର ସାହୁ କହିଛନ୍ତି, ରାତି ଉଜାଗର ହୋଇ ଖେତ ନ ଜଗିଲେ ବର୍ଷକର ପରିଶ୍ରମ ବୃଥା ହୋଇଯିବ। ଧାର କରଜ କରି କରିଥିବା ଫସଲ ଉଜୁଡ଼ିଯିବ। ପରିବାର ମୁହଁରେ ଆହାର ଦେବା କଷ୍ଟକର ହୋଇପଡ଼ିବ। ତେଣୁ ଜୀବନ ପ୍ରତି ବିପଦ ଥିବା ଜାଣି ମଧ୍ୟ ଜଙ୍ଗଲୀ ପ୍ରାଣୀଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ଏପରି ପନ୍ଥା ଆପଣାଇବାକୁ ବାଧ ହେଉଛୁ।

ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ହାତୀ ସ୍କ୍ୱାଡ୍ ଓ ପାଟ୍ରୋଲିଂ ଟିମ୍ ଦ୍ୱାରା ନିୟମିତ ଭାବରେ ପାଟ୍ରୋଲିଂ କରାଯାଉଛି। ଜିପିଏସ୍ ମାଧ୍ୟମରେ ଟ୍ରାକିଂ କରି ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ବାର୍‌ହା ପଲଙ୍କୁ ଘଉଡ଼ାଇବା ପାଇଁ ଗ୍ରାମ ଜଙ୍ଗଲ କମିଟି ସହାୟତାରେ ଟିମ୍ ଗଠନ କରାଯାଇଛି। ଏହାସତ୍ତ୍ୱେ ଯଦି ଫସଲ ନଷ୍ଟ ହେଉଥାଏ, ତା'ହେଲେ ନିୟମାନୁଯାୟୀ କ୍ଷତିପୂରଣ ଦିଆଯିବ।



ବନ୍ୟପ୍ରାଣୀଙ୍କ ମୁହଁରୁ ଫସଲ ବଞ୍ଚାଇବା ପାଇଁ ଚାଷୀମାନେ ରାତିରେ ନିଆଁ, ଟିଣ ଓ ପେଁକାଳିର ବ୍ୟବହାର କରୁଛନ୍ତି।

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟର ସମସ୍ତ ଯୁବତୀ ଯୁବକମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ବିଜୁ ଜନତା ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ନିବେଦନ।
ପ୍ରଦୀପ୍ତ କୁମାର ଭୂୟାଁ
ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦରଡ଼ା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ସତ୍ୟଭାମା ବେହେରା
ସରପଞ୍ଚ, ଦରଡ଼ା ଗ୍ରାମପଞ୍ଚାୟତ ବିଡ଼ିଡ଼ି ବ୍ଲକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପୁରଣ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ପୁନର୍ବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ଯୁଧିଷ୍ଠିର ବେହେରା
ସରପଞ୍ଚ, ପୁରଣ ଗ୍ରାମପଞ୍ଚାୟତ ବିଡ଼ିଡ଼ି ବ୍ଲକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ପ୍ରଦୀପ୍ତ କୁମାର ଦାଶ
ଜିଲ୍ଲା ସମ୍ପାଦକ, ଓଷ୍ଟା ଓ କାର୍ଯ୍ୟକାରୀ ସଭ୍ୟ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା, ଖବରଦାତା, ଏଜେଣ୍ଟ ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ଗ୍ରାମ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ମାନସୀରାଣୀ ରାଉତ
ସରପଞ୍ଚ, ବନ୍ତ ଗ୍ରାମପଞ୍ଚାୟତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଛୟାଳସିଂ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ନିରୁପମା ରାଉତ
ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା, ବନ୍ତ ବ୍ଲକ ତଥା ସମିତି ସଭ୍ୟା, ଛୟାଳସିଂ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ବଦ୍ରି ନାରାୟଣ ଧଳ
ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ନେତା, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ। ଆସନ୍ତୁ ସମସ୍ତେ ମିଳିମିଶି ଭଦ୍ରକ ନିର୍ବାଚନ ମଣ୍ଡଳୀକୁ ପ୍ରଗତି ପଥରେ ଆଗେଇନେବା।
ସଞ୍ଜୀବ କୁମାର ମଲ୍ଲିକ
ବିଧାୟକ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ରାଜେନ୍ଦ୍ର କୁମାର ଦାସ
ପୂର୍ବତନ ବିଧାୟକ, ଧାମନଗର

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ରାଜ୍ୟ ବିଜେଡି ସମ୍ପାଦକ ତଥା ଭଣ୍ଡାରୀପୋଖରୀ ବିଧାୟକଙ୍କ ପ୍ରତିନିଧି ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ରାଜ କିଶୋର ସ୍ୱାଇଁ
ବ୍ଲକ କଂଗ୍ରେସ ସଭାପତି, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଅଞ୍ଜୁବାଳା ଜେନା
ପୌର ଉପାଧ୍ୟକ୍ଷା, ଭଦ୍ରକ
ପ୍ରବୀର ଜେନା
ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ,ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଶିକ୍ଷକମାନଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଉତ୍ତମ କୁମାର ଦାସ
ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ମୁଖ୍ୟ ଉପଦେଷ୍ଟା

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପୌରପାଳିକାର ଉନ୍ନତି ଓ ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ସମସ୍ତେ ମିଶି ଭଦ୍ରକ ସହରକୁ ସୁସ୍ଥ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବା।
ଗୁଲମକ୍କୀ ଦଲାୱାଜୀ ହବିବ
ଅଧ୍ୟକ୍ଷା, ଭଦ୍ରକ ପୌରପାଳିକା

See Career Appointment on every Wednesday & Saturday

# କୁମ୍ଭୀର ସହ ସେଲ୍‌ଫି

## ଜୁନ୍, ଜୁଲାଇରେ ଯାଇଛି ୫ ଜୀବନ

କେନ୍ଦ୍ରାପଡ଼ା,୯।୧୨
(ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଦେଇ ପ୍ରବାହିତ ଗୋବରୀ ନଦୀପଠାରେ ଖରା ପୋଉଁଥିବା କୁମ୍ଭୀର ସହ ଜଣେ ଯୁବକ ଫଟୋ ଉଠାଉଛନ୍ତି।

ଶୀତୁଆ ସକାଳରେ ଖରା ପୋଉଁଛି କୁମ୍ଭୀର। ଏହାର ମାତ୍ର ୩୦ ହାତ ଦୂରରେ କୁମ୍ଭୀର ସହ ସେଲ୍‌ଫି ଉଠାଉଛନ୍ତି ଏକାଧିକ ଯୁବକ। ଜୀବନକୁ ବାଜି ଲଗାଇ ଏପରି ସେଲ୍‌ଫି ନେଉଥିବା ଯୁବକମାନେ ବୋଧେ ଜାଣିନାହାନ୍ତି କୁମ୍ଭୀର କେତେ ଭୟଙ୍କର। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଗ୍ରାମରେ ପ୍ରତିଦିନ ଏମିତି ଚାଲିଛି। ଗୋବରୀ ନଦୀପଠାରେ ଏବେ ପ୍ରାୟ ୫ଟି କୁମ୍ଭୀର ରହିଛନ୍ତି ବୋଲି ଗ୍ରାମବାସୀ କହୁଛନ୍ତି। ସେହି ଭୟରେ କେହି ନଦୀକୁ ଯାଉନାହାନ୍ତି। ଏପରି କି ନଦୀ ଜଳକୁ କ୍ଷେତରେ ମଡ଼ାଇବା କଥାକୁ ଗ୍ରାମବାସୀ ଭୁଲି ଯାଇଛନ୍ତି। ଏହି ଭୟଙ୍କର ଜୀବ ପାଇଁ ନଦୀକୁ ଶୌଚ ହେବାକୁ ଯିବା ପାଇଁ ଲୋକେ ଉଚିତ ମଣୁନାହାନ୍ତି। କାରଣ ଗତ ଜୁନ୍ ଓ ଜୁଲାଇ ମାସର ମାତ୍ର ୪୫ ଦିନ ମଧ୍ୟରେ ଏହି ଜିଲାରେ ୫ ଜଣଙ୍କ ଜୀବନ କୁମ୍ଭୀର ମୁହଁରେ ଯାଇଛି। ଖାଲି ମଣିଷ ନୁହନ୍ତି, ଗୃହପାଳିତ ପଶୁପକ୍ଷୀ ବି କୁମ୍ଭୀର ମୁହଁରୁ ବାଦ୍ ପଡିନାହାନ୍ତି। ଗ୍ରାମବାସୀଙ୍କ ଜୀବନ ସୁରକ୍ଷା, ପାନୀୟ ଜଳ ଓ କ୍ଷେତକୁ ପାଣି ମଡ଼ାଇବା, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ନଦୀକୁ କୁମ୍ଭୀର ମୁକ୍ତ କରିବାକୁ ଗ୍ରାମବାସୀ ଦାବି କରୁଥିବା ବେଳେ କେତେଜଣ ଯୁବକଙ୍କ ସେଲ୍‌ଫି ଉଠାଇବା ମଜା କାଳ ହୋଇପାରେ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଗ୍ରାମର ରତିକାନ୍ତ ବେଉରା, ଅଜୟ କୁମାର ରାଉତ, ସଜନୀ ସେଠୀ, ହେମଲତା ସେଠୀ ପ୍ରମୁଖ କହିଛନ୍ତି, ଗୋବରୀ ନଦୀ ଏବେ କୁମ୍ଭୀରପ୍ରବଣ ହୋଇଗଲାଣି। ପୂର୍ବରୁ ଜାତୀୟ ଉଦ୍ୟାନ ଭିତରକନିକାରେ ଏହି ଭୟଙ୍କର ଜୀବଙ୍କୁ ଦେଖିବାକୁ ମିଳୁଥିଲା। କୁମ୍ଭୀର ଏବେ ୮୦ କି.ମି. ଦୂର ଡଅଁରଗଣ୍ଡ ଗ୍ରାମରେ ଆତଯାତ ହେଉଛନ୍ତି। ନଦୀପଠାରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ପଠାରେ ଗୋରୁମାନଙ୍କ ସହିତ ଛେଳି ମେଣ୍ଢା ବି ଚରିଥାଆନ୍ତି। ଗତ ସପ୍ତାହରେ ଗୋଟିଏ ଛେଳିକୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ନଦୀକୁ ଲାଗି ଚାଷଜମି ରହିଛି। ନଦୀଜଳ ଚାଷ କାମରେ ଲାଗିଥାଏ। ମାତ୍ର କୁମ୍ଭୀର ଭୟରେ ଚାଷ କରିବା ବିପଦ ହୋଇଛି। ସେହିପରି ଗ୍ରାମ ନିକଟରେ ଗୋବରୀ ନଦୀ ଥିବାରୁ ଭୟ ବଢୁଛି। ନଦୀକୁ ଶୌଚ ପାଇଁ ଯାଇହେଉନାହିଁ। ଏପରିକି ଗ୍ରାମକୁ କୁମ୍ଭୀର ଆସିବା ଭୟ ଲାଗିଯାଇଛି। ଏହି ଅଞ୍ଚଳରେ ୩ ଫୁଟରୁ ପ୍ରାୟ ୧୦ ଫୁଟ୍ ଲମ୍ବର ୩ରୁ ୫ଟି କୁମ୍ଭୀର ଦେଖିବାକୁ ମିଳୁଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଜନଜୀବନ ସୁରକ୍ଷା ପାଇଁ ନଦୀରୁ କୁମ୍ଭୀରକୁ ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି।

ମାର୍ଶାଘାଇର ବୁଦ୍ଧିଜୀବୀ ପ୍ରମୋଦ କୁମାର ଦାସ କହିଛନ୍ତି, କୁମ୍ଭୀର ବଂଶବୃଦ୍ଧି ଓ ଆକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଜାତୀୟ ଉଦ୍ୟାନ ଭିତରକନିକାରେ ବନ ବିଭାଗ ପକ୍ଷରୁ ଗଣନା ଅନୁଯାୟୀ ମାତ୍ର ୧୭୯୩ଟି କୁମ୍ଭୀର ଅଛି। ତେବେ ବାସ୍ତବରେ କୁମ୍ଭୀରଙ୍କ ସଂଖ୍ୟା ବହୁତ ବଢ଼ିଛି। ଏବେ ଗଣନା ସ୍ଥଳକୁ ଛାଡି ଜିଲାର ବିଭିନ୍ନ ନଦୀ, ପୋଖରୀରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ଗତ ଜୁନ୍ ଓ ଜୁଲାଇ ମାସର ୪୫ ଦିନ ମଧ୍ୟରେ ୫ ଜଣଙ୍କ ଜୀବନ ଯାଇଛି। ସେହିପରି ଅଗଷ୍ଟ ମାସରେ ଜଣଙ୍କ ମୃତ୍ୟୁ ଘଟିଛି। ଗୋବରୀ ନଦୀକୂଳରେ ଥିବା କୁମ୍ଭୀର ସହ ସେଲ୍‌ଫି ନେବା ମଜାଠାରୁ ଆକ୍ରମଣ ସଜା ଅଧିକ ହୋଇଯିବ। ଏଥିପ୍ରତି ସାବଧାନ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଭିତରକନିକା ରେଞ୍ଜ ଅଧିକାରୀ ମାନସ ଦାସ କହିଛନ୍ତି, ପ୍ରଜନନ ସମୟରେ ଅଧିକ ଖାଦ୍ୟ ପାଇଁ କେତେକ କୁମ୍ଭୀର ନଦୀକୁ ବାଛିଥାନ୍ତି। ଏହି ଭୟଙ୍କର ଜୀବ ସହିତ ସେଲ୍‌ଫି ନେବା ମରଣକୁ ବରଣ କରିବା ସହ ସମାନ। ଏହି ଜୀବଙ୍କୁ ଉତ୍ତ୍ୟକ୍ତ କଲେ ଅଧିକ ଭୟଙ୍କର ହୋଇଥାନ୍ତି। ଯୁବବର୍ଗ ଏଥିରୁ ନିବୃତ୍ତ ରହିବା ଉଚିତ। ଏଥିସହିତ ଉପଦ୍ରବ ଅଞ୍ଚଳରୁ କୁମ୍ଭୀର ସ୍ଥାନାନ୍ତର ହେଉଥିବା ରେଞ୍ଜ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ସ୍ତ୍ରୀ କଟାମୁଣ୍ଡ ଧରି ଥାନାରେ ସ୍ୱାମୀ

ନୟାଗଡ଼/ଦଶପଲ୍ଲା, ୯।୧୨
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ସ୍ତ୍ରୀର କଟାମୁଣ୍ଡ ଧରି ଜଣେ ଯୁବକ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନାରେ ଶନିବାର ସନ୍ଧ୍ୟାରେ ଆତ୍ମ ସମର୍ପଣ କରିଛନ୍ତି। ସେ ଏକ ଜରିରେ କଟା ମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ନେଇ ଥାନାରେ ପହଞ୍ଚି ଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ କିଛି ପ୍ରଶ୍ନ ପଚାରିବା ପୂର୍ବରୁ ସେ ଜଣେ ମହିଳାଙ୍କ କଟାମୁଣ୍ଡ ଓ କଟୁରିକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଥିଲା। ଉକ୍ତ ଥାନା ଅଧୀନ କୁଜାମେଣ୍ଡି ପଞ୍ଚାୟତ ବିଡାପାଜୁ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବିଡାପାଜୁ ଗାଁର ଧରିତ୍ରୀ ବାଗ୍ (୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍ୱାମୀ ଅର୍ଜୁନ ବାଗ(୩୫)ଙ୍କୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନୟାଗଡ଼ ଜିଲାରେ ପ୍ରଥମ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବିଡାପାଜୁ ଗାଁର ଅର୍ଜୁନ ବାଗ୍ ୨୦୧୮ରେ ଧରିତ୍ରୀଙ୍କୁ ବିବାହ କରିଥିଲେ। ପରିବାର ଚଳାଇବା ପାଇଁ ଗାଁ ପାଖ କଙ୍କଣମେଣ୍ଡିଠାରେ ସେ ଏକ ଦୋକାନ କରିଛନ୍ତି। ଏହି ଦମ୍ପତିଙ୍କ ୪ ବର୍ଷର ପୁଅ ଓ ୩ ମାସର ଏକ ଝିଅ ଅଛନ୍ତି। ସେମାନଙ୍କ ଛୋଟ ପରିବାର ହସଖୁସିରେ କିଛିଦିନ ଚାଲିଥିଲା। ତେବେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଅର୍ଜୁନ ଜାଣିବା ପରେ ଅଶାନ୍ତି ଲାଗି ରହିଥିଲା। ଏହାକୁ ନେଇ କିଛିଦିନ ହେଲା ଅର୍ଜୁନ ଚିନ୍ତାରେ ଥିଲେ। ଏପରି କି ଦୋକାନ ମଧ୍ୟ ଠିକ୍‌ରେ ଖୋଲୁ ନ ଥିଲେ। ଏହି ଘଟଣାକୁ ନେଇ ଶନିବାର ଅପରାହ୍ନରେ ଧରିତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅର୍ଜୁନ ଏକ କଟୁରିରେ ତାଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ପରେ କଟାମୁଣ୍ଡ ଧରି ବାଣିଗୋଛା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଥାନାରେ ହତ୍ୟାର କାରଣ କହିବା ସହ କଟାମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ହସ୍ତାନ୍ତର କରିଥିଲେ। ଏପରି କି ଅର୍ଜୁନ ପୋଲିସ ସହ ଘରେ ପହଞ୍ଚି କିପରି ଧରିତ୍ରୀଙ୍କୁ ହତ୍ୟା କଲେ ତା'ର ଡେମୋ ଦେଖାଇଥିଲେ। ହତ୍ୟା ଘଟଣା ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ହତ୍ୟାର ପ୍ରକୃତ କାରଣକୁ ନେଇ ପୋଲିସ ତଦନ୍ତ କରୁଛି। ସ୍ତ୍ରୀର କଟାମୁଣ୍ଡ ଧରି ଅର୍ଜୁନ ଥାନାରେ ପହଞ୍ଚି ଥିଲେ। ପୋଲିସକୁ ହତ୍ୟାକାରୀ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

# ଆଇଆର୍‌ସିଟିସି କର୍ମଚାରୀଙ୍କ ଅନୁଚିତ ବ୍ୟବହାର

## ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ଯାଜପୁର,୯।୧୨
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ବରିଷ୍ଠ ନାଗରିକମାନେ ଭାରତର ବିଭିନ୍ନ ତୀର୍ଥ ସ୍ଥାନ ବୁଲି ଆନନ୍ଦ ଅନୁଭବ କରିବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା (ବିଏନ୍‌ଟିୱାଇୱାଇ)ହୋଇଛି। ଟ୍ରେନରେ ବସିବା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଉଦ୍ୟମ ତୀର୍ଥଯାତ୍ରୀଙ୍କୁ ବହୁ ଖୁସି ଦେଇଛି। କିନ୍ତୁ ଟ୍ରେନ ଛାଡ଼ିବା ପରେ ଆଇଆର୍‌ସିଟିସି(ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜମ କର୍ପୋରେଶନ ଲିଃ) କର୍ମଚାରୀଙ୍କ ଅନୁଚିତ ବ୍ୟବହାର ଯାତ୍ରୀମାନଙ୍କୁ ବହୁତ ଦୁଃଖ ଦେଇଛି। ଏନେଇ ତୀର୍ଥ ଯାତ୍ରୀ ଗୋବିନ୍ଦ ମିଶ୍ର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଦୀପକ ରାଉତରାୟ ତୁରନ୍ତ ତଦନ୍ତକରି ପଦକ୍ଷେପ ଗ୍ରହଣ କରିବାକୁ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

୨୨।୧୧।୨୦୨୩ରୁ ଆରମ୍ଭ ହୋଇଥିବା ତୀର୍ଥଯାତ୍ରା ସମ୍ପର୍କରେ ଗୋବିନ୍ଦ ମିଶ୍ରଙ୍କ ଅଭିଯୋଗ ମୁତାବକ ଆଇଆର୍‌ସିଟିସି କର୍ମଚାରୀଙ୍କ ବ୍ୟବହାର ବରିଷ୍ଠ ବ୍ୟକ୍ତିମାନଙ୍କୁ ହତାଶ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାଇଥିବା ଗାଇଡ ଓ କର୍ମଚାରୀମାନେ ଆଇଆର୍‌ସିଟିସି ପାଖରେ ସତେ ଯେମିତି ବିକ୍ରି ହୋଇଯାଉଛନ୍ତି। ଆଇଆରସିଟିସି ତରଫରୁ ୩ ଥର ଭଲ ଖାଦ୍ୟ ଦେଲେ, ବାକି ୬ ଥର ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ପାନୀୟ ଜଳର ଗୁଣବତ୍ତା ଠିକ୍ ରହୁନାହିଁ। କିଟ୍ ବ୍ୟାଗ୍‌ରେ କାହାର ପେଷ୍ଟ ନାହିଁ ତା କାହାର ବ୍ରଶ ଓ ଦର୍ପଣ ନ ଥିଲା। ଟ୍ରେନ ପାଇଖାନା ବହୁତ ଅପରିଷ୍କାର ଥିଲା। ହରିଦ୍ୱାରରେ ପହଞ୍ଚିବା ପରେ ଯେଉଁ ଧର୍ମଶାଳାରେ ରଖାଗଲା, ସେଠାରେ ଗୋଟିଏ ବେଡ୍‌ରେ ୨ଜଣ ଲେଖାଏ ବରିଷ୍ଠଙ୍କୁ ଶୋଇବାକୁ ବାଧ କରାଗଲା। ଆଇଆର୍‌ସିଟିସି କର୍ମଚାରୀ ଔଷଧପତ୍ର ଠିକ୍ ଭାବେ ନ ଦେବାରୁ ଜଣେ ବରିଷ୍ଠ ଯାତ୍ରୀଙ୍କ ମୃତ୍ୟୁ ହେଲା। ଏପରିକି ଆଇଆର୍‌ସିଟିସି କର୍ମଚାରୀ ମୋହନ ଥାପ୍ପା ବରିଷ୍ଠ ଯାତ୍ରୀମାନଙ୍କୁ ବହୁତ ଗାଳିମନ୍ଦ କରିଥିଲେ। ବିଡ଼ମ୍ବନା ଯେ ଯେଉଁ ମତାମତ ଫର୍ମ ଦିଆଗଲା ସେଥିରେ କେବଳ ଯାତ୍ରୀମାନଙ୍କ ଦସ୍ତଖତ ନେଲେ ଏବଂ ସେମାନେ ନିଜେ ପୂରଣ କଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏଭଳି ଅନେକ ଅବ୍ୟବସ୍ଥା ଯୋଗୁ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ ବିଫଳ ହେଉଛି ବୋଲି ମତପ୍ରକାଶ ପାଇଛି।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ପ୍ଲମ୍ବର
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଇମେଲ୍ ଠିକଣାରେ ଦରଖାସ୍ତ ପଠାଇବେ
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।






**ଆଜିର ମନ୍ତବ୍ୟ**

"ମହିଳାମାନେ ମିଳିତ ଭାବେ କୌଣସି ପ୍ରକାର ଆହ୍ୱାନର ମୁକାବିଲା ପାଇଁ ସକ୍ଷମ। ଏହି ବଡ଼ ଜାତିରେ ଫାଟ ସୃଷ୍ଟିକରି ସେମାନଙ୍କୁ ବିଭାଜନ ଉଦ୍ୟମ କରା ନ ଯାଉ।" –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାହାଣୀ ହୋଇ ଲାଗେ**
**ଗୁଣିଆ ହୋଇ ଛଡ଼ାଏ।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାହୁକ ପିଉଛି ପାଣି**
**ମୋ କରମରେ କି ଏଇଆ ଥିଲା**
**ନଅତୁଣ୍ଡି ସଉତୁଣୀ ?**

ହସଖୁସିରେ ଚାଲୁଥିବା ଦାମ୍ପତ୍ୟ ଜୀବନରେ ଯେବେ ତୃତୀୟ ବ୍ୟକ୍ତିର ଆଗମନ ଘଟେ ସେତେବେଳେ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇଥାଏ। ସୁଖର ସଂସାର ଉପରେ କିଏ ନଜର ପକାଇଲା ଭଳି ସଉତୁଣୀ ଆସିବା ଫଳରେ ପ୍ରଥମ ପତ୍ନୀର ଜୀବନ ଦୁର୍ବିଷହ ହୋଇପଡ଼େ। ସ୍ୱାମୀ ସହ ଥିବା ପୂର୍ବ ସମ୍ପର୍କର ମଧୁରତା ନଷ୍ଟ ହେବା ସହ ନିଜକୁ ସେ ଅତ୍ୟନ୍ତ ଅସହାୟ ମନେକରିଥାଏ। ଏ ପରିସ୍ଥିତିରେ ସେ ନିଜ ପୋଡ଼ା ଭାଗ୍ୟକୁ ନିନ୍ଦି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ







ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମନ୍ତ୍ରୀଙ୍କୁ ଗୁହାରି କରିବାକୁ ୨୫ କି.ମି. ଚାଲିଲେ

**ରାୟଗଡ଼ା,୯।୧୨(ଆଶିଷ ରଞ୍ଜନ ପଣ୍ଡା)**

ଅବ୍ୟବସ୍ଥା ଘେରରେ ଥିବା ରାୟଗଡ଼ା ବଡ଼ରାଇସିଂ ଆଶ୍ରମ ସ୍କୁଲ ହଷ୍ଟେଲରେ ଅନ୍ତେବାସୀଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ। ଖାଇବାକୁ ମାଗିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏଥିରେ ଅତିଷ୍ଠ ହୋଇ ୪ ଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଶନିବାର ଭୋର ୩ଟାରୁ ଲୁଚିକରି ହଷ୍ଟେଲ ଗେଟ୍ ଡେଇଁ ପ୍ରାୟ ୨୫ କି.ମି . ଚାଲି ଚାଲି ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ସର୍କିଟ ହାଉସ୍‌ରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ସାବୁନ ମଧ ଦିଆଯାଉ ନାହିଁ। ସେମାନେ ମାଗିଲେ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନା ସେମାନଙ୍କୁ ମାଡ଼ ମାରିବା ସହ ସ୍କୁଲରୁ ବିତାଡ଼ିତ କରିବା ଭୟ ଦେଖାଉଛନ୍ତି। ଏପରି କି ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ତେଲୁଗୁ ଭାଷାରେ ପାଠ ପଢ଼ାଉଛନ୍ତି । ପାଠ ବୁଝିପାରୁ ନ ଥିବା କହିଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଉଛନ୍ତି। ତେଣୁ ବାଧହୋଇ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିବା ମନ୍ତ୍ରୀଙ୍କୁ ଛାତ୍ରମାନେ କହିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ୨୪୦ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ର ଏହି ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସେଠାରେ ରହି ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷକ ସୁନା କହିଛନ୍ତି, ଖାଇବା ପାଇଁ ପିଲାଙ୍କୁ ଠିକ୍ ଭାବରେ ଦିଆଯାଉଛି। ପିଲାଙ୍କୁ ମାଡ଼ ମରାଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏ ନେଇ ମନ୍ତ୍ରୀ ସାରକା କହିଛନ୍ତି, ଉକ୍ତ ସ୍କୁଲରେ ତେଲୁଗୁ ଭାଷାରେ ପାଠ ପଢ଼ାଯାଉଥିବା ଏବଂ ସ୍କୁଲରେ ମାଡ଼ ମରାଯାଉଥିବା ପିଲାମାନେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ବୋଲି କହିଛନ୍ତି।



ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଛାତ୍ରମାନେ ସମସ୍ୟା ଜଣାଉଛନ୍ତି ।

# ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପୂର୍ଣ୍ଣ

## ଉତ୍କଳିନୀର ବାର୍ଷିକ ଉତ୍ସବ

**ନୂଆଦିଲ୍ଲୀ,୯।୧୨**

ଉତ୍କଳିନୀର ୪୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀର ସିଭିଲ୍ ସର୍ଭିସେସ ଅଫିସର୍ସ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କହିଥିଲେ, ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପରିପୂର୍ଣ୍ଣ। ଓଡ଼ିଶାର ଯୋଗିନୀ ମନ୍ଦିର ଓଡ଼ିଆ ସମାଜର ନାରୀ ସଶକ୍ତୀକରଣର ପ୍ରମାଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ଡ. ମୃଦୁଳା ଠାକୁର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ନୋଇଡାର ଏନ୍‌ଜିଓ ସଂସ୍ଥା ଶ୍ରୀକୃପା ଦ୍ୱାରା ପରିଚାଳିତ ଅନାଥାଶ୍ରମ ବାଲ୍ କୁଟୀରକୁ ଉତ୍କଳିନୀ ତରଫରୁ ଡ. ପ୍ରଧାନ ୨୫,୦୦୦ ଟଙ୍କାର ପ୍ରତୀକାତ୍ମକ ଦାନ ଦେଇଥିଲେ। 'ଲାବଣ୍ୟବତିର ସ୍ୱପ୍ନ' ନାଟକର ରଚୟିତା ଅଭୟ କୁମାର ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀ ଏନ୍‌ସିଆର୍‌ରେ ଓଡ଼ିଆ ମହିଳାମାନଙ୍କର ପରିଚୟ ସୃଷ୍ଟି କରିବାରେ ସହାୟତା କରୁଥିବା ଉତ୍କଳିନୀର ଭୂମିକା ସମ୍ପର୍କରେ ଏହାର ଅଧ୍ୟକ୍ଷ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ରଥ ସୂଚନା ଦେଇଥିଲେ। ଉତ୍କଳିନୀର ସମ୍ପାଦିକା ସୁଭ୍ରାଲିନା ମହାନ୍ତି ଧନ୍ୟବାଦ ଦେଇଥିଲେ।







## ପ୍ରଥମ ପୃଷ୍ଠାରୁ...

### ଟଙ୍କା ବ୍ୟାଗ୍‌ରେ...

ମ୍ୟାନେଜର ବଣ୍ଟି ସାହୁଙ୍କ ସୁଦପଡ଼ା ଭଡାଘରେ ଚଢ଼ାଉ କରିବାରୁ ୧୯ଟି ବ୍ୟାଗ ଭର୍ତ୍ତି ଟଙ୍କା ମିଳିଥିଲା। ଏହା ୫୦ କୋଟି ଟଙ୍କା ହୋଇଥିବା ଅନୁମାନ କରାଯାଇଥିଲା। ପୂର୍ବରୁ ୧୫୬ଟି ବ୍ୟାଗ୍ ଟଙ୍କା ଜବତ କରାଯାଇଥିଲା। ବ୍ୟାଙ୍କ କ୍ଷେତ୍ରୀୟ ପରିଚାଳକ ବେହେରା କହିଛନ୍ତି ଯେ, ଏବେବି ତାଙ୍କ ପାଖରେ ୭୪ଟି ବ୍ୟାଗ୍‌ରେ ଟଙ୍କା ଗଣତି ପାଇଁ ରହିଛି। ରବିବାର ସେଗୁଡ଼ିକୁ ଗଣାଯିବ। ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ଟଙ୍କା ଗଣତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ବଲାଙ୍ଗୀର ଆଖପାଖ ଚୁଡାପାଲି, ପାଟଣାଗଡ଼, ଲୋଇସିଂହା ଓ ଅନ୍ୟ ବ୍ୟାଙ୍କରେ ଥିବା ପ୍ରାୟ ୫୦ଟି ଟଙ୍କା ଗଣତି ମେଶିନ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଅଣାଯାଇଥିଲା।

ଶନିବାର ବ୍ୟାଙ୍କ ପରିସରରୁ କଡ଼ା ସୁରକ୍ଷା ଭିତରେ ଭାଟି ମ୍ୟାନେଜର ବଣ୍ଟି ସାହୁଙ୍କୁ ପୁଣି ଥରେ ସୁଦପଡ଼ା ଭାଟି ଓ ତାଙ୍କ ଭଡ଼ାଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମାରାଥନ୍ ଜେରା କରି ଆଉ କେଉଁଠି ଟଙ୍କା ରହିଛି କହିବାକୁ କୁହାଯାଇଥିଲା। ମିଳିଥିବା ସୂଚନା ମୁତାବକ ସୁଦପଡ଼ା ଭାଟିରେ ଥିବା ଏକ ଲକରକୁ ଶନିବାର ଆୟକର ବିଭାଗ ଖୋଲିବାକୁ ଚେଷ୍ଟା କରିଥିଲା। ଲକରରେ କେବଳ ଟଙ୍କା ରହିଛି ନା ସୁନାରୁପା ରହିଛି ତାହା ସ୍ପଷ୍ଟ ହେଉନାହିଁ। ଅପରାହ୍ଣରେ ବଲାଙ୍ଗୀର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ସୁଦପଡ଼ା ମଦଭାଟିକୁ ଯାଇଥିଲେ। ଭାଟିରେ କେତେ ପରିମାଣର ମଦ ତିଆରି କରିବା କ୍ଷମତା ରହିଛି, କେତେ ମହୁଲ ରଖିପାରିବା ଅନୁମତି ରହିଛି, କେତେ ପରିମାଣର ମହୁଲରୁ କେତେ ପରିମାଣ ମଦ ତିଆରି ହୁଏ ଏବଂ ଏହାର ମୂଲ୍ୟ କେତେ ତାକୁ ନେଇ ଆୟକର ବିଭାଗ ଅଧିକାରୀମାନେ ଅବକାରୀ ଅଧୀକ୍ଷକଙ୍କଠାରୁ ସୂଚନା ମାଗିଥିଲେ। ସବୁତକ ସୂଚନା ଦେବା ପରେ ଅଧୀକ୍ଷକ ସେଠାରୁ ଆସିଥିଲେ।

ଅନ୍ୟପକ୍ଷରେ ଆୟକର ବିଭାଗ ପକ୍ଷରୁ ଶନିବାର ଟିଟିଲାଗଡ଼ ମଦଭାଟିରେ ପୁଣି ଥରେ ଚଢ଼ାଉ କରାଯାଇଛି। ସେଠାରେ ବାସ୍ତବରେ କେତେ ଟଙ୍କା ମିଳିଛି ଜଣାପଡୁନାହିଁ। ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ପତ୍ତା ମିଳୁ ନ ଥିବାରୁ ସେମାନେ ଫେରାର ହୋଇଥିବା ଚର୍ଚ୍ଚା ହେଉଛି। ଟଙ୍କା ଯାଞ୍ଚ କରିବାକୁ ହାଇଦ୍ରାବାଦ୍‌ରୁ ଏକ ବିଶେଷଜ୍ଞ ଦଳ ବଲାଙ୍ଗୀର ଆସୁଥିବା କୁହାଯାଉଛି। ସିଆଇଏସ୍‌ଏଫ୍‌ର ୪୦ ଜଣ ସୁରକ୍ଷା କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇ ବ୍ୟାଙ୍କ ଓ ମଦଭାଟି ଜଗିଛନ୍ତି।

### କଇଁଛ ପାଇଁ କ୍ଷେପଣାସ୍ତ୍ର ...

ସେହିଭଳି ଜଙ୍ଗଲ ବିଭାଗ ପକ୍ଷରୁ ସତର୍କ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମୁଦ୍ର କୂଳରେ ଲୋକଙ୍କ ଅଯଥା ଚଳପ୍ରଚଳ ଉପରେ ରୋକ୍ ଲଗାଯାଇଛି। ସୂଚନାଯୋଗ୍ୟ, ବିଶ୍ୱରେ ଅଲିଭ ରିଡ୍‌ଲେଙ୍କ ସଂଖ୍ୟା ଦିନକୁ ଦିନ କମୁଥିବା ବେଳେ ଓଡ଼ିଶା ଉପକୂଳରେ ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଅଣ୍ଡାଦାନ କରିଥାନ୍ତି। ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେ କଇଁଛ ପ୍ରଜନନ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଗହୀରମଥା ସବୁଠୁ ନିରାପଦ ସ୍ଥାନ। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ଅଣ୍ଡାଦାନ ପାଇଁ ଆସିଥାନ୍ତି। ଜାନୁୟାରୀରୁ ମେ' ଯାଏ ଅଣ୍ଡାଦାନ ପ୍ରକ୍ରିୟା ଚାଲିଥାଏ। ତେଣୁ ଏହି ପ୍ରକ୍ରିୟା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ଜଙ୍ଗଲ ବିଭାଗ ତତ୍ପରତା ଦେଖାଇଛି। ଏଥିସହ ବିଲୁପ୍ତ ପ୍ରାୟ ଏହି ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଅନେକ ପ୍ରତିଷେଧକ ପଦକ୍ଷେପ ନେଇଛନ୍ତି।

### କାଶ୍‌ଭି ଗୌତମ ...

ବିକ୍ରି ହୋଇଛନ୍ତି ଅନକ୍ୟାପ୍‌ଡ ଭାରତୀୟ ଖେଳାଳି କାଶ୍‌ଭି ଗୌତମ। ଏହା ସହିତ ସେ ଚଳିତ ସିଜନର ସବୁଠୁ ମହଙ୍ଗା ଭାରତୀୟ ଖେଳାଳି ରହିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଆନାବେଲ ସଦରଲାଣ୍ଡଙ୍କୁ ସମାନ ୨ କୋଟି ମୂଲ୍ୟରେ କ୍ରୟ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଚଣ୍ଡୀଗଡ ପକ୍ଷରୁ ଖେଳୁଥିବା ୨୦ବର୍ଷୀୟ କାଶ୍‌ଭିଙ୍କୁ ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ଚୁକ୍ତି କରାଯାଇଛି। ୨୦୨୦ ମସିହାରେ ଗୋଟିଏ ଇନିଂସରେ ୧୦ ଉଇକେଟ ନେବାର ରେକର୍ଡ କରିଥିଲେ କାଶ୍‌ଭି। ସେହିପରି ନିକଟରେ ଶେଷ ହୋଇଥିବା ଜାତୀୟ ମହିଳା ଟି୨୦ ଚାମ୍ପିୟନଶିପ୍‌ରେ ସେ ୭ ମ୍ୟାଚରୁ ୧୨ ଉଇକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଇକୋନୋମୀ ୪.୧୪ ରହିଥିବା ବେଳେ ହଂକଂରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଇମର୍ଜିଂ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏପରିକି ଇଂଲଣ୍ଡ ବିପକ୍ଷରେ ଖେଳା ଯାଇଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ସେ ଭାରତ 'ଏ' ଦଳରେ ସ୍ଥାନ ପାଇଥିଲେ। ଏହି ସିରିଜରେ କାଶ୍‌ଭି ୨ ମ୍ୟାଚ୍ ଖେଳି ୩ଟି ଉଇକେଟ ନେଇଥିଲେ। ଶନିବାର ନିଲାମୀରେ କାଶ୍‌ଭିଙ୍କୁ କିଣିବା ପାଇଁ ଗୁଜରାଟ, ୟୁପି ୱାରିୟର୍ଜ ଓ ଆରସିବି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିଲା। କାଶ୍‌ଭିଙ୍କ ମୂଲ୍ୟ ୭୫ ଲକ୍ଷରେ ପହଞ୍ଚିବା ପରେ ୟୁପି ବିଡ୍‌ରେ ସାମିଲ ହୋଇଥିଲା। ତେବେ ୨ କୋଟି ପହଞ୍ଚିବା ପରେ ୟୁପି ଓହରି ଯାଇଥିଲା। ୧୪ ବର୍ଷରୁ କ୍ରିକେଟ ଖେଳିବା ଆରମ୍ଭ କରିଥିବା କାଶ୍‌ଭି ୨୦୨୦ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ନେଇଥିଲେ। ନିଲାମୀରେ କାଶ୍‌ଭିଙ୍କ ବ୍ୟତୀତ ଆଉ ଜଣେ ଅନକ୍ୟାପ୍‌ଡ ଖେଳାଳି ବ୍ରିନ୍ଦା ଦୀନେଶ ୧.୩ କୋଟି ଟଙ୍କାରେ ୟୁପି ୱାରିୟର୍ଜଙ୍କୁ ବିକ୍ରି ହୋଇଛନ୍ତି।

### ଓଡ଼ିଶାରେ ୧୧,୯୪୦ ...

ତେବେ ଅରୁଣାଚଳପ୍ରଦେଶ, ବିହାର ଭଳି କେତେକ ରାଜ୍ୟରେ ଏତେ ସଂଖ୍ୟାରେ ପୋକ୍ସୋ ମାମଲା ପଡ଼ିରହିଛି, ଯାହାକୁ କ୍ଲିୟର କରିବା ପାଇଁ ୨୫ ବର୍ଷରୁ ଅଧିକ ସମୟ ଲାଗିବ। ଉକ୍ତ ରିପୋର୍ଟ ଦେଶର ନ୍ୟାୟ ବ୍ୟବସ୍ଥାର ସାମର୍ଥ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ଲଗାଇଛି। ପୋକ୍ସୋ ମାମଲାଗୁଡ଼ିକର ବିଚାର ବିଳମ୍ବ ହେବା ପାଇଁ ୩ଟି ମୁଖ୍ୟ କାରଣ ଦାୟୀ ବୋଲି ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସାଗର ପାଣିଗ୍ରାହୀ କହିଛନ୍ତି। ପଥମଃ କାରଣ ହେଲା ଫାଷ୍ଟ–ଟ୍ରାକ୍ କୋର୍ଟଗୁଡ଼ିକୁ ଅନ୍ୟାନ୍ୟ ମାମଲାଗୁଡ଼ିକର ମଧ୍ୟ ବିଚାର କରିବାକୁ ଦାୟିତ୍ୱ ଦିଆଯାଇଛି। ଦ୍ୱିତୀୟରେ ଅଧିକାଂଶ ମାମଲାରେ ଅପରାଧୀ ହେଉଛନ୍ତି ଅଭିଯୋଗ ପକ୍ଷ। ତେଣୁ ଚାର୍ଜଶିଟ୍ ଦାଖଲ ସମୟରେ ଆବଶ୍ୟକ ତତ୍ପରତା ପ୍ରକାଶ ପାଉନାହିଁ। ତୃତୀୟରେ କୋଭିଡ୍ ମହାମାରୀ ସମୟରେ ସାଇବର ସମ୍ପର୍କିତ ପୋକ୍ସୋ ମାମଲା ଯଥେଷ୍ଟ ବୃଦ୍ଧି ପାଇଥିଲା। ଶିଶୁ ଯୌନ ଉତ୍ପୀଡ଼ନର ପୀଡ଼ିତମାନଙ୍କୁ ନ୍ୟାୟ ପ୍ରଦାନ ଲାଗି କେନ୍ଦ୍ର ସରକାର ଫାଷ୍ଟ–ଟ୍ରାକ୍ କୋର୍ଟ ଖୋଲିବା ଲାଗି ୨୦୧୯ରେ ଐତିହାସିକ ନିଷ୍ପତ୍ତି ନେଇଥିଲେ। ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ମଞ୍ଜୁର କରିବା ସତ୍ତ୍ୱେ ସେମାନଙ୍କ ପାଇଁ ନ୍ୟାୟ ସ୍ୱପ୍ନ ପାଲଟିଛି। ଗତ ଜାନୁୟାରୀ ସୁଦ୍ଧା ଅରୁଣାଚଳପ୍ରଦେଶରେ ଯେତିକି ପୋକ୍ସୋ ମାମଲା ବିଚାରାଧୀନ ରହିଛି, ସେଗୁଡ଼ିକର ବିଚାର ଶେଷ କରିବାକୁ ଅନ୍ୟୂନ ୩୦ ବର୍ଷ ଲାଗିଯିବ। ସେହିପରି ଦିଲ୍ଲୀରେ ୨୭ ବର୍ଷ, ପଶ୍ଚିମବଙ୍ଗରେ ୨୫ ବର୍ଷ, ମେଘାଳୟରେ ୨୧ ବର୍ଷ, ବିହାରରେ ୨୬ ବର୍ଷ ଏବଂ ଉତ୍ତରପ୍ରଦେଶରେ ଏଥିପାଇଁ ୨୨ ବର୍ଷ ଲାଗିବ ବୋଲି ସନ୍ଦର୍ଭରେ କୁହାଯାଇଛି। ୨୦୧୯ରେ ଫାଷ୍ଟ–ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହେବା ପରେ ଅଦ୍ୟାବଧି ମୋଟ ୨,୬୮,୦୩୮ ମାମଲା ବିଚାର ପାଇଁ ଆସିଥିବାବେଳେ ସେଥିରୁ ମାତ୍ର ୮,୯୦୯ ମାମଲା ଫଇସଲା ହୋଇଛି। ଫାଷ୍ଟ–ଟ୍ରାକ୍ କୋର୍ଟଗୁଡ଼ିକ ୨୦୨୬ ପର୍ଯ୍ୟନ୍ତ ଜାରି ରହିବା ଲାଗି କେନ୍ଦ୍ର ନିକଟରେ ୧,୯୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶର ପ୍ରତି ଏଫ୍‌ଟିଏସ୍‌ସିରେ ବର୍ଷକୁ ହାରାହାରି ୨୮ଟି ମାମଲା ଫଇସଲା ହେଉଛି। ଅର୍ଥାତ୍ ଗୋଟିଏ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଆଧାରରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ବାଲ୍ୟ ବିବାହ ବଳାତ୍କାର ସହ ସମାନ। ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ଦେଶରେ ଦିନକୁ ୪,୪୪୨ ନାବାଳିକାଙ୍କୁ ବାହା କରାଇ ଦିଆଯାଉଛି, ଅର୍ଥାତ ପ୍ରତି ମିନିଟ୍‌ରେ ୩ ନାବାଳିକା ବିବାହ କରୁଛନ୍ତି। ମାତ୍ର ୩% ମାମଲା ଫଇସଲା ହେଲେ ପ୍ରତି ପିଲାଙ୍କୁ ନ୍ୟାୟ ଦେବା ଲାଗି ଆଇନର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ଆଇସିପିଏଡ୍ ପ୍ରତିଷ୍ଠାତା ଭୁବନ ରିଭୁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ** – ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। କୃତ୍ତିକା ନକ୍ଷତ୍ର ପାଖପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝାମେଲା ବଢି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ମୃଗଶିରା ନକ୍ଷତ୍ର ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ଣେ ଦୂର ହୋଇଯିବ। ପୁଷ୍ୟା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** – ବନ୍ଧୁଙ୍କ ପରାମର୍ଶରେ ଇଚ୍ଛା ନ ଥିଲେ ମଧ୍ୟ ଭ୍ରମଣରେ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ। ମଘା ନକ୍ଷତ୍ର ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଆତ୍ମବଳ ଅଭାବରୁ ଧୀରେ ସୁସ୍ଥେ କାମ କରିବାକୁ ପଡ଼ିବ।

**କନ୍ୟା** – କଠିନ ଶ୍ରମ ସାଙ୍ଗକୁ ଅନିଦ୍ରାହେତୁକ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ। ଯାତ୍ରା ସମୟରେ ଅପରିଚିତ ଲୋକଟି ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଆକସ୍ମିକ ଭାବରେ ଇଚ୍ଛା କରୁଥିବା ଜିନିଷଟି ପାଇ ଖୁସି ହେବେ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା** – ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ସମସ୍ୟାର ସମାଧାନ ହୋଇଯିବ ଏବଂ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିବେ। ଅନୁରାଧା ନକ୍ଷତ୍ର କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** – ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ବନ୍ଧୁଙ୍କ ଅବଦାନ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ମକର** – ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇ ଦେଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସହିତ ସହଜରେ କାମ ହାସଲ କରିବେ।

**କୁମ୍ଭ** – ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଶତଭିଷା ନକ୍ଷତ୍ର ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** – ଉତ୍ତରଭାଦ୍ରବ ନକ୍ଷତ୍ରର ପାରିବାରିକ ପ୍ରତିରୋଧ ହେତୁ କାମଗୁଡ଼ିକ ଅଟକିଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ରବିବାର, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ। ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଦିବା ଘ.୧୧।୪୮ ଗତେ ବିଶାଖା ନକ୍ଷତ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୫୭ ଗତେ ଘ.୦୯।୦୭ ମଧ୍ୟେ, ଘ.୦୧।୦୦ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ଣ ଘ.୦୩।୪୩ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ।

**ସୁକ୍‌ମାରେ ଆତ୍ମସମର୍ପଣ କଲେ ୨୦ ମାଓବାଦୀ**

ମାଲକାନଗିରି, ୯ା୧୨(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ ସୁକ୍‌ମା ପୋଲିସ ମୁଖ୍ୟାଳୟରେ ୫ ମହିଳାଙ୍କ ସମେତ ୨୦ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମିଲିସିଆ ଡେପୁଟି କମାଣ୍ଡର ଉଇକା ଲକ୍ଷ୍ମା, ଡିଏକେଏମ୍ଏସ୍ ସଦସ୍ୟ ବୁଧ ରାମ, ନରସିଂହ, ଟାଙ୍ଗରୁ କୁଞ୍ଜାମ, ମିଲିସିଆ ସଦସ୍ୟ ସୋଡି ରତି, ତେଲାମ, ଅର୍ଜୁନ, ମଡକମ ସୁରେଶ, ମିଲିସିଆ ସଦସ୍ୟ କୁଞ୍ଜାମ ନନ୍ଦା, ସୋଡି ସମର, କାକୋ ଚିଲକୋ, ସୋଡି ମାଙ୍ଗୋ, କଟ୍ଟୁ ଅର୍ଜୁନ, କଟ୍ଟୁ ସୋମେ, ସୋଡି ହଡମା, ମାଡବୀ ଲଖମୁ, ଜଗତରାମ, କେଏଏମ୍ଏସ୍ ଉପାଧକ୍ଷ ସୋଡି ଏଙ୍କି, ସିଏନ୍ଏମ ସଦସ୍ୟ ଅଜୟ ତେଲାମ ଓ କଟ୍ଟୁ ଫୁଲୋ। ଆତ୍ମସମର୍ପଣ ବେଳେ ସୁକ୍‌ମା ଏସ୍‌ପି କିରଣ ଚହ୍ୱାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢ଼ି ରିଲ୍ସ କଲେ

ରାଜନଗର,୯ା୧୨
(ଭାସ୍କର ରାଉତରାୟ)

ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢ଼ିଲେ। ତାଙ୍କ କାନ୍ଧରେ ହାତ ରଖି ରିଲ୍ସ କଲେ। ସେହି ରିଲ୍ସକୁ ସୋସିଆଲ ମିଡ଼ିଆରେ ଛାଡ଼ିଲେ, ଯାହାର ଭିଡିଓ ଏବେ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଘୂରି ବୁଲୁଛି। କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଆଜାଦ୍ କୁମାର ଦାସଙ୍କ ଏପରି କାରନାମାକୁ ନେଇ ବିବାଦ ଆରମ୍ଭ ହୋଇଛି। ପୂଜ୍ୟପୂଜାଙ୍କ ପ୍ରତି ଏପରି ଅସମ୍ମାନକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ଶୃଙ୍ଖଳା କମିଟି ବୈଠକ ଡାକିଥିଲେ। ବୈଠକରେ ସଦସ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରା, ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ଅଧ୍ୟାପିକା ଅନୁସୂୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜାଦ୍ ଓ ରିଲ୍ସ କରିଥିବା ଆଉ ଜଣେ ଯୁବକ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରଛନ୍ତି।





ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଆୟୋଜିତ ୨ ଦିନିଆ ପ୍ରଥମ ଓଡ଼ିଶା କନକର୍ସ ଡି' ଏଲିଗାନ୍ସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଭିନ୍‌ଟେଜ୍ ଓ କ୍ଲାସିକ୍ କାର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ଆମ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଧାୟକ ସୁଶାନ୍ତ ରାଉତ ଏବଂ ଅନନ୍ତ ନାରାୟଣ ଜେନା। ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟର ୫୨ଟି କାର୍ ସ୍ଥାନ ପାଇଛି।

# ଭୁବନେଶ୍ୱରରେ ଭିନ୍‌ଟେଜ୍, କ୍ଲାସିକ୍ କାର୍ ପ୍ରଦର୍ଶନୀ

ଭୁବନେଶ୍ୱର, ୯ା୧୨
(ଅସମାପିକା ସାହୁ)

ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଶନିବାର ପ୍ରଥମ ଓଡ଼ିଶା କନ୍‌କର୍ସ ଡି'ଏଲିଗାନ୍ସ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବା ସହ ପ୍ରଦର୍ଶିତ କାର୍‌ଗୁଡିକୁ ବୁଲି ଦେଖିଥିଲେ। ଏଥିରେ ସାରା ଭାରତରୁ ୫୦ଟି ଭିନ୍‌ଟେଜ୍ ଓ କ୍ଲାସିକ୍ କାର ପ୍ରଦର୍ଶିତ ହୋଇଛି। ପ୍ରତିଟି କାର୍ ବିଗତ ଦିନର ସମୃଦ୍ଧ ଇତିହାସ ଏବଂ କାରିଗରିର ପ୍ରମାଣ ରୂପେ ଠିଆ ହୋଇଥିଲା। ଏଠାରେ ପ୍ରଦର୍ଶିତ ହୋଇଥିବା କାରଗୁଡ଼ିକ ମଧ୍ୟରେ ୧୮୮୬ର ବେଞ୍ଜ୍ ମୋଟରୱାଗନ, ୧୯୩୪ର ରୋଲ୍‌ସ ରଏସ ୨୦/୨୫, ୧୯୨୯ର ବୁଗାଟି ଟିଏସ୍‌ଏସ୍ ଗ୍ରାଣ୍ଡ୍ ପ୍ରିକ୍ସ, ୧୯୩୨ର ଫର୍ଡ ଭି, ୧୯୨୦ର ମୁନ୍ ୬-୪୨, ୧୯୪୭ର କାଡିଲାକ କୁପ୍, ୧୯୬୨ର ଜାଗୁଆର ଏମ୍‌କେ ୨ ସାଲୁନ ସହ ଆହୁରି ଅନେକ କାର ରହିଛି, ଯାହା ଲୋକଙ୍କୁ ଆକର୍ଷିତ କରୁଛି। ଏସବୁ ଗାଡ଼ିଗୁଡ଼ିକ ଓଡ଼ିଶା ତଥା ଦେଶର ବିଭିନ୍ନ ରାଜ୍ୟରୁ ଆସିଛି। ଓଡ଼ିଶା କନକର୍ସର କ୍ୟୁରେଟର ତଥା ପୁରୁଣା କାର ସଂଗ୍ରହକାରୀ ଧର୍ମାଦିତ୍ୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ମିଳିଥିବା ପ୍ରଶଂସା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରଦର୍ଶନୀ ରବିବାର ମଧ୍ୟ ଚାଲିବ ବୋଲି ସୂଚନା ଦିଆଯାଇଛି।






# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ଚିତ୍ତରଞ୍ଜନ ପାତ୍ର ଉଚ୍ଚଶିକ୍ଷା ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର,୯ା୧୨(ଅନିଲ ଦାସ)

ରାଜ୍ୟ ସରକାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ତରଞ୍ଜନ ପାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବରିଷ୍ଠ ଓଏଏସ୍ ଅଫିସର ଦିଲୀପ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ର ନାଥ କର ନୟାଗଡ଼ ଅତିରିକ୍ତ ଜିଲାପାଳ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କୁ କୋରାପୁଟସ୍ଥିତ ଯୁଗ୍ମ କେବିକେ ପ୍ରଶାସକ ଭାବେ ବଦଳି କରାଯାଇଛି। ଗଜପତି ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ନୀଳମାଧବ ମାଝିଙ୍କୁ ଅତିରିକ୍ତ ଉପଜିଲାପାଳ ଭାବେ ଛତ୍ରପୁରକୁ ବଦଳି କରାଯାଇଛି।

# 'ଗାଁରୁ ଆରମ୍ଭକରି ସମଗ୍ର ଦେଶକୁ ମଜଭୁତ କରିବା'

## ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ସମ୍ବଲପୁର,୯ା୧୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ସାଙ୍ଗରେ ନେଇ ଗାଁରୁ ଆରମ୍ଭ କରି ପୂରା ଦେଶକୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ। ନାରୀଶକ୍ତି, ଯୁବଶକ୍ତି, କୃଷି ଶକ୍ତି ଓ ଗରିବ ଶକ୍ତି ଭାରତକୁ ବିକଶିତ କରିବା ଦିଗରେ ଅମୃତ କାଳର ଚାରିଟି ସ୍ତମ୍ଭ ବୋଲି ଧର୍ମେନ୍ଦ୍ର କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଜନତାଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ 'ବିକଶିତ ଭାରତ' ପାଇଁ ଯୋଗଦାନ ଦେବା ଦରକାର। ଏହାସହ ସମସ୍ତ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସ୍ୱାଭିମାନ ସହକାରେ ବଞ୍ଚିବାର ସ୍ୱପ୍ନକୁ ସାକାର କରିବା ଦିଗରେ କାର୍ଯ୍ୟକରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନ୍ତର୍ଗତ ମୋଦି ଗ୍ୟାରେଣ୍ଟି ଗାଡ଼ି ଭାରତବର୍ଷର ଅନେକ ପଞ୍ଚାୟତରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨୦୨୯ ପର୍ଯ୍ୟନ୍ତ ମାଗଣା ଚାଉଳ, ସୌଭାଗ୍ୟ ଯୋଜନାରେ ପ୍ରତି ଘରକୁ ବିଜୁଳି, ଜନଧନ ଜରିଆରେ ବ୍ୟାଙ୍କଖାତାକୁ ଟଙ୍କା ଦେବାର ଗ୍ୟାରେଣ୍ଟି ସହ ସମସ୍ତ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ନିର୍ଦ୍ଧାରିତ ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ କାମ କରିବାକୁ ଧର୍ମେନ୍ଦ୍ର କହିଥିଲେ। ପରେ ସେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମିଣୀ ମହାନନ୍ଦ, ବିଡିଓ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।



ଜଣେ ହିତାଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।


DSPL-

"ଅକ୍ଷର"

# ୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

**୦୧ ରୁ ୧୦ ଡିସେମ୍ବର, ୨୦୨୩**
**ଅପରାହ୍ଣ ୨ ଟା ରୁ ରାତ୍ର ୯ ଟା**
**ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର**

**ଶୁଭ ଉଦ୍‌ଯାପନ**

୧୦ ଡିସେମ୍ବର, ୨୦୨୩ ସନ୍ଧ୍ୟା ୬ ଘଟିକା

**ଶ୍ରୀଯୁକ୍ତ ରଘୁବର ଦାସ**
ମହାମହିମ ରାଜ୍ୟପାଳ, ଓଡ଼ିଶା

== ଆୟୋଜକ ==
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

== ସହ-ଆୟୋଜକ ==
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ କମିଟି
ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ

OIPR-03023/13/0004/2324



DSPL - 445

## ଓଡ଼ିଶାରେ ମତ୍ସ୍ୟବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା

**ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୧୧,୦୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟାବସ୍ଥା ରହିଛି ।



**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀ ରେ ମାଛ ଚାଷ:** ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୪,୦୦,୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୨,୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟାବସ୍ଥା ରହିଛି।

**ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତପାତି ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator ), ବାୟୁ ସଞ୍ଚାଳନ ଯନ୍ତ (Air Blower ), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ବାୟୋଫ୍ଲକ ପଦ୍ଧତିରେ ମାଛଚାଷ:** କମ ଜାଗାରେ, କମ ଜଳରେ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଖାରିଜଳରେ ମାଛ ଓ ଚିଙ୍ଗୁଡିଚାଷ ନିମନ୍ତେ ପ୍ରୋତ୍ସାହନ:** ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା:** ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ ଓ ଇଞ୍ଜିନ ଯୋଗାଇ ଦିଆଯାଉଛି। ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ମତ୍ସ୍ୟ ପରିବହନ ନିମନ୍ତେ ଶୀତଳିକରଣ ଯାନ:** ଖାଉଟିମାନଙ୍କୁ ସତେଜ ଓ ତଟକା ମାଛ ଯୋଗାଣ ଓ ମତ୍ସ୍ୟ ପରିବହନ ବେଳେ ମାଛକୁ ସତେଜ ରଖିବା ପାଇଁ ଇନସୁଲେଟେଡ ଟ୍ରକ, ମୋପେଡ ସହ ବରଫ ବାକ୍ସ, ଅଟୋ ସହ ବରଫ ବାକ୍ସ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଅଧିକ ବିବରଣୀ ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

OIPR-06015/13/0025/2324

ବ୍ୟକ୍ତି- ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି-ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର – ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ- ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି- ସେଗୁଡିକ ହେଲା ଯୁଗଭାର -ଅତ୍ୟାଚାର-ଓ କାରାଗାର। –ଶ୍ରୀଅରବିନ୍ଦ

# ଆଖି ବୁଜିଦେଇଛୁ



ଆକାର ପଟେଲ

ଆମଠାରୁ କିଛି ଭିନ୍ନ କରିଥିବା ଏସିଆର ଦେଶଗୁଡ଼ିକ ତୁଳନାରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ଅପେକ୍ଷାକୃତ ଗରିବ ବୋଲି ମୁଁ ଗତ ସପ୍ତାହରେ ଉଲ୍ଲେଖ କରିଥିଲି। ଆମର କ'ଣ ଭୁଲ୍ ରହିଛି କିମ୍ବା ଆମେ କ'ଣ ଭିନ୍ନ କରୁଛୁ ତାହା ଜାଣିବା ଦରକାର। ଆମ ତଥା ସେମାନଙ୍କ ବିଷୟରେ ଯାହା ବାସ୍ତବରେ ଭିନ୍ନ ତାହା ମଧ୍ୟ ଦେଖିବା ଦରକାର। ଏହାକୁ କେବଳ ଅର୍ଥନୈତିକ ବ୍ୟବସ୍ଥାର ରୂପ ବୋଲି ଦାୟୀ କରାଯାଇପାରିବ ନାହିଁ। ଆମେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ (୧୯୫୦ ଏବଂ ୧୯୬୦ ଦଶକରେ ଭାରତ), ଲାଇସେନ୍ସ ରାଜ (ଭାରତରେ ୧୯୮୦ ଦଶକ ପର୍ଯ୍ୟନ୍ତ), 'ଉଦାରୀକରଣ' (୧୯୬୦ ଦଶକରୁ ପାକିସ୍ତାନରେ ଓ ୧୯୯୧ରୁ ଭାରତରେ ଆରମ୍ଭ) ମାଧ୍ୟମରେ ଅର୍ଥନୀତି ପରିଚାଳନା କରିବାକୁ ଚେଷ୍ଟା କରିଛୁ। ଆମେ କିଛି ସଫଳତା ପାଇଛୁ ଏବଂ କେତୋଟି ସେକ୍ଟର ସୃଷ୍ଟି କରିଛୁ ; ଯେଉଁଥିରେ ଆଗୁଆ ରହିଛୁ (୨୫ ବର୍ଷରୁ ଊର୍ଦ୍ଧ୍ୱ ଧରି ସୂଚନା ପ୍ରଯୁକ୍ତିବିଦ୍ୟା ସେବାର ନେତୃତ୍ୱ ନେଇଥିବାବେଳେ ବାଂଲାଦେଶ ଏବେ ପୋଷାକ କ୍ଷେତ୍ରରେ ଭିନ୍ନ କରିପାରିଛି)। ଆମେ ଆଣବିକ ଅସ୍ତ୍ର ବିକାଶ କରିଛୁ, ମିଲିଟାରିରେ ବିପୁଳ ଅର୍ଥ ବ୍ୟୟ କରିଛୁ। ପାକିସ୍ତାନର ସମସ୍ତ ସରକାରୀ ବ୍ୟୟର ୧୭% ଯାଏ ସେନାକୁ। କିନ୍ତୁ ଭାରତ ଓ ବାଂଲାଦେଶରେ ଏହା ୯%। ଆମେ ସବୁବେଳେ ଆମ ସାମର୍ଥ୍ୟକୁ ଉପେକ୍ଷା କରିବାକୁ ପ୍ରୟାସ କରିଛୁ। ଆମେ ପାଶ୍ଚାତ୍ୟ ମେଣ୍ଟରେ ଯୋଗଦେଇଛୁ(ପାକିସ୍ତାନ ୧୯୬୦ ଦଶକରେ ଯୋଗଦେଇଥିଲା), ଆମେ ଗୋଷ୍ଠୀ ନିରପେକ୍ଷ ରହିଛୁ (୧୯୫୦ ଦଶକରେ ଭାରତ) ଏବଂ ଆମେ ବିଭିନ୍ନ ବିଷୟରେ ବିପରୀତ କାର୍ଯ୍ୟ କରିବାକୁ ଚେଷ୍ଟା କରିଛୁ, ଯାହାର ଶେଷ ପରିଣାମ ପୂର୍ବ ସ୍ତମ୍ଭରେ ଆଲୋଚନା କରିଥିଲୁ। ବିଶ୍ୱରେ ହାରାହାରି ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ ବା ଜିଡିପି ୧୨,୨୬୨ ଡଲାର। ଚାଇନା ଏହି ବୈଶ୍ୱିକ ହାରାହାରିଠାରୁ ସାମାନ୍ୟ ଆଗରେ ଥିବାବେଳେ ବାଂଲାଦେଶ, ଭାରତ ଓ ପାକିସ୍ତାନରେ ଏହାର ଏକ ପଞ୍ଚମାଂଶ ରହିଛି। ୧୯୬୦ରେ ମଧ୍ୟ ଆମେ ବୈଶ୍ୱିକ ହାରାହାରିଠାରୁ ୫ଗୁଣ କମ୍ ଥିଲୁ। ସେ ସମୟରେ ବୈଶ୍ୱିକ ହାରାହାରି ୪୫୯ ଡଲାର ଥିଲାବେଳେ ଭାରତର ଥିଲା ୮୨ ଡଲାର। ଉଲ୍ଲେଖନୀୟ ଯେ, ଏହା ହେଉଛି ବିଶ୍ୱର ୭୦୭ କୋଟି ଲୋକଙ୍କର ମୁଣ୍ଡପିଛା ଆୟ। ଏଥିରେ ଦକ୍ଷିଣ ଏସିଆର ଯୋଗଦାନ ୨୩%। ଅର୍ଥାତ୍ ଆମେ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ଉତ୍ପାଦକତାର ପଛରେ ରହିଛୁ। ଆମେ ନିଶ୍ଚିତ ଭାବେ କିଛି ହରାଉଛୁ। ବାଂଲାଦେଶ, ଭାରତ ଓ ପାକିସ୍ତାନ ମଧ୍ୟରେ ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଆମର ମୋଟ ବାଣିଜ୍ୟର ୫% ବୋଲି ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଛି। କିନ୍ତୁ ଦକ୍ଷିଣ ପୂର୍ବ ଏସିଆରେ ଏହା ୫ଗୁଣ ଅଧିକ। ଏଠାରେ ବାର୍ଷିକ ବାଣିଜ୍ୟ ୨୩ ବିଲିୟନ ଡଲାର ରହିଥିବାବେଳେ ବାସ୍ତବରେ ଏହା ୧୦୦ବିଲିୟନ ଡଲାରରୁ ଅଧିକ ହେବା ଉଚିତ।

କିନ୍ତୁ ଏହା ନ ହେବାର ଯେଉଁ ସମସ୍ୟା ରହିଛି ତାହା ମାନବକୃତ। ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ସୀମା ସମସ୍ୟା ରହିଛି, ଅର୍ଥାତ୍ ଭାରତରେ ଗୋଟିଏ କମ୍ପାନୀ ପାଇଁ ପଡ଼ୋଶୀ ଦକ୍ଷିଣଏସୀୟ ଦେଶଗୁଡ଼ିକ ପରିବର୍ତ୍ତେ ବ୍ରାଜିଲ ସହିତ ବାଣିଜ୍ୟ କରିବା ପ୍ରାୟ ୨୦% ଶସ୍ତା ହେଉଛି। ତେବେ ମୁଖ୍ୟ ସମସ୍ୟା ହେଉଛି ସମ୍ପୂର୍ଣ୍ଣ ଉପମହାଦେଶରେ ବିଶ୍ୱାସର ଅଭାବ ରହିଛି। ଏହାସହ ପରସ୍ପର ମାନବୀୟ ସମ୍ପର୍କ ଏବଂ ବାଣିଜ୍ୟ ଦୃଷ୍ଟିରୁ ଦକ୍ଷିଣ ଏସିଆ ହେଉଛି ସର୍ବନିମ୍ନ ସମନ୍ୱିତ ଅଞ୍ଚଳ। ପାରମ୍ପରିକ ସମସ୍ୟାଗୁଡ଼ିକୁ ଏଡ଼ାଇ ଯାଇ ସମ୍ମିଳିତ ଭାବେ ପଦକ୍ଷେପ ନେଲେ ଭାଗୀଦାରି ବିଷୟଗୁଡ଼ିକର ସମାଧାନ ହୋଇପାରିବ, ଆଞ୍ଚଳିକ ବ୍ୟବସ୍ଥାକୁ ମଜଭୁତ କରାଯିବା ସହ ଭିତ୍ତିଭୂମି ଓ ଯୋଗାଯୋଗରେ ଉନ୍ନତି ଅଣାଯାଇପାରିବ। ଏହା ସହ ବାଣିଜ୍ୟ ନୀତିରେ ବିକାଶ ହେବ। ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି ଯେ, ଦକ୍ଷିଣ ଏସିଆର ସମସ୍ତ ଦେଶକୁ ଅତ୍ୟଧିକ ଲାଭ ପହଞ୍ଚାଇବାରେ ଆଞ୍ଚଳିକ ସହଯୋଗର କ୍ଷମତା ରହିଛି, କାରଣ ଏଠାରେ ବାର୍ଷିକ ବାଣିଜ୍ୟର ପରିମାଣ ୪୪ ବିଲିୟନ ଡଲାର। ବିକଶିତ ଦେଶ ତୁଳନାରେ ଦକ୍ଷିଣ ଏସିଆରେ ସମୁଦ୍ରପଥ ପରିବହନର ଅତ୍ୟଧିକ ଖର୍ଚ୍ଚକୁ ୫୦% ହ୍ରାସ କରିବାକୁ ଆମ ପାଖରେ ସୁଯୋଗ ଅଛି। କିନ୍ତୁ ଯଦି ଆମେ ଶତ୍ରୁତା କମାଇବା ଏବଂ ଏବକାର ସ୍ଥିତିରେ ପରସ୍ପର ଅଧିକ ଖୋଲା ହୋଇପାରିବା ତେବେ ଏହା ହୋଇପାରିବ। କିନ୍ତୁ ଏ ବିଷୟରେ ଆମେ କେବେ ଚେଷ୍ଟା କରିନାହୁଁ। ଆମ ଭିତରେ ଖୋଲା ସମ୍ପର୍କ ରଖିନାହୁଁ କିମ୍ବା ୧୯୪୭ ପୂର୍ବରୁ ଆମର ଯେଉଁ ଅର୍ଥ ବ୍ୟବସ୍ଥା ଓ ଭୌଗୋଳିକ ସ୍ଥିତି ରହିଥିଲା ସେଠାକୁ ଫେରିନାହୁଁ। ରୁଚିର ଶର୍ମା ତାଙ୍କ ପୁସ୍ତକ 'ସଫଳ ଦେଶର ୧୦ଟି ନିୟମ'ରେ ଯାହା ଲେଖିଛନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ କରିବ ନାହିଁ। ତାଙ୍କ ଅନୁଯାୟୀ, ଏହି ସମୟରେ ଦକ୍ଷିଣଏସିଆ ବାଡ଼ ଭିତରେ ରହିଯାଇଛି। ବିଚ୍ଛିନ୍ନତା, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଆଞ୍ଚଳିକ ଯୁଦ୍ଧ ଦ୍ୱାରା ଉତ୍ପନ୍ନ ତିକ୍ତତା ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ପାଇଁ ସୀମା ଉନ୍ମୁକ୍ତ କରିବା କଷ୍ଟକର ହୋଇପଡ଼ିଛି ଏବଂ ଏମାନଙ୍କ ମଧ୍ୟରେ ଶତ୍ରୁତା ହ୍ରାସ କରିବା ଲାଗି ଏପର୍ଯ୍ୟନ୍ତ କୌଣସି ନେତା ଆଗକୁ ଆସିନାହାନ୍ତି।

ଭାରତରେ ୨୦୧୪ରେ ଜିଡିପିର ବାଣିଜ୍ୟ ୫୮% ଥିଲା। ଏବେ ଏହା ୪୪%। ପାକିସ୍ତାନରେ ଏହା ୩୦% ଥିଲାବେଳେ ବାଂଲାଦେଶରେ ଏହା ୨୮%। ଆମେ ପରସ୍ପର ମଧ୍ୟରେ ଖୋଲା ହୋଇପାରିବା ସମ୍ଭବ କି ? ଯଦି ହଁ, ତେବେ କେଉଁ ବାସ୍ତବ ଉପାୟରେ ଆମେ ଏହା କରିପାରିବା ? ଏବଂ ଯଦି ଏହା ହାସଲ ହୁଏ, ତେବେ ସମାଜ ଉପରେ ଏହାର ପ୍ରଭାବ କ'ଣ ରହିପାରେ ? ମୁଁ ଜାଣେ ନାହିଁ, ଏହା କରିବା ଦ୍ୱାରା ଆମେ ତାଇୱାନ, ଜାପାନ ଏବଂ ଦକ୍ଷିଣ କୋରିଆ ଯାହା କରିଥିଲେ ତାହାର ପୁନରାବୃତ୍ତି କରିପାରିବା। କିନ୍ତୁ ମୁଁ ଏତିକି ଜାଣେ ଯେ, ଏହା ଆମ ମଧ୍ୟରେ ଥିବା ପ୍ରତିବନ୍ଧକକୁ ହଟାଇ ଦେବ। ହେଲେ ଭାରତ, ପାକିସ୍ତାନ, ବାଂଲାଦେଶ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ହେଁ ଏଯାବତ୍ ଏହା ଉପରେ ବ୍ୟାପକ ଆଲୋଚନା କରାଯାଇ ନାହିଁ। ଆମ ଅବସ୍ଥା ପ୍ରତି ଆମେ କିଭଳି ଆଖି ବୁଜିଦେଇଛୁ ତାହା ଏହା ସୂଚାଇ ଦିଏ। ଏକବିଂଶ ଶତାବ୍ଦୀର ଦ୍ୱିତୀୟ '୨୫ବର୍ଷ' (୨୦୨୫-୨୦୫୦) ମଧ୍ୟରେ ପ୍ରବେଶ କରିବାକୁ ଯାଉଥିବାବେଳେ ଦକ୍ଷିଣ ଏସିଆରେ ଆମ ରାଜନୈତିକ ଦଳଗୁଡ଼ିକ କେତେ ସନ୍ତୁଷ୍ଟ ଓ ସୁପ୍ତ ତାହା ମଧ୍ୟ ସୂଚିତ କରେ। ଏହାକୁ ପରିବର୍ତ୍ତନ କରିବା ଯଦିଓ ସହଜ, ତେବେ ଏଥିପାଇଁ ଏକ ପ୍ରୟାସ କରିବା ଆବଶ୍ୟକ।

Email:aakar.patel@gmail.com

# ଏକ ଉଜ୍ଜ୍ୱଳ ସମ୍ଭାବନା



ଅଧ୍ୟାପକ ଗୋପବନ୍ଧୁ

ରାସଗୋବିନ୍ଦପୁର ବିମାନ ବନ୍ଦର ବା ଏୟାରଷ୍ଟ୍ରିପ ସମ୍ବନ୍ଧରେ ଖୁବ୍ କମ୍ ଲୋକ ଅବଗତ ଅଛନ୍ତି। ଓଡ଼ିଶା ବାହାରର ସାଧାରଣ ଲୋକମାନେ ଖୁବ୍ କମ୍ ସଂଖ୍ୟାରେ ଏହି ସ୍ଥାନ ବିଷୟରେ ଜାଣିଛନ୍ତି। ଏପରିକି ଓଡ଼ିଶାର ମଧ୍ୟ ଅନେକ ଲୋକ ଏହି ଐତିହାସିକ ସ୍ଥାନ ସମ୍ବନ୍ଧରେ ଅବଗତ ନୁହନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ହୋଇଥିବା ଏହି ସାମରିକ ବିମାନ ବନ୍ଦର ଏବେ ପରିତ୍ୟକ୍ତ। ଏହାର ଅନ୍ତର୍ଗତ ଏୟାରଷ୍ଟ୍ରିପ ଏବେବି ଅକ୍ଷତ ଅବସ୍ଥାରେ ରହିଛି। କିଛି ଅଂଶକୁ ସଡ଼କ ପଥ ରୂପେ ବ୍ୟବହାର କରାଯାଉଛି। ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲା। ଏହାର ବିଭିନ୍ନ ମାର୍ଗ ଏପରି ଭାବେ ଲମ୍ବିଛି ଯେ ଜଣେ ନବାଗତ ଏହା ମଧ୍ୟରେ ବାଟବଣା ହୋଇଯିବାର ସମ୍ଭାବନା ରହିଛି। ଅନେକ ଲୋକ ଏହା ମଧ୍ୟରେ ଦିଗ ନିର୍ଣ୍ଣୟ କରି ନ ପାରି ଘୂରିବାର ଅନୁଭୂତି ପ୍ରକାଶ କରିଛନ୍ତି। ମୁଁ ନିଜେ ବୁଥ ନିର୍ବାଚନ ପରିଚାଳନା କରିବା ପାଇଁ ରାତିରେ ଅନ୍ୟ ସାଥୀମାନଙ୍କ ସହିତ ଗାଡ଼ିରେ ଯିବା ସମୟରେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥିଲି। ଦୁଇଘେରା ଘୂରିଲା ପରେ ଜଣେ ସ୍ଥାନୀୟ ଲୋକର ଗାଡ଼ିକୁ ଅନୁସରଣ କରି ଝିଲାପି ଘେରାରୁ ବାହାରିଥିଲୁ।

ଏହା ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ବା ଅମର୍ଦା ରୋଡ ଏୟାରଷ୍ଟ୍ରିପ ଭାବେ ପରିଚିତ। ଏହା ମୁଖ୍ୟତଃ ପ୍ରତିରକ୍ଷା ପାଇଁ ଉଦ୍ଦିଷ୍ଟ ସୈନିକ ବିମାନ ବନ୍ଦର ଥିଲା। ସ୍ଥାନଟି ମୟୂରଭଞ୍ଜ ଜିଲା ଅନ୍ତର୍ଗତ ରାସଗୋବିନ୍ଦପୁର ବ୍ଲକରେ ପଡେ। ମୟୂରଭଞ୍ଜର ସଦରମହକୁମା ବାରିପଦାଠାରୁ ଦୂରତା ହେଉଛି ମାତ୍ର ୩୫ କି.ମି., ବାଲେଶ୍ୱରକୁ ଦୂରତା ହେଉଛି ୩୦ କି.ମି. ଓ ପଶ୍ଚିମବଙ୍ଗ ଦିଘାରୁ ଦୂରତା ହେଉଛି ୭୦ କି.ମି.। ପଶ୍ଚିମବଙ୍ଗର ଖଡଗପୁର ଓ ମେଦିନାପୁର ମଧ୍ୟ ଏଠାରୁ ବେଶିଦୂର ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯ ରୁ ୧୯୪୫) ସମୟରେ ୧୯୪୦ରେ ଏହା ନିର୍ମିତ ହୋଇଥିଲା ଛାମୁଆ ଯୁଦ୍ଧ ବିମାନ ବନ୍ଦର ରୂପେ ବ୍ୟବହାର ହେବା ପାଇଁ। ଐତିହାସିକ ଅନିଲ ଧୀରଙ୍କ ମତରେ ଯେତେବେଳେ ଜାପାନ ବର୍ମାକୁ ଅଧିକାର କରିନେଲା ସେ ସମୟରେ ଜାପାନୀ ସୈନିକମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଏହି ବିମାନ ବନ୍ଦର ତିଆରିର ଆବଶ୍ୟକତା ପଡ଼ିଥିଲା। ଏହା ବ୍ରିଟିଶ ଶାସନାଧୀନ ରୟାଲ ଇଣ୍ଡିଆନ ଏୟାର୍ ଫୋର୍ସ ଅଧୀନରେ ଥିଲା। ଏଠାରେ ଏସିଆର ବୃହତ୍ତମ ରନୱେ ରହିଛି, ଯାହାର ଲମ୍ବ ୩.୫ କି.ମି.ରୁ ଅଧିକ। ରନୱେ(ବିମାନ ଉତ୍ତୋଳନ ପାଇଁ ରାସ୍ତା), ଟ୍ୟାକ୍ସିୱେ(ବିମାନକୁ ନେବା ରାସ୍ତା), ଯୁଦ୍ଧାସ୍ତ୍ର ଓ ସାଧାରଣ ଯାତାୟାତ ରାସ୍ତାକୁ ମିଶାଇ ମୋଟ ୬୦ କି.ମି.ରୁ ଅଧିକ ରାସ୍ତା ଥିଲା।



ବିଶ୍ୱଯୁଦ୍ଧର ସମାପ୍ତ ପରେ ଏହି ବିମାନ ବନ୍ଦରଟିକୁ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଥିଲା। ଏହାର କାରଣ ଅନେକ ଥିଲା। ବିଶ୍ୱଯୁଦ୍ଧ ଶେଷ ହେବା ଓ ଜାପାନର ଆତ୍ମସମର୍ପଣ ପରେ ପୂର୍ବଦିଗରୁ ଆକ୍ରମଣର ସମ୍ଭାବନା ଆଉ ନ ଥିଲା। ବିଶ୍ୱଯୁଦ୍ଧର ସମାପ୍ତ ପରେ ଭାରତବର୍ଷର ସାଧୀନତା ପ୍ରାପ୍ତି କଥା ନିଶ୍ଚିତ ହୋଇଯାଇଥିଲା। ତେଣୁ ଇଂରେଜମାନେ ଏହି ବିମାନ ବନ୍ଦର ଉପରେ ଅଧିକ ଧ୍ୟାନ ଦେଇ ନ ଥିଲେ। ସାଧୀନତା ପରେ ଅଳ୍ପ ଦୂରରେ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳରେ ଥିବା କୋଲେଇକୋଣ୍ଡାକୁ ସାମରିକ ବିମାନ ବନ୍ଦର ଭାବେ ବିକଶିତ କରାଯାଇଥିଲା। ବୋଧହୁଏ ସେ ସମୟରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପକୁ ସାମରିକ ଗୁରୁତ୍ୱ ଦେବା ପାଇଁ ଓଡ଼ିଆ ଲବି ଦୁର୍ବଳ ପଡ଼ିଯାଇଥିଲା। ସାଧୀନତା ପରେ ଏହା ବେସାମରିକ ବିମାନ ବନ୍ଦର ଭାବେ ବ୍ୟବହୃତ ହେବା ପାଇଁ ଆର୍ଥିକ ଭାବେ ଅନୁପଯୋଗୀ ଥିଲା। ଏହାର ଚତୁର୍ଦ୍ଦିଗରେ ୫୦ କି.ମି. ବ୍ୟାପି ଅଞ୍ଚଳ ଉନ୍ନତ ନ ଥିଲା। ଲୋକମାନେ ଏରୋପ୍ଲେନ ଜରିଆରେ ଯିବା ଆସିବା କରିବା ସମ୍ଭବ ନ ଥିଲା। ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପାଞ୍ଚଳ, ବାଣିଜ୍ୟ କେନ୍ଦ୍ର, ବିକଶିତ ପର୍ଯ୍ୟଟନ ସ୍ଥଳ, ବୃହତ ବନ୍ଦର କିମ୍ବା ରେଳ ଜଙ୍କସନ ନଥିଲା ଯାହା ବେସାମରିକ ବିମାନ ବନ୍ଦର ପାଇଁ ଖୋରାକ ଯୋଗାଇ ଥାଆନ୍ତା। ଏବେ ଏହା ଭାରତୀୟ ସାମରିକ ବାହିନୀ ଅଧୀନରେ ଅଛି। ଚାନ୍ଦିପୁରରେ ଥିବା ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜର ତତ୍ତ୍ୱାବଧାନରେ ଏହା ରହିଛି।

ବହୁବର୍ଷ ପରେ ଏବେ ପୁଣି ଏହି ବିମାନ ବନ୍ଦର ଚର୍ଚ୍ଚାକୁ ଆସିଛି। ଏହା ସାମରିକ ବିମାନଘାଟିର ମର୍ଯ୍ୟାଦା ସିନା ପାଇଲା ନାହିଁ, ହେଲେ ଏବେ ବେସାମରିକ ବିମାନ ବନ୍ଦରର ମର୍ଯ୍ୟାଦା ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କାର୍ଯ୍ୟକାରୀ ହେଉଥିବା 'ଉଡାନ୍'(ଉଡେ ଦେଶ୍‌କା ଆମ ନାଗରିକ) ଯୋଜନା ଅନୁଯାୟୀ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ବିମାନ ବନ୍ଦରକୁ ବିକଶିତ କାରିବାର ଯୋଜନା କରିଛନ୍ତି। ଯୋଜନା ମୁତାବକ ସାମରିକ ମନ୍ତ୍ରଣାଳୟ ୧୬୦.୩ ଏକର ଜମିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ଜମିର ହସ୍ତାନ୍ତର ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ନେଇ ଗଠିତ ଏକ ବୋର୍ଡ ଜରିଆରେ ହେବ। ମୟୂରଭଞ୍ଜର ଜିଲାପାଳଙ୍କୁ ଏହା ହସ୍ତାନ୍ତରିତ ହେବ। ଏହା ପରେ ହିଁ ତ୍ୱରାନ୍ୱିତ କାର୍ଯ୍ୟ ଆରମ୍ଭ ହେବ।

ବର୍ତ୍ତମାନର ପରିପ୍ରେକ୍ଷୀରେ ଏହା ଆର୍ଥିକ ଭାବେ ଉପାଦେୟ ବିମାନ ବନ୍ଦର ହେବ ବୋଲି ଆକଳନ ହେଉଛି। ପୂର୍ବାପେକ୍ଷା ବାରିପଦା, ବାଲେଶ୍ୱର, ଦିଘା, ଖଡଗପୁର-ମେଦିନାପୁର ସହର ସମେତ ପାଖାପାଖି ଅନେକ ଛୋଟ ଛୋଟ ସହର ବିକଶିତ ହେବାରେ ଲାଗିଛି। ଏହି ସମଗ୍ର ଅଞ୍ଚଳରେ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଅନେକ ଲୋକ ଦେଶର ବିଭିନ୍ନ ଅଞ୍ଚଳରେ ତଥା ଦେଶ ବାହାରେ ଚାକିରି ଓ ବ୍ୟବସାୟ-ବାଣିଜ୍ୟ କରୁଛନ୍ତି। ଏମାନଙ୍କ ଭିତରୁ ଅନେକେ ବିମାନ ଯୋଗେ ଯିବା ଆସିବା କରନ୍ତି। ଏଥି ପାଇଁ ଏମାନଙ୍କୁ ଭୁବନେଶ୍ୱର କିମ୍ବା କଲିକତା ବିମାନ ବନ୍ଦରକୁ ଯିବାକୁ ପଡ଼େ। ରାସଗୋବିନ୍ଦପୁରଠାରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ଏମାନଙ୍କ ସହିତ ଆହୁରି ଅନେକେ ବିମାନ ଯାତ୍ରାକୁ ଆପଣେଇ ନେବେ। ଆଲୋଚିତ ସମଗ୍ର ଅଞ୍ଚଳରେ ପୂର୍ବାପେକ୍ଷା ବହୁଅଧିକ ପର୍ଯ୍ୟଟନର ବିକାଶ ଘଟିଛି। ଜାତୀୟ ଉଦ୍ୟାନ ଶିମିଳିପାଳ ସମଗ୍ର ଦେଶରେ ତଥା ଦେଶ ବାହାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହା ସହିତ ମୟୂରଭଞ୍ଜରେ ଅନେକ ଆକର୍ଷଣୀୟ ସ୍ଥାନ ରହିଛି। ଏଗୁଡ଼ିକର ବିକାଶ ହେଲେ ପର୍ଯ୍ୟଟକଙ୍କ ଭିଡ଼ ହେବ। ବାଲେଶ୍ୱର ଜିଲାରେ ଚାନ୍ଦିପୁର, ତାଳସାରି ପରି ଅନେକ ଆକର୍ଷଣୀୟ ବେଳାଭୂମି ରହିଛି। ପଶ୍ଚିମବଙ୍ଗର ଦିଘା ଏକ ମୁଖ୍ୟ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ର। ଏହି ବିମାନବନ୍ଦର ସ୍ଥାପନ ହେଲେ ଏ ଅଞ୍ଚଳରେ ଶିଳ୍ପାୟନର ସମ୍ଭାବନା ତିଆରି ହେବ। ଆର୍ଥିକ ବିକାଶରେ ଏହା ସହାୟକ ହେବ।

କିନ୍ତୁ ଏବେ ମୁଖ୍ୟ ସମସ୍ୟା ହେଉଛି ରାଜନୈତିକ କନ୍ଦଳ। କେଉଁ ଦଳ ଓ କେଉଁ ନେତା ଏହାର ଶ୍ରେୟ ନେଇପାରିବ ତା' ଉପରେ ଛକାପଞ୍ଝା ଚାଲିଛି। ଏହାକୁ ନେଇ ହୋର୍ଡିଂ ଓ ବ୍ୟାନର ମଧ୍ୟ ମରାହୋଇଛି। ଜନସାଧାରଣ ଚାହାନ୍ତି ଯୋଜନା ଶୀଘ୍ର କାର୍ଯ୍ୟକାରୀ ହେଉ। ରାଜନୈତିକ ଝଗଡ଼ା ଯୋଗୁ ଜିଲାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆ ନ ଯାଉ। ଏପରି ଏକ ଜନସ୍ୱାର୍ଥ ଓ ଗୌରବମୟ ବିଷୟକୁ ରାଜନୈତିକ ବିବାଦର ଊର୍ଦ୍ଧ୍ୱରେ ରଖାଯାଉ। ଜିଲାର ଏ ଐତିହ୍ୟ ତା'ର ନ୍ୟାଯ୍ୟ ଗୌରବ ପ୍ରାପ୍ତ ହେଉ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ନାରୀ ଶିକ୍ଷା ଓ ଜନ୍ମ ନିୟନ୍ତ୍ରଣ



ଡ. ଜୟଦେବ ସାହୁ

ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନାରୀମାନଙ୍କ ପ୍ରଜନନ କ୍ଷମତା କମିଯିବାର କାରଣ ବିଧାନସଭାରେ କହୁ କହୁ ଅଡୁଆ ପରିସ୍ଥିତିରେ ପଡିଲେ। ତାଙ୍କ ମତରେ ବିହାରରେ ପ୍ରଜନନ କ୍ଷମତା ୪.୨ ପ୍ରତିଶତରୁ ୨.୯ ପ୍ରତିଶତ ଖସିଆସିବାର କାରଣ ନାରୀଶିକ୍ଷାର ପ୍ରଗତି। ନାରୀ ଶିକ୍ଷିତ ହେଲେ ଜନ୍ମ ନିୟନ୍ତ୍ରଣ ହୋଇପାରିବ। ତେବେ ସେ ଯେଉଁ ଭାବରେ ଅବତାରଣା କଲେ ତାହା ନାରୀମାନଙ୍କ ପ୍ରତି ଅପମାନ ବୋଲି ହଇଚଇ ସୃଷ୍ଟି ହୋଇଛି। ତାଙ୍କ ମତରେ ଶିକ୍ଷିତା ନାରୀ ପୁରୁଷକୁ ସଚେତନ କରିବ ଏବଂ ଗର୍ଭବତୀ ହେବାରୁ ନିଜକୁ ରକ୍ଷା କରିପାରିବ। କିନ୍ତୁ ଏମିତି ଚିନ୍ତାଧାରା ପୁରୁଷତାନ୍ତ୍ରିକ ସମାଜରେ ହିଁ କଳ୍ପନା କରାଯାଇପାରେ। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ଭଲଭାବରେ ତର୍ଜମା କଲେ ଜଣାପଡ଼େ ଯେ ଜନ୍ମନିୟନ୍ତ୍ରଣ କେବଳ ନାରୀର କର୍ତ୍ତବ୍ୟ ଏବଂ ପୁରୁଷର ଏଥିରେ କୌଣସି ଭୂମିକା ନାହିଁ। ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ହାସ୍ୟାସ୍ପଦ ଛଡା ଆଉ କ'ଣ ହୋଇପାରେ ? ଏହା ନାରୀମାନଙ୍କ ପ୍ରତି ଥିବା ପୁରୁଷର ମନୋଭାବକୁ ଇଙ୍ଗିତ କରେ। ବିହାରର ଉପମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଜନ୍ମ ନିୟନ୍ତ୍ରଣ ପାଇଁ ବିଦ୍ୟାଳୟରେ ଯୌନଶିକ୍ଷାର ଗୁରୁତ୍ୱ ସମ୍ପର୍କରେ କହିଛନ୍ତି। ସେ ଯାହା ବି ହେଉ ତାଙ୍କ ବକ୍ତବ୍ୟ ଦୁଇଟି ମୁଖ୍ୟ ବିଷୟକୁ ସୂଚାଇ ଦିଏ। ବର୍ତ୍ତମାନ ସମୟରେ ନାରୀଶିକ୍ଷା ଓ ଜନ୍ମନିୟନ୍ତ୍ରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୃଷ୍ଟିର ଆରମ୍ଭରୁ ନାରୀ ପୁରୁଷତାନ୍ତ୍ରିକ ସମାଜରେ ଅବହେଳିତ ହୋଇଆସିଛି। ଘରେ ବା ସମାଜରେ କେବଳ ପୁରୁଷର ହିଁ ଆଧିପତ୍ୟ। ଘରର ସବୁ ପୁରୁଷ ଖାଇସାରିବା ପରେ ହିଁ ସେ ବଳିଥିବା ଖାଦ୍ୟଖାଇ ଆସୁଥିଲା। ଘରର କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତରେ ସେ ଭାଗ ନେଇ ପାରୁ ନ ଥିଲା। ସାମାଜିକ, ଅର୍ଥନୈତିକ କିମ୍ବା ସାଥୀ ଚୟନ କୌଣସିଥିରେ ବି ତା'ର ଭୂମିକା ନ ଥିଲା। ଭାରତୀୟ ସଭ୍ୟତାରେ ଯଦିଓ ନାରୀଙ୍କୁ ଉଚ୍ଚ ଆସନ ଦିଆଯିବାର ବ୍ୟବସ୍ଥା ଥିଲା, ତାହା କେବଳ ପୋଥିରେ ହିଁ ସୀମିତ ଥିଲା। ବିଶ୍ୱର ଅନେକ ରାଷ୍ଟ୍ରରେ ନାରୀଶିକ୍ଷା ଉପରେ ରୋକ ଲଗାଯାଇଥିଲା। ଊନବିଂଶ ଶତାବ୍ଦୀର ଆରମ୍ଭରେ ନାରୀ ଜାଗରଣର ଆରମ୍ଭ ହେଲା। ୧୮୬୮ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ସର୍ବ ପ୍ରଥମେ ନାରୀଶିକ୍ଷାର ପ୍ରଗତି ପାଇଁ ଆଗେଇ ଆସିଥିଲା। ଭାରତରେ ମଧ୍ୟ ସାବିତ୍ରୀ ବାଈ ଫୁଲେ ଝିଅମାନଙ୍କ ଶିକ୍ଷା ପାଇଁ ସ୍କୁଲ ପ୍ରତିଷ୍ଠା କଲେ। ପ୍ରଗତି ହେତୁ ନାରୀ ନିଜର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେଲା। ପୁରୁଷ ଓ ନାରୀ ଭଗବାନ୍‌ଙ୍କ ଦୁଇ ସୁନ୍ଦର କୃତି। କେହି କାହାଠାରୁ ନ୍ୟୂନ ନୁହନ୍ତି ବୋଲି ମହାମନୀଷୀମାନେ ତାଙ୍କ ଲେଖନୀ ଦ୍ୱାରା ସୂଚାଇ ଦେଲେ। ନର୍‌ୱେର ନାଟ୍ୟକାର ହେନରିକ ଇବସେନ 'ଗୋଟିଏ ଖେଳନାର ଘର' ନାଟକରେ ନାୟିକା ନୋରା ଭଳି



ଚରିତ୍ର ମାଧ୍ୟମରେ ପୁରୁଷର ବୃଥା ଅହଂକାରକୁ ଚୂରମାର କରିଦେଲେ। ନୋରାକୁ କେବଳ ଏକ ଭୋଗ୍ୟବସ୍ତୁ ଓ ସନ୍ତାନ ଜନ୍ମ କରିବାର ଏକ ଯନ୍ତ୍ର ବୋଲି ବିବେଚନା କରୁଥିଲେ ପତି ଟୋରଭାଲଡ ହେଲମର। ପୁତ୍ର କନ୍ୟାକୁ ଯତ୍ନ ନେବାର ଅଧିକାର ନ ଥିଲା ସ୍ତ୍ରୀର। ଘରର ସବୁ ସିଦ୍ଧାନ୍ତ ନେଉଥିଲେ ହେଲମର। ଏପରିକି ତାଙ୍କ ସ୍ୱାମୀଙ୍କ ଜୀବନ ରକ୍ଷା କରିବା ପାଇଁ ଟଙ୍କା କରଜ କରିବାର ଅଧିକାର ନ ଥିଲା ତାଙ୍କର। ଶେଷରେ ଅତିଷ୍ଠ ହୋଇ ସେ ସ୍ୱାମୀ ଓ ଘର ପରିତ୍ୟାଗ କଲେ। ଏହି ନାଟକ ନାରୀବାଦ ପାଇଁ ପଥ ପରିଷ୍କାର କଲା। ଶିକ୍ଷିତା ନାରୀ ତା'ର ଅଧିକାର ପାଇଁ ଲଢିଲା। ପୂର୍ବରୁ ପରିବାର ହିଁ ନାରୀ କେତେ ସନ୍ତାନର ଜନନୀ ହେବ ତାହା ନିର୍ଦ୍ଧାରଣ କରୁଥିଲା। କନ୍ୟାସନ୍ତାନ ଜନ୍ମ ହେବାର ସମ୍ଭାବନା ଥିଲେ ତା'ର ଜନ୍ମ ହେବା ପୂର୍ବରୁ ହତ୍ୟା କରୁଥିଲେ। ଏଥିରେ ନାରୀ ଥିଲା ନାଚାର ସେ ଅନେକ ସନ୍ତାନର ଜନନୀ ହେବାକୁ ଇଚ୍ଛା ବିରୋଧରେ ବାଧ୍ୟ ହେଉଥିଲା।

ଏବେ ଯୁଗ ବଦଳିଛି। ନାରୀ ଶିକ୍ଷିତ ହୋଇଛି। କ'ଣ କଲେ ପରିବାର ନିୟୋଜନ ହୋଇପାରିବ ସେ ସଚେତନ। ଅଧିକ ସନ୍ତାନର ମା' ହେବା ପାଇଁ ପ୍ରତିରୋଧ କରୁଛି। ଶିକ୍ଷାରେ ନିମଗ୍ନ ହୋଇ ସେ ବିବାହ ବୟସକୁ ଘୁଞ୍ଚାଇ ପାରିଛି। ବିବାହ ଜୀବନର ସବୁ କିଛି ନୁହେଁ ବୋଲି ଅନୁଭବ କରିପାରିଛି ନାରୀ। ଏବେ ଶିକ୍ଷିତା ନାରୀ ୨୫ ବା ତା'ଠୁ ଅଧିକା ବର୍ଷରେ ବିବାହ କରୁଛନ୍ତି ଯାହା ଫଳରେ ପ୍ରଜନନ ସମୟ କମ୍ ହୋଇପାରୁଛି। ସେ ଅନୁଭବ କରୁଛି ଯେ ବଂଶ ରକ୍ଷା ପାଇଁ ଗୋଟିଏ ପୁଅ ବା ଝିଅ ହେଲେ ଚଳିବ। ଏପରିକି କିଛି ଶିକ୍ଷିତ ପୁରୁଷ ଓ ନାରୀ ସନ୍ତାନ ଜନ୍ମ ଦେବା ସପକ୍ଷରେ ନାହାନ୍ତି। ଆଜିକାଲି ବହୁ ମହିଳା ସ୍ୱାସ୍ଥ୍ୟ ସଚେତନ ହେବା ଦ୍ୱାରା ଜନ୍ମ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଉଛନ୍ତି। ଏକ ଆକଳନରୁ ଜଣାପଡେ ଯେ ଭାରତରେ ୧୯୭୦ ମସିହାରେ ୧୩%, ୧୯୯୭ରେ ୩୫% ଓ ୨୦୧୫ରେ ୫୮% ମହିଳା ଗର୍ଭ ନିରୋଧକ ବ୍ୟବହାର କରିଥିଲେ। ଏହା ଦ୍ୱାରା ଜନ୍ମ ହାର ନିୟନ୍ତ୍ରଣ ହେଉଥିବାର ଲକ୍ଷ୍ୟ କରାଯାଏ। ୧୯୬୬ରେ ଜଣେ ମହିଳା ହାରାହାରି ୫.୭ ସନ୍ତାନ ଜନ୍ମ ଦେଉଥିବା ବେଳେ ଏହା ଏବେ ୨.୩ ସନ୍ତାନକୁ ଖସି ଆସିବା ନିଶ୍ଚିତ ଭାବେ ଉତ୍ସାହଜନକ। ଏହା ନାରୀ ଶିକ୍ଷାର ଫଳ।

ଭାରତ ବର୍ଷର ଲୋକସଂଖ୍ୟା ବର୍ତ୍ତମାନ ୧୪୦ କୋଟିରୁ ଅଧିକ। ଯେଉଁ ମାତ୍ରାରେ ଜନସଂଖ୍ୟା ବଢିଚାଲିଛି, ଜନସଂଖ୍ୟାରେ ଭାରତ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହେବ। ଏବେଠୁ ଯଦି ଜନ୍ମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଆଗକୁ ଭାରତ ପାଇଁ ଘୋର ସମସ୍ୟା ଦେଖାଦେବ। ଏଥିପାଇଁ ପୁରୁଷ ଓ ନାରୀ ଉଭୟଙ୍କର ବନ୍ଧ୍ୟାକରଣର ଆବଶ୍ୟକତା ରହିଛି। ଅନ୍ୟ ଏକ ଆକଳନରୁ ଜଣାପଡେ ଯେ ପ୍ରତି ୧୦ ଜଣ ପୁରୁଷରେ ଜଣେ ମାତ୍ର ଜନ୍ମ ନିୟନ୍ତ୍ରଣ କଥା ଚିନ୍ତା କରୁଥିବା ବେଳେ ୧୦ଜଣରୁ ୪ଜଣ ମହିଳା ଜନ୍ମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଅନ୍ତି। ପ୍ରାୟ ୪୦ ପ୍ରତିଶତ ପୁରୁଷ ଭାବନ୍ତି ଯେ ଜନ୍ମ ନିୟନ୍ତ୍ରଣ ନାରୀର କାର୍ଯ୍ୟ। ଏଭଳି ଭାବନା ଆମ ସମାଜ ପାଇଁ ଅହିତକର। ପୁରୁଷ ନାରୀକୁ ଏ କ୍ଷେତ୍ରରେ ସହଯୋଗ କଲେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖାଯାଇ ପାରିବ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
ମୋ-୭୯୭୮୯୯୦୦୧୬

## ଏଇ ଭାରତରେ

ଦିଅଁଙ୍କ ପାଇଁ ଫୁଲ ବ୍ୟବହାର ହେବା ପରେ ତାହାକୁ ନଦୀ, ନାଳ କିମ୍ବା ବାହାରେ ଫିଙ୍ଗି ଦିଆଯାଉଛି। ଏହା ମଧ୍ୟ ଜଳ ପ୍ରଦୂଷଣର କାରଣ ହେଉଛି। କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଉତ୍ତରାଖଣ୍ଡ ନୈନିତାଲର ଡା. କିରଣ ତିୱାରୀ ଏକ ପରିବେଶ ଉପଯୋଗୀ ଉପାୟ ଆପଣାଇଛନ୍ତି। ନୈନଦେବୀ ମନ୍ଦିର ବ୍ୟତୀତ ନିକଟସ୍ଥ ଗୁରୁଦ୍ୱାରରୁ ଫୁଲ ସଂଗ୍ରହ କରି ସେଥିରୁ ରଙ୍ଗ ପ୍ରସ୍ତୁତ କରୁଛନ୍ତି । ତାହାକୁ ବ୍ୟବହାର କରି କନାରେ ବିଭିନ୍ନ ଡିଜାଇନ କରୁଛନ୍ତି। ଏହି ଡିଜାଇନକୁ 'ଫୁଲେରି ଆର୍ଟସ ' କୁହାଯାଉଛି। ଏହି ରଙ୍ଗ ବ୍ୟବହାର କରି ଶାଢ଼ି, ଷ୍ଟୋଲ ଓ ରୁମାଲ ଆଦି ତିଆରି କରାଯାଉଛି। ଏହି କାର୍ଯ୍ୟରେ ୧୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏତିକି ନୁହେଁ ଡା. କିରଣ ଓ ତାଙ୍କ ଟିମ୍ ମଧ୍ୟ ବର୍ଜ୍ୟ ଫୁଲରୁ ହୋଲି ପାଇଁ ପ୍ରାକୃତିକ ରଙ୍ଗ, କୁଙ୍କୁମ, ଧୂପ ଆଦି ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟ ଡା. କିରଣଙ୍କ ଦ୍ୱାରା ପ୍ରତିଷ୍ଠିତ 'ଚେଲି ଆର୍ଟସ' ସଂସ୍ଥା ମାଧ୍ୟମରେ କରାଯାଉଛି। ଏହି ସଂସ୍ଥା ମଧ୍ୟ ପାହାଡ଼ି ଉତ୍ପାଦ ଓ କୁମାଁଉନୀ ସଂସ୍କୃତି ବିକାଶ କ୍ଷେତ୍ରରେ କାମ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୭୪

- ଜାପାନରେ ନୂତନ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ଟାକିଓ ମିକିଙ୍କ ଦାୟିତ୍ୱ ଗ୍ରହଣ।
- ଗ୍ରୀସ୍ ଜନସାଧାରଣ ଗୃହୀତ ହୋଇଥିବା ଏକ ଦେଶବ୍ୟାପୀ ଗଣଭୋଟରେ ୧୪୪ ବର୍ଷ ବ୍ୟାପୀ ରାଜତନ୍ତ୍ରର ଉଚ୍ଛେଦ ଘଟାଇ ଏକ ସାଧାରଣତନ୍ତ୍ର ପ୍ରତିଷ୍ଠା କରିବା ସପକ୍ଷରେ ରାୟ ଦେବା ଫଳରେ ରାଜା କନ୍‌ଷ୍ଟାଣ୍ଟାଇନ୍ ଗାଦିଚ୍ୟୁତ।
- ବିଜୁ ପଟ୍ଟନାୟକଙ୍କ ପୁଅ ଶ୍ରୀ ପ୍ରେମ ପ୍ରକାଶ ପଟ୍ଟନାୟକଙ୍କ ବାସଭବନ ଖାନତଲାସ ଘଟଣାରେ ଦିଲ୍ଲୀ ପୋଲିସ ବିଭାଗର ଦୁଇଜଣ କର୍ମଚାରୀ ସସ୍‌ପେଣ୍ଡ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 9 | | 1 | | 2 | | |
| | 7 | | | | 2 | 4 | 3 | |
| | | | | | | | | |
| 8 | | | | | 3 | | | 9 |
| | | | | 5 | 4 | | 1 | |
| 5 | | | | | | 3 | 4 | 6 |
| | | | | | 7 | | | 5 |
| | | | | | | 6 | 8 | |
| 4 | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 1 | 9 | 7 | 4 | 6 | 2 |
| 1 | 9 | 2 | 8 | 6 | 4 | 7 | 3 | 5 |
| 4 | 6 | 7 | 3 | 2 | 5 | 8 | 1 | 9 |
| 8 | 2 | 3 | 6 | 4 | 9 | 1 | 5 | 7 |
| 9 | 7 | 4 | 5 | 3 | 1 | 6 | 2 | 8 |
| 6 | 5 | 1 | 2 | 7 | 8 | 3 | 9 | 4 |
| 7 | 3 | 6 | 4 | 5 | 2 | 9 | 8 | 1 |
| 5 | 1 | 9 | 7 | 8 | 6 | 2 | 4 | 3 |
| 2 | 4 | 8 | 9 | 1 | 3 | 5 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନେତାମାନଙ୍କ ଟଙ୍କା ବଣ୍ଟା ପର୍ବ ଆସିଗଲା

ମହାଶୟ,

ଏତେ ସରି ହେଲେ ମଧ୍ୟ ଲୋକମାନଙ୍କର ଟଙ୍କା ନେଇ ଭୋଟ ଦେବା ମାନସିକତା ବଢ଼ି ବଢ଼ି ଚାଲିଛି ପଛେ କମିବାର ନାଁ ନାହିଁ। ଲୋକମାନଙ୍କୁ ଭୂତେଇ ଭୋଟ ନେଇ ସର୍ବସ୍ୱ ଲୁଣ୍ଠନ କରି ମାଲାମାଲ ହେଉଥିବା ନେତାଙ୍କ କଥା କ'ଣ ଲୋକେ ଜାଣିପାରୁନାହାନ୍ତି। ଗଣତନ୍ତ୍ର ଶାସନ କେବଳ ତାଙ୍କରି ପାଇଁ, ସବୁ ସୁବିଧା ପାଇବେ ନେତାମାନେ। ଲୋକେ ଟିକେ କହିବାର ଅଧିକାର ପାଇବେ ନାହିଁ। ସତ କହିଲେ ଇଡି ସିବିଆଇ ଭୟ। ଏହି ହଜାରେ ଦୁଇ ହଜାର ଟଙ୍କାରେ କ'ଣ ପାଞ୍ଚବର୍ଷ ଚଳିଯିବା ? ସେମାନେ କିନ୍ତୁ ଆମକୁ ହଜାର ଦୁଇ ହଜାର ଟଙ୍କା ଦେଇ ଭୋଟ ନେଲା ପରେ ଦୀର୍ଘ ପାଞ୍ଚବର୍ଷ ପାଇଁ ଡକାୟତି କରିଚାଲିଛନ୍ତି। ଏହା କ'ଣ ଆମେ ଜାଣି ପାରୁନାହାନ୍ତି ? ଗଣତନ୍ତ୍ର ଶାସନ ଲୋପ ପାଇସାରିଲାଣି। ଟଙ୍କାକୁ ପ୍ରତ୍ୟାଖ୍ୟାନ କରି ନିଜର ମୂଲ୍ୟବାନ୍ ମତଦାନକୁ ସାବ୍ୟସ୍ତ କରନ୍ତୁ।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।
(ଶତାବ୍ଦୀ-ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟରେ କମୁଛି ଶିଶୁ ଜନ୍ମ ହାର

ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)

ରାଜ୍ୟରେ ଶିଶୁଙ୍କ ସଂଖ୍ୟା କମିବାରେ ଲାଗିଛି। ଇଣ୍ଡିଆ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ, ୨୦୨୧ରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫-୪୯ ବର୍ଷ ବୟସ)ରେ ୧.୨ କୋଟି ମହିଳା ଥିବାବେଳେ ୪୦ ଲକ୍ଷ ଶିଶୁ(୫ବର୍ଷରୁ କମ୍) ରହିଛନ୍ତି। ପୂର୍ବ ହିସାବକୁ ଦେଖିଲେ ରାଜ୍ୟରେ ଶିଶୁ ଜନ୍ମ ହାର କମୁଛି। ୨୦୧୫-୧୬ରେ ପ୍ରତି ଜଣେ ମହିଳାଙ୍କ ହାରାହାରି ୨ଜଣ ପିଲା ରହୁଥିବାବେଳେ ୨୦୧୯-୨୧ରେ ଏହି ହାର ୧.୮କୁ ଖସିଆସିଛି। ସେହିପରି ରାଜ୍ୟରେ ୨୦୧୧-୧୩ରେ ପ୍ରତି ଲକ୍ଷେ ଶିଶୁ ଜନ୍ମରେ ୨୨୨ ମାତୃ ମୃତ୍ୟୁ ହାର ଥିବାବେଳେ ୨୦୧୮-୧୯ରେ ୧୧୯ ରହିଥିଲା। ଯଦିଓ ଓଡ଼ିଶାରେ ମାତୃ ମୃତ୍ୟୁ ହାର କମିଛି ତଥାପି ଏହା ଦେଶ ତୁଳନାରେ ଅଧିକ ରହିଛି। ଜାତୀୟ ହାର ୯୭ ରହିଥିବା ବେଳେ ଓଡ଼ିଶାରେ ୧୧୯ ରହିଛି। ଏପରି କି ଓଡ଼ିଶାରେ ଏବେ ବି କିଛି ଆଦିବାସୀ ବହୁଳ ଅଞ୍ଚଳରେ ମାତୃ ମୃତ୍ୟୁହାର ଅଧିକ ରହିଥିବା ଦେଖାଯାଇଛି। ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି ଏବଂ କୋରାପୁଟରେ ଏବେ ବି ମାତୃ ମୃତ୍ୟୁ ହାର ୨୦୦ ଉପରେ ରହିଛି। ଭାରତର ଗଣନାର ଟେକ୍ନିକାଲ ଗ୍ରୁପ୍ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ ୨୦୧୧ରେ ଶିଶୁ(୦ରୁ ୪ବର୍ଷ)ଙ୍କ ସଂଖ୍ୟା ୮.୭% ଥିବାବେଳେ ୨୦୨୧ରେ ଏହା ୭.୬%କୁ ଖସିଛି। ୨୦୩୬ ବେଳକୁ ତାହା ୬%କୁ ଖସି ଆସିବ ବୋଲି ଆକଳନ କରାଯାଇଛି। ସେହିଭଳି ପ୍ରଜନନ ବୟସ ବର୍ଗର ମହିଳାଙ୍କ ସଂଖ୍ୟା ମଧ୍ୟ ଆହୁରି କମିବ ବୋଲି ଆଶା କରାଯାଉଛି। ୨୦୨୧ରେ ଏହି ବର୍ଗର ମହିଳାଙ୍କ ସଂଖ୍ୟା ୫୫% ଥିବାବେଳେ ୨୦୩୬ରେ ତାହା ୫୧% ରହିବ ବୋଲି ଆକଳନ କରାଯାଇଛି। ନ୍ୟାଶନାଲ ଫ୍ୟାମିଲି ହେଲ୍ଥ ସର୍ଭେ-୫(ଏନ୍ଏଫ୍ଏଚ୍ଏସ୍-୫) ରିପୋର୍ଟ ଅନୁସାରେ, ଓଡ଼ିଶାରେ ୫ବର୍ଷରୁ କମ୍ ବୟସର ୩୧% ଶିଶୁଙ୍କ ରୁଗ୍ଣ ବା ଦୁର୍ବଳ ସ୍ୱାସ୍ଥ୍ୟ ରହିଥିବାବେଳେ ୧୮.୧% ଶିଶୁ ମୃତ୍ୟୁବରଣ ହୋଇଛନ୍ତି। ଏପରି କି ୨୯.୭% ଶିଶୁଙ୍କର କମ୍ ଓଜନ ରହିଛି। ତେବେ ରକ୍ତହୀନତା ଏବଂ ଅପପୁଷ୍ଟି ଯୋଗୁ ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଆଦି ୧୦ଜିଲା ଏବେ ଓଡ଼ିଶାର ହଟ୍ସ୍ପଟ ଜିଲା। ତେଣୁ ଏସବୁ ଜିଲା ପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶାରେ ୬୪.୪% ପ୍ରଜନନ ବର୍ଗର ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିବାବେଳେ ୬୧.୮% ଗର୍ଭବତୀଙ୍କ ଠାରେ ମଧ୍ୟ ଏହା ଦେଖାଯାଇଛି। ଏନ୍ଏଫ୍ଏଚ୍ଏସ୍-୫ ରିପୋର୍ଟ(୨୦୧୯-୨୧) ଅନୁସାରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫-୪୯ବୟସ)ର ଦୁଇ ତୃତୀୟାଂଶ ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିଲା। ଆଦିବାସୀ ଅଞ୍ଚଳରେ ଏହା ୭୧.୭% ରହିଛି। ଖାଦ୍ୟରେ ଲୌହ ସାର ବା ଆଇରନ୍‌ର ଅଭାବ, କୃମି ସଂକ୍ରମଣ, ଗର୍ଭଧାରଣ ଏବଂ ମାସିକ ଋତୁସ୍ରାବ ସମୟରେ ଆଇରନ କମିବା ଆଦି ରକ୍ତହୀନତାର ପ୍ରାଥମିକ କାରଣ ବୋଲି ଜଣାପଡ଼ିଛି। ସେପଟେ ରାଜ୍ୟରେ ଶିଶୁ ମୃତ୍ୟୁ ହାର କମିବ ବୋଲି ଆଶା କରାଯାଉଛି। ୨୦୧୯-୨୧ରେ ଏହି ହାର ୩୪ ଥିବା ବେଳେ ୨୦୩୧-୩୫ରେ ତାହା ୨୦କୁ ଖସିଆସିବ ବୋଲି ଆକଳନ କରାଯାଇଛି।



କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ଶନିବାର ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୨।୨୦୨୩

| | |
|---|---|
| ୫,୧୦,୪୩୧ ଟଙ୍କା | |
| ସୁନା | ୦୨.୪୫୦ ଗ୍ରାମ୍ |
| ରୁପା | ୩୮.୩୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- 'ମାନବାଧିକାର ମଞ୍ଚ' ଆନୁକୂଲ୍ୟରେ ବିଶ୍ୱମାନବାଧିକାର ଦିବସ, ହୋଟେଲ ଏମ୍ପାୟର, ଶହୀଦ ନଗର, ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ଓଏଏସ୍ ଅଫିସରର୍ସ ଆସୋସିଏଶନ ବିଲ୍ଡିଂ, ୟୁନିଟ୍-୩, ଖାରବେଳ ନଗର, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହୀ ସମିତି ବୈଠକ ତଥା ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତୁତି ବୈଠକ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଭି. ଏ. ୯/୧, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ଶିବ ଶକ୍ତି କ୍ଲବ ପକ୍ଷରୁ ଅଲ୍ ଓଡ଼ିଶା ତମାଣ୍ଡୋ କପ୍ ଫୁଟ୍‌ବଲ୍, ମିନି ଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ରାଜ୍ୟ ପୁସ୍ତକ ମହୋତ୍ସବ ଅକ୍ଷୟର ଉଦଯାପନୀ ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।

ଖୋର୍ଦ୍ଧା
- ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ମହୋତ୍ସବ, ଜୟୀରାଜଗୁରୁ ଭବନ, ଅପରାହ୍ନ ୩ଟା।

## ୧୪ ମୃତ ବିଦେଶାଗତ ପକ୍ଷୀ ଜବତ

### ସ୍କୁଟି, ମୋବାଇଲ ଛାଡ଼ି ଶିକାରୀ ଫେରାର



ବ୍ରହ୍ମଗିରି,୯।୧୨(ସ୍ୱାଧୀନ ଚମ୍ପତିରାୟ): ବର୍ତ୍ତମାନ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଚାଲିଥିବା ସମୟରେ ଏମାନଙ୍କ ଶିକାର ପାଇଁ ଶିକାରୀ ମାତିଲେଣି। ଫଳରେ ବ୍ରହ୍ମଗିରି ବନ ବିଭାଗ ଏମାନଙ୍କ ସୁରକ୍ଷା ପାଇଁ ସଚେତନତା କରୁଥିବା ସମୟରେ ଅନେକ ସ୍ଥାନରେ ପାଟ୍ରୋଲିଂ ଜାରି ରଖିଛି। ଶନିବାର ବ୍ରହ୍ମଗିରି ବନ ବିଭାଗର ଏକ ପାଟ୍ରୋଲିଂ ଦଳ ପାଟ୍ରୋଲିଂ କରୁଥିବା ସମୟରେ ବ୍ରହ୍ମଗିରି ରେଞ୍ଜ ଅଧୀନ ଘଟକୁଡ଼ି ରାସ୍ତାରୁ ଜଣେ ଶିକାରୀ ବିଦେଶାଗତ ପକ୍ଷୀ ଶିକାର କରି ଆଣୁଥିବା ଦେଖି ଚଢ଼ାଉ କରିଥିଲା। ଫଳରେ ଶିକାରୀ ତାଙ୍କ ସ୍କୁଟି ଏବଂ ମୋବାଇ ସହ ମୃତ ପକ୍ଷୀଗୁଡ଼ିକୁ ଛାଡ଼ି ଚମ୍ପଟ ମାରିଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ୧୪ଟି ବିଦେଶାଗତ ମୃତ ପକ୍ଷୀ ସହ ଶିକାରୀଙ୍କ ସ୍କୁଟିକୁ ଜବତ କରିଛି।

## ୧୨ ସାହିତ୍ୟିକଙ୍କୁ 'ରାଜଧାନୀ ପୁସ୍ତକମେଳା ପୁରସ୍କାର'

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

### 'ଅକ୍ଷର'ର ୯ମ ସନ୍ଧ୍ୟା

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ୯ମ ସନ୍ଧ୍ୟାରେ ଶନିବାର ୨୩ତମ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ପୁସ୍ତକ ମେଳା କମିଟି ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକମେଳା କମିଟି ପକ୍ଷରୁ ୨୦୨୩ ପାଇଁ ଓଡ଼ିଆ ସାହିତ୍ୟର ୯ଟି ବିଭାଗରେ ୧୨ଜଣ ସାହିତ୍ୟିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ପୁସ୍ତକ 'ଓଡ଼ିଆ ସାହିତ୍ୟ: ପୁରୁଣା ଓ ନୂଆ' ପାଇଁ ଡ. ସଂଘମିତ୍ରା ଭଞ୍ଜ, ଉପନ୍ୟାସ 'ଘାଟ ମୁହାଁ ଡଙ୍ଗା' ପାଇଁ ଲଲାଟେନ୍ଦୁ ସାହୁ, କ୍ଷୁଦ୍ରଗଳ୍ପ 'ଅହ୍ୟରାଣୀ' ପାଇଁ ରଶ୍ମି ମିଶ୍ର ଓ 'ଫଟୋ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ପ୍ରଦ୍ୟୁମ୍ନ ପଟ୍ଟନାୟକ, କବିତା ପୁସ୍ତକ 'ପୁରୁଣା ଗୀତର ଧୂନ୍' ପାଇଁ ଇନ୍ଦିରା ଦାଶ, ଧର୍ମ ସାହିତ୍ୟ ପୁସ୍ତକ 'ଦେବୀ ଦର୍ଶନ' ପାଇଁ ବିଶ୍ୱନାଥ ମଲ୍ଲିକ, ଅନୁବାଦ ସାହିତ୍ୟ ପୁସ୍ତକ 'ଗୋଟିଏ ରାତିର କାହାଣୀ' ପାଇଁ ବିଦ୍ୟୁତଲତା ଦାସ, ଶିଶୁଗଳ୍ପ ପୁସ୍ତକ 'ସାବାସ୍ ସୁମନ' ପାଇଁ ପ୍ରଭାସିନୀ ବରାଡ଼, ଶିଶୁ କବିତା ପୁସ୍ତକ 'ସରଗ ଅଟଇ ମୋ ଗାଁ ଭୂଇଁ' ପାଇଁ ନିରାକାର ଚଇନି ଓ 'ଗୀତରେ ଗୀତରେ ଗୀତ ଗଜରା' ପାଇଁ ଅରୁଣଚନ୍ଦ୍ର ମହାନ୍ତି, ଯୁବସାହିତ୍ୟ ବିଭାଗରେ କବିତା ପୁସ୍ତକ 'କବିତା' ପାଇଁ ଦିନେଶ ଅଗ୍ରୱାଲ, ଗୀତି କବିତା ପୁସ୍ତକ 'ଦେହ ଦ୍ରେହ' ପାଇଁ ନୃସିଂହ ଷଡ଼ଙ୍ଗୀଙ୍କୁ କବି ସୁଧାଂଶୁମୋହନ ରାଉତରାୟ ସ୍ମୃତି ସମ୍ମାନ ସ୍ୱରୂପ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜସ୍ତରୀୟ ପୁସ୍ତକ ମେଳାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟ ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଚୋରା ଗାଡ଼ି ସହ ଧରାପଡ଼ିଲେ ଯୁବକ

ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)

ବାଇକ୍ ଚୋରି କରିନେଇଥିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଗିରିଙ୍ଗାପୁଟ ତଳସାହିର ଉଦୟ ଦେଉରୀ। ତାଙ୍କ ପାଖରୁ ପୋଲିସ ଏକ ବାଇକ୍ ଜବତ କରିବା ସହ ନଂ.୩୭୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୪ ତାରିଖରେ କାମଦେବ ବେହେରା ନାମକ ବ୍ୟକ୍ତି ଚୌଧୁରୀ ଇଟା ଫ୍ୟାକ୍ଟ୍ରି ପାଖରେ ତାଙ୍କ ବାଇକ୍ ରଖି ଫୋନରେ କଥା ହେଉଥିଲେ। ଏହାର ସୁଯୋଗରେ ଉଦୟ ବାଇକ୍‌କୁ ଚୋରି କରି ନେଇଥିଲେ। କିଛି ସମୟ ପରେ କାମଦେବ ତାଙ୍କ ବାଇକ୍ ନ ପାଇ ଖୋଜାଖୋଜି କରି ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉଦୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ବାଇକ୍ ଚୋରି କରିଥିବା ମାନିଥିଲେ।

## ରଡ୍‌ରେ ପିଟି ଶାଶୁଙ୍କୁ ହତ୍ୟା କରିଥିଲେ ବୋହୂ

### ଶୋଇବାଘରୁ ବୃଦ୍ଧାଙ୍କ ମୃତଦେହ ମିଳିବା ଘଟଣା



ଗିରଫ ବୋହୂ ସରସ୍ୱତୀ ସାହୁ



ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ମଧୁପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧାଙ୍କୁ ଶୋଇବା ଘରେ ନିର୍ମମ ଭାବେ ହତ୍ୟା କରାଯିବା ଘଟଣାର ପର୍ଦ୍ଦାଫାଶ କରୁଛି ପୋଲିସ। ଉକ୍ତ ରାତିରେ ଲାଇଟ୍ ଜଳାଇବାକୁ ନେଇ ହୋଇଥିବା ଝଗଡ଼ା ସମୟରେ ବୋହୂ ସରସ୍ୱତୀ ସାହୁ ଶାଶୁ ସୁଚିତ୍ରାଙ୍କୁ ଏକ ରଡ୍‌ରେ ପିଟି ହତ୍ୟା କରିଥିବା ଶନିବାର ଏକ ଖବରଦାତା ସମ୍ମିଳନୀରେ କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି। ଏଥିସହ ପୋଲିସ ସରସ୍ୱତୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ସୁଚିତ୍ରାଙ୍କ ପୁଅ ସରୋଜ ପ୍ରଥମାଷ୍ଟମୀ ଭାର ନେଇ ଭଉଣୀ ଘର ବ୍ରହ୍ମପୁରକୁ ଯାଇଥିଲେ। ସରୋଜଙ୍କ ସ୍ତ୍ରୀ ସରସ୍ୱତୀ ଗର୍ଭବତୀ ଥିବାରୁ ଶାଶୁ ରାତିରେ ତାଙ୍କ ପାଖରେ ଶୋଇବାକୁ ଡାକିଥିଲେ। ଶ୍ୱଶୁର ଚତୁର୍ଭୁଜ ସାହୁ ଅନ୍ୟ ଏକ ଘରେ ଶୋଇଥିଲେ। ଶୋଇବାବେଳେ ସରସ୍ୱତୀ ଲାଇଟ୍ ବନ୍ଦ କରିବାକୁ କହିବାରୁ ଶାଶୁ ଏଥିରେ ବାରଣ କରିଥିଲେ। ହେଲେ ବୋହୂ ଲାଇଟ୍ ବନ୍ଦ କରିବାକୁ ଜିଦ୍ ଧରିଥିଲେ। ପୂର୍ବ ଭଳି ଶାଶୁ ସରସ୍ୱତୀଙ୍କୁ ବିଭିନ୍ନ ପ୍ରକାରର କଥା ଶୁଣାଇଥିଲେ। ଏ ସବୁକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସରସ୍ୱତୀ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେହି ଘରେ ଥିବା ଏକ ଲୁହା ରଡରେ ଶାଶୁଙ୍କ ମୁଣ୍ଡକୁ ୩ ଥର ପ୍ରହାର କରିଥିଲେ। ସୁଚିତ୍ରା ଖଟ ଉପରେ ପଡ଼ିଯାଇ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବାରୁ ବୋହୂ ସେଠାରୁ ଅନ୍ୟ ଏକ ଘରକୁ ଯାଇଥିଲେ। ଲୁହାରଡ ଲୁଚାଇବା ସହ ନିଜ ପିନ୍ଧା ଲୁଗାକୁ ଧୋଇଦେଇ ଲୁଚାଇ ରଖିଥିଲେ। ସକାଳେ ଶାଶୁଙ୍କ ମୃତ୍ୟୁ ଖବର ଶ୍ୱଶୁରଙ୍କୁ ଜଣାଇଥିଲେ। ସରୋଜଙ୍କ ମାମୁ ହୃଷୀକେଶ ଶ୍ରୀଚନ୍ଦନଙ୍କ ଅଭିଯୋଗରେ ପୋଲିସ ନଂ. ୪୪୬/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଗୁରୁବାର ସନ୍ଦେହରେ ବୋହୂ ସମେତ ୩ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଶୁକ୍ରବାର ବୋହୂ ଦୋଷ ସ୍ୱୀକାର କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଭିଷେକ



@ ଅରୁଣ



@ ବାବୁନି



@ ପ୍ରଭାସ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ସମ୍ବଲପୁର ଶାଖା
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧,
ଫୋନ୍ .: ୬୩୭୦୭୦୪୮୫୫,
ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ୍, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | ଶ୍ରୀମତୀ କରିସ୍ମା ସାହୁ, ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟସ୍), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ୍ କ୍ଷେତ୍ରାଧିନ ସଦର ସବ୍-ରେଜିଷ୍ଟ୍ରେସନ୍ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | ତା.୧୭.୦୮.୨୦୨୩ରିଖ ସୁଦ୍ଧା ଟ.୩୮,୯୧,୬୫୪/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ସଂକ୍ଷେପରେ

### ମିଷ୍ଟର, ମିସ୍ ଇଣ୍ଡିଆ ହେବେ ଦିବ୍ୟାଙ୍ଗ

**ଜାନୁୟାରୀ, ଫେବୃୟାରୀରେ ପ୍ରତିଯୋଗିତା: ପୋଷ୍ଟର ଉନ୍ମୋଚିତ**

ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)

ରାଜ୍ୟରେ ୬୦ ରୁ ୭୦ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି। ସେମାନଙ୍କ ମଧ୍ୟରେ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କର ସମ୍ମାନର ସହ ବଞ୍ଚିବାର ଇଚ୍ଛା ରହିଛି। ସେଥିପାଇଁ ଦିବ୍ୟାଙ୍ଗଙ୍କ ପ୍ରତିଭା ଅନ୍ୱେଷଣ ପାଇଁ ୨୦୨୪ ବର୍ଷ ଜାନୁୟାରୀ ଓ ଫେବୃୟାରୀରେ ମିଷ୍ଟର ଓ ମିସ୍ ଇଣ୍ଡିଆ ପ୍ରତିଯୋଗିତା କରାଯିବ। ପରିବର୍ତ୍ତନ ଓ ସ୍ୱାଭିମାନ ସଂଗଠନ ପକ୍ଷରୁ ଭୁବନେଶ୍ୱର ପ୍ରେସ୍ କ୍ଲବରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ତଥା ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି। ସ୍ୱାଭିମାନ ସଂଗଠନର ସ୍ମୃତି ମହାପାତ୍ର, ପରିବର୍ତ୍ତନ ସଂଗଠନର ପ୍ରତିଷ୍ଠାତା ଅମିତ ତିୱାରି, ଶ୍ୱେତା ତିୱାରି ଏବଂ ଟିମ୍ ଗ୍ରୁପ୍‌ର ସିଏମଡି ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଏହି ଘୋଷଣା କରିଛନ୍ତି। ପୂର୍ବରୁ ଗୁଜରାଟ ଓ ଝାଡ଼ଖଣ୍ଡରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ମିଷ୍ଟର ଓ ମିସ ଇଣ୍ଡିଆ ପ୍ରତିଯୋଗିତା ସଫଳତାର ସହ ସରିଛି। ଓଡ଼ିଶାରେ ଦିବ୍ୟାଙ୍ଗମାନେ କିଭଳି ଭାଗନେଇ ପାରିବେ ସେ ସମ୍ପର୍କରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ। ଦିବ୍ୟାଙ୍ଗ ପ୍ରତିଭାମାନଙ୍କୁ ନେଇ ସାର୍ଥକ ପକ୍ଷରୁ ଓଡ଼ିଶାରେ ହେବାକୁ ଥିବା ମିଷ୍ଟର ଓ ମିସ ଇଣ୍ଡିଆ ରାଜ୍ୟସ୍ତରରୁ ନେଇ ଜାତୀୟ ସ୍ତରରେ ପରିଚୟ ପ୍ରଦାନ କରିବା ଏକ ପ୍ରୟାସ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ଲୋଗୋ ବା ପୋଷ୍ଟର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ସାର୍ଥକ ଦ୍ୱିବେଦୀ, କିରଣ ବେହେରା, ନମିତା ସାହୁ, ରୁଦ୍ର ନାରାୟଣ ପ୍ରମୁଖଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ ପ୍ରଧାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

### ଫାଇନାଲରେ ସ୍ୱର୍ଣ୍ଣଦେବୀ, ମା'ମଙ୍ଗଳା କ୍ଲବ

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)

କଲ୍ୟାଣପୁର ଗ୍ରାମପଞ୍ଚାୟତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଶନିବାର ୭ମ ଦିନରେ ପହଞ୍ଚିଛି। ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ୧-୦ ଗୋଲରେ ଇଲେଭେନ ଗାଁ କ୍ଲବ ତିନିଘରିଆକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସପ୍ତମ ଦିନର ଏହି ଟୁର୍ଣ୍ଣାମେଣ୍ଟକୁ କଟକର ମହାନଗର ନିଗମ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରବିବାର ଗ୍ରାମାଞ୍ଚଳ ବି ଡିଭିଜନର ପ୍ରଥମ ଫାଇନାଲ ଜୟଦୁର୍ଗା କ୍ଲବ ଆମଣ ସହିତ ରଘୁନାଥଜୀଉ ଫୁଟ୍‌ବଲ୍ କ୍ଲବ ପୂରଣ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍ ନାଇଜେରିଆ ଏକାଦଶ ସହିତ ଜଗା ୟୁନାଇଟେଡ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ ମ୍ୟାଚ୍‌ଟି ଗ୍ରାମାଞ୍ଚଳ ଏ ଡିଭିଜନର ମା' ମଙ୍ଗଳା କ୍ଲବ ଗୋଠପୁର ସହିତ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିଠାରୁ ସୂଚନା ମିଳିଛି।

# ପାଣି କିଣିଲେ, ଶୌଚ ପାଇଁ ବନ୍ଧୁଘର ଧାଇଁଲେ

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

**ମରାମତି ପାଇଁ ପାଣି ଯୋଗାଣ ବନ୍ଦ**

**ଶୁକ୍ରବାର ରାତିରୁ ଉହାଳବିକଳ ସ୍ଥିତି**

**ରାସ୍ତାରେ ଶୌଚ କରି ଟିସୁ ପେପର ଫିଙ୍ଗିଲେ**



ଖାଲଖମା ରାସ୍ତା, ବିଜୁଳି, ଦୁର୍ଗନ୍ଧ, ମଶା ଦାଉରେ କଲବଲ ହେବାପରେ ଏବେ ପିଇବା ପାଣି ପାଇଁ ହନ୍ତସନ୍ତ ହୋଇଛନ୍ତି ସ୍ମାର୍ଟସିଟିବାସୀ। ଗୋଟେପଟେ ସ୍ୱେରେଜ କାମ ପାଇଁ ୱାଟ୍‌କୋ ସହରର ବିଭିନ୍ନ ସ୍ଥାନରେ ଖୋଳାପୋଡା କରି ଚାଲିଥିବାବେଳେ ଏବେ ପୁଣି ସହରବାସୀଙ୍କୁ ପାଣି ଯୋଗାଇବାରେ ଫେଲ୍ ମାରିଛି। ଠିକ୍ ସମୟରେ ପାଇପ୍ ମରାମତି କରାଯାଇ ପାରି ନ ଥିବାରୁ ଶୁକ୍ରବାର ରାତିରୁ ସହରର ବିଭିନ୍ନ ଅଞ୍ଚଳରେ ପାଣି ଯୋଗାଣ ବନ୍ଦ ରହିଛି। ଫଳରେ ବମିଖାଲ, ପଳାଶୁଣୀ, ସୁଭଦ୍ରା ଏନ୍‌କ୍ଲେଭ, ଜୟଦୁର୍ଗା ନଗର, ପ୍ରାଚୀବିହାର, ରସୁଲଗଡ଼ ସମେତ ଅଧିକାଂଶ ଅଞ୍ଚଳରେ ରହୁଥିବା ଶହଶହ ପରିବାର ପାଣି ପାଇଁ ଉହଳ ବିକଳ ହେଉଛନ୍ତି। ଯେଉଁମାନଙ୍କର ବୋରିଂ ନାହିଁ ସେମାନଙ୍କ ଅବସ୍ଥା କହିଲେ ନ ସରେ। ଶୁକ୍ରବାର ରାତି ଯାହା ଯେମିତି କଟି ଯାଇଥିଲେ ବି ଶନିବାର ସକାଳୁ ପିଇବା ସହ ନିତ୍ୟକର୍ମ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେତେକ ପରିବାର ବଜାରରୁ ପାଣି କିଣି ପିଇଥିଲେ ମଧ୍ୟ ଶୌଚ ପାଇଁ ହଟହଟା ହେବାକୁ ପଡିଥିଲା। କିଏ ସହରରେ ରହୁଥିବା ବନ୍ଧୁ ଘରକୁ ଧାଇଁଥିଲେ ତ ଆଉ କିଏ ବୋରିଂ ରହିଥିବା ଚିହ୍ନା ପରିଚିତଙ୍କ ଘରୁ ପାଣି ମାଗିଆଣି ଚଳିଥିଲେ। ଏପରିକି ବହୁ ପରିବାର ଘରେ ତାଲା ପକାଇ ପିଲାଛୁଆ ଧରି ବନ୍ଧୁଘର କିମ୍ବା ଅନ୍ୟତ୍ର ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ପିଇବା ପାଇଁ ଦୋକାନରୁ ପାଣି କିଣି ଆଣିବା ସହ କିଛି ଲୋକ ରୋଷେଇ କରି ନ ପାରି ହୋଟେଲରୁ ଖାଇବା ଆଣିଥିଲେ। ଏହାକୁ ନେଇ ଦିନ ତମାମ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କେତେକ ସ୍ଥାନରେ ଲୋକେ ଉତ୍ତ୍ୟକ୍ତ ହୋଇ ଶୌଚ ପାଇଁ ବ୍ୟବହାର କରିଥିବା ଟିସୁ ପେପର ରାସ୍ତାକୁ ଫିଙ୍ଗିଥିଲେ। ୱାଟ୍‌କୋ ଓ ବିଏମ୍‌ସି କାର୍ଯ୍ୟାଳୟରେ ଏନେଇ ଅଭିଯୋଗ କରାଯାଇଥିଲେ ବି କୌଣସି ଲାଭ ହୋଇ ନ ଥିଲା। ତେବେ ପଳାଶୁଣୀଠାରେ ଥିବା ପାଣି ପାଇପ୍‌ଲାଇନ୍ କାମ ଚାଲିଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଶନିବାର ସନ୍ଧ୍ୟାରେ ୱାଟ୍‌କୋ ଡିଭିଜନ-୨ର ଜେନେରାଲ ମ୍ୟାନେଜରଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦିଆଯାଇଥିଲା। ଗୋଟେପଟେ ରାଜ୍ୟ ସରକାର ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ଯୋଗାଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟର ରାଜଧାନୀରେ ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ।

### ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ବାଲିଅନ୍ତା,୯।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରେନ କର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ମଧୁମାଧବ ଜେନା, ସମ୍ପାଦକ ଯୁଗଳ କିଶୋର ସାହୁ ଓ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସଂଘର ସମ୍ପାଦକ ଗନ୍ଧର୍ବ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକୁ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ କୈଳାସ ପାତ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।



୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରତ୍ୟୁଷରେ ପୁରୀ ଗସ୍ତ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟରେ କାନ୍ତକବି ଜୟନ୍ତୀ

ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର କାନ୍ତକବି ଲକ୍ଷ୍ମୀକାନ୍ତ ଛାତ୍ରବାସ ପରିସରରେ ବିଶିଷ୍ଟ କବି, ସାଧୀନତା ସଂଗ୍ରାମୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୬ତମ ଜନ୍ମ ବାର୍ଷିକୀ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସ୍ନାତକୋତ୍ତର ଛାତ୍ରାବାସର ୱାର୍ଡେନ ପ୍ରଫେସର ପ୍ରବୋଧ କୁମାର ହୋତା ଓ ଡକ୍ଟର ଅନିତା ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାନ୍ତକବିଙ୍କ ଅନବଦ୍ୟ କୃତି ଉପରେ ଅବଗତ କରାଇଥିଲେ। ଛାତ୍ରାବାସର ତତ୍ତ୍ୱାବଧାରକ ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ ଅନ୍ତେବାସୀଙ୍କୁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। କାନ୍ତକବିଙ୍କ ନାତି ତଥା ବିଶିଷ୍ଟ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ମୁଖ୍ୟବକ୍ତା ଭାବରେ କବି ଜୀବନ ବେଦନା ମଧ୍ୟରେ ଥାଇ କିପରି ଆଧୁନିକ ଓଡିଆ ସାହିତ୍ୟର ଜଣେ କାଳଜୟୀ ସାଧକ ହୋଇପାରିଥିଲେ ତାହା ଉପରେ ଆଲୋକପାତ କରିଥିଲେ। କାନ୍ତକବିଙ୍କ ରଚିତ ଏକ ମାତ୍ର ଉପନ୍ୟାସ 'କଣାମାମୁଁ' ଓ 'ବୁଢ଼ା ସଂଖାର' ଗଳ୍ପ ଶ୍ରେଷ୍ଠ କୃତି ଭାବରେ ପରିଗଣିତ ହେବା ପଛର ରୋଚକ ତଥ୍ୟ ରଖିଥିଲେ। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ନାତୁଣୀ ନିବେଦିତା ମହାନ୍ତି ଓ ଉତ୍କଳ ସମ୍ମିଳନୀ ସଭାପତି ଦିଲୀପ ଦାସଶର୍ମା କାନ୍ତକବିଙ୍କ ସ୍ମୃତି ଚାରଣ କରିଥିଲେ। ଛାତ୍ରାବାସର ସହତତ୍ତ୍ୱାବଧାରକ ଶାନ୍ତି ସ୍ୱରୂପ ସାହୁ ଧନ୍ୟବାଦ ଦେଇଥିଲେ।

### ଶେଷ ସନ୍ଧ୍ୟାରେ ନାଟକ 'ଆଦିକବି'



ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଞ୍ଚଦିନ ଧରି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଚାଲିଥିବା ନାଟକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ରଙ୍ଗମଞ୍ଚ ନାଟ୍ୟସଂସ୍ଥାର କଳାକାରମାନେ ଆଦିକବି ସାରଳା ଦାସଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ଆଦିକବି' ପରିବେଷଣ କରିଥିଲେ। ଅତିଥି ଭାବେ କାଦମ୍ବିନୀ ପତ୍ରିକା ସମ୍ପାଦିକା ଇତିରାଣୀ ସାମନ୍ତ, ସତ୍ୟଜିତ ରାୟ ଚଳଚ୍ଚିତ୍ର ଓ ଟେଲିଭିଜନ ସଂସ୍ଥା ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ନାଟ୍ୟକାର ଧୀରେନ ମଲ୍ଲିକ, ଲାଲ ବୀରେନ ରାୟ ଓ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସଙ୍କୁ ସମ୍ମାନ ଜଣାଇଲା 'ନମନ'

ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା)

**ଷ୍ଟେଜ୍‌ରେ ଲାଗିଗଲା ନିଆଁ**

କମିଶନରେଟ ପୋଲିସ ସହ ରାଜ୍ୟର ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ତ୍ୟାଗପୂତ ସେବାକୁ ସମ୍ମାନ ଜଣାଇବା ଲାଗି ନିଆରା କାର୍ଯ୍ୟକ୍ରମ 'ନମନ' ଗତବର୍ଷଠାରୁ ଆୟୋଜିତ ହୋଇଆସୁଛି। ଚଳିତବର୍ଷ ଶନିବାର ୭ମ ବାଟାଲିୟନ ପରିସରରେ ୨ୟ ନମନ-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଭଳି ଏକ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକତ୍ର ହୋଇଥିଲେ ପୋଲିସ କର୍ମଚାରୀ ଓ ତାଙ୍କ ପରିବାର। ସେମାନଙ୍କୁ ଉତ୍ସାହିତ କରିବାକୁ ଓଲିଉଡ୍‌ର କଳାକାର ଓ କଣ୍ଠଶିଳ୍ପୀମାନେ ମଞ୍ଚରେ ନାଚ, ଗୀତ ଓ କମେଡି ମାଧ୍ୟମରେ ସମ୍ମାନ ଜଣାଇଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପୂରା ପରିବେଶ ରଙ୍ଗୀନ ହୋଇ ଉଠିଥିଲା। ବିଭିନ୍ନ ଓଡ଼ିଆ ଓ ହିନ୍ଦୀ ଗୀତ, ନୃତ୍ୟର ସମସ୍ତେ ଝୁମିଥିଲେ। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂଙ୍କ ସହ 'ନମନ'ର ଅଧ୍ୟକ୍ଷ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଉପାଧ୍ୟକ୍ଷ ସବ୍ୟସାଚୀ ମିଶ୍ର, ଅଭିନେତା ଆକାଶ ଦାସ ନାୟକ, ସିଦ୍ଧାନ୍ତ ମହାପାତ୍ର, ଅରିନ୍ଦମ ରାୟ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ। ମ୍ୟାନେଜିଙ୍ଗ ଟ୍ରଷ୍ଟି ଉଲ୍ଲାସ ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମ ଚାଲିଥିବାବେଳେ ଷ୍ଟେଜ୍‌ରେ କୌଣସି କାରଣରୁ ନିଆଁ ଲାଗିଥିଲା। ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ କର୍ମଚାରୀ ଲିଭାଇ ଦେବାରୁ ବଡ଼ ଦୁର୍ଘଟଣା ଟଳିଯାଇଥିଲା।



'ନମନ' କାର୍ଯ୍ୟକ୍ରମରେ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅନ୍ୟ କଳାକାରଙ୍କ ସହ ପୋଲିସ କର୍ମଚାରୀମାନେ।

### ୧୭ତମ ବାର୍ଷିକ ପାଠଚକ୍ର

ବାରଙ୍ଗ,୯।୧୨(ଲିଙ୍ଗରାଜ ରାଉତ)

ଶ୍ରୀଅରବିନ୍ଦଙ୍କ ୧୭ତମ ବାର୍ଷିକ ପାଠଚକ୍ର ସୀତାରାମବଜାରସ୍ଥିତ ଲେବର କଲୋନୀର ବାସନ୍ତୀ ରାଉତଙ୍କ ବାସଭବନରେ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ ମା'ଙ୍କ ଧ୍ୟାନ, ପ୍ରାର୍ଥନା ଓ ନବପ୍ରକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଏହାପରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାଠଚକ୍ରରେ ଅମିର ଦାସ, ଭରତ ସାହୁ, ସର୍ବଜିତ ପରିଡ଼ା, ସତ୍ୟଜିତ୍ ପରିଡା, ନୀହାରିକା ସାହୁ ଓ ଲକ୍ଷ୍ମୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

### ଆରମ୍ଭ ହେଲା 'ଶ୍ରୀ ନୃତ୍ୟୋତ୍ସବ'



ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ଶ୍ରୀ ନୃତ୍ୟୋତ୍ସବ' ଶନିବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଉତ୍ସବର ପ୍ରଥମ ସନ୍ଧ୍ୟାରେ ଏକାଡେମୀର କଳାକାରମାନେ ଦଳଗତ ଓଡ଼ିଶୀ ନୃତ୍ୟରେ 'ଶ୍ରୀ ପଲ୍ଲବୀ' ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲେ। ସଙ୍ଗୀତ ସଂଯୋଜନା ରବି ଶଙ୍କର ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ନମିତା ରାୟ କରିଥିଲେ। ଶିଳ୍ପୀ ବାଣୀ ମାଧବ ଏକକ ଓଡ଼ିଶୀ ନୃତ୍ୟରେ ଋତୁ ନାୟିକା ପରିବେଷଣ କରିଥିଲେ। ଗୁରୁ ରାମହରି ଦାସ ଏହାର ସ୍ୱର ସଂଯୋଜନା କରିଥିବାବେଳେ ଗୁରୁ ଧନେଶ୍ୱର ସ୍ୱାଇଁ ସଙ୍ଗୀତ ସଂଯୋଜନା ଏବଂ ନିଜେ ବାଣୀ ମାଧବ ନୃତ୍ୟ ସଂରଚନା କରିଥିଲେ। ପରେ ଅଶୋକ ଘୋଷାଲ ଓ ବନ୍ଦିତା ଘୋଷଙ୍କ ଦ୍ୱାରା ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପରିବେଷଣରେ ବର୍ଷା, ବସନ୍ତ ଓ ବୈଶାଖ ରହିଥିଲା। ଗୁରୁ ନିରଞ୍ଜନ ରାଉତଙ୍କ ଦ୍ୱାରା ପ୍ରତିଷ୍ଠିତ ନୂପୁର ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ କେ. ରାମାରାଓ ପାତ୍ରଙ୍କ ସଙ୍ଗୀତ ସଂଯୋଜନାରେ ପ୍ରସ୍ତୁତ ଅଭିନୟ 'ଦଶମହାବିଦ୍ୟା'କୁ ଶିଳ୍ପୀମାନେ ବେଶ୍ ଚମତ୍କାର ଭାବେ ପ୍ରଦର୍ଶନ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ନିରଞ୍ଜନ ରାଉତ। ଶେଷରେ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା 'ଅଷ୍ଟଶମ୍ଭୁ' ପରିବେଷିତ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ ଷ୍ଟଡିଜ୍ ଇନ୍ କ୍ଲାସିକାଲ ଓଡ଼ିଆର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟାଙ୍ଗନା ଜ୍ୟୋତି ରାଉତ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ, ଏକାଡେମୀ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ସଚିବ ନମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିଆରସିଂହ ପରିଚାଳନା ଓ ଗୁରୁ ନମିତା ରାୟ ସଂଯୋଜନା କରିଥିଲେ।

# 'ମାନବାଧିକାର କର୍ମୀ ସମାଜର ସଜାଗ ପ୍ରହରୀ'




ଭୁବନେଶ୍ୱର, ୯।୧୨(ଅନୁରାଧା ମହାରଣା)

ମାନବାଧିକାର କର୍ମୀମାନେ ସମାଜର ସଜାଗ ପ୍ରହରୀ। ସେମାନଙ୍କ ନିଷ୍ଠା ଓ ଉଦ୍ୟମ ବଳରେ ବହୁ ପୀଡିତ ନ୍ୟାୟ ପାଇବାକୁ ସକ୍ଷମ ହୋଇପାରୁଛନ୍ତି। ଭୁବନେଶ୍ୱର ଗୀତଗୋବିନ୍ଦ ସଭାଗୃହରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା ସଭାପତିତ୍ୱ କରି ଉପସ୍ଥିତ ମାନବାଧିକାର କର୍ମୀମାନଙ୍କୁ ତୃଣମୂଳସ୍ତରରେ ଘଟୁଥିବା ମାନବାଧିକାର ଉଲ୍ଲଂଘନ ଘଟଣାକୁ ସାମନାକୁ ଆଣି ପୀଡିତଙ୍କୁ ନ୍ୟାୟ ଦେବାପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ମାନବାଧିକାର କର୍ମୀଙ୍କ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହ ସରକାର ସେମାନଙ୍କୁ ସୁଶାସନର ସହଯୋଗୀ ଭାବେ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ମହିଳା ଆୟୋଗ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ମାନବ ଅଧିକାର ବିଷୟକୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରିବାକୁ ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ନେତ୍ରୀ ମନୋଜା ମଞ୍ଜରୀ ଦେବୀ, ମାନବାଧିକାର କର୍ମୀ ମୀରା ପରିଡା, ଓଡିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ପିସିସି ଉପସଭାପତି ଶିବାନନ୍ଦ ରାୟ, ଜିଓଭା ନ୍ୟୁଜର ନିର୍ଦ୍ଦେଶକ ନୃସିଂହ ନାଥ ନନ୍ଦ, ମହିଳା ଅଧିକାର କର୍ମୀ ମମତା ସାମନ୍ତରାୟ, ସାମାଜିକ କର୍ମୀ ଉଷାରାଣୀ ବେହେରା, ଏକତା ପରିଷଦର ରାଜ୍ୟ ଆବାହକ ବିଜୟ ପ୍ରଧାନ, ମାନବାଧିକାର କର୍ମୀ ଅଶୋକ ଜେନା ଓ ପ୍ରସନ୍ନ ବିଶୋଇ ବକ୍ତବ୍ୟ ରଖିଥିଲେ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଆବାହକ ରାଜୀବ ପଟ୍ଟନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜକ କଳ୍ପତରୁ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ଟ୍ରେନିଂ ସଂଯୋଜିକା ମନୀଷା ଦାସ ପଟ୍ଟନାୟକ ପରିଚାଳନା କରିଥିଲେ।

# 'ସଫଳତା, ବିଫଳତା ଜୀବନର ଅଂଶ'

ଜଟଣୀ,୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

**ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବ**



ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକାଦଶତମ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକାଦଶତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥିଭାବେ ରାଜ୍ୟପାଳ ରଘୁବର ଦାସ, ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସି.ଟି. ରବିକୁମାର, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡର ଚେୟାରମ୍ୟାନ କମ ପରିଚାଳନା ନିର୍ଦ୍ଦେଶକ ପୁଷ୍ପ କୁମାର ଯୋଶୀ, ସିୱାଇଆଇଇଏନ୍‌ଟି ପ୍ରତିଷ୍ଠାତା ଚେୟାରମ୍ୟାନ ଡ.ବିଭିଆର ମୋହନ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଦାସ କହିଥିଲେ ଯେ, ସଫଳତା କିମ୍ବା ବିଫଳତା ଜୀବନର ଏକ ଅଂଶମାତ୍ର। ବିଶ୍ୱବିଦ୍ୟାଳୟର କୌଶଳଭିତ୍ତିକ ଶିକ୍ଷାକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିବରଣୀ ପ୍ରଦାନ ଅବସରରେ ପ୍ରଫେସର ପଟ୍ଟନାୟକ କହିଥିଲେ, ଏହି ସମାରୋହ କେବଳ ସ୍ନାତକୋତ୍ତର ଛାତ୍ରମାନଙ୍କ ପାଇଁ ଏକ ମାଇଲଖୁଣ୍ଟ ନୁହେଁ ବରଂ ବିଶ୍ୱବିଦ୍ୟାଳୟର ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ପାଇଁ ଏକ ପ୍ରମାଣ।

ଚଳିତ ବର୍ଷ ୨୦୩ କମ୍ପାନୀରେ ୨୩୫୮ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଚାକିରି ପାଇଛନ୍ତି। ଛାତ୍ରୀଛାତ୍ର ନିଜ ଶିକ୍ଷାର ସଦୁପଯୋଗ ଦ୍ୱାରା ଏକ ଉନ୍ନତ ସମାଜ ଗଢ଼ିପାରିବେ। ଏହି ଉତ୍ସବରେ ସୁଙ୍କାରୀ କୃଷ୍ଣଭେନୀଙ୍କୁ ଭିଜିଟର୍ସ ସ୍ୱର୍ଣ୍ଣ ପଦକ, ସତରୁପା ପଣ୍ଡାଙ୍କୁ ଧୀରନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ, ୩୭ଜଣ ଗବେଷକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଥିବା ବେଳେ ୧୭ ଜଣ ଛାତ୍ରୀଛାତ୍ର ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ବିଶ୍ୱଜିତ୍ ମିଶ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍. ରାଓ, ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରଦାନ ଦାବି

**କୃଷ୍ଣପ୍ରସାଦ,୯।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃଷ୍ଣପ୍ରସାଦ ଓ ଚିଲିକା ନୂଆପଡ଼ା ଠାରେ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରିଆସୁଛି। ହେଲେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉଥିବା ବେଳେ ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂଆପଡ଼ାରେ ଆମ୍ବୁଲାନ୍ସ ନ ଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ସାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ଏକ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ନିମନ୍ତେ ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ, ଉତ୍ତମ କୁମାର ତରେଇଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଟାଉନ ଥାନାରେ ନୂତନ ଆରକ୍ଷୀ ନିରୀକ୍ଷକ (ଥାନା ଅଧିକାରୀ) ଭାବେ ସଞ୍ଜୟ ନାୟକ ଯୋଗଦେଇଛନ୍ତି। ପୂର୍ବରୁ ଏଠାରେ ଅବସ୍ଥାପିତ ତାରିକ୍ ଅହମ୍ମଦଙ୍କୁ ଜିଲା ଆରକ୍ଷୀ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଥାନାଧିକାରୀ ଭାବେ ସଞ୍ଜୟ ଯୋଗଦାନ କରିଛନ୍ତି। ଏହାପୂର୍ବରୁ ସେ ପୁରୀ ଜିଲା ଗଡ଼ିଶାଗୋଦା ଥାନାରେ କାର୍ଯ୍ୟରତ ଥିଲେ। ସତ୍ୟବାଦୀ ଥାନାରେ ପ୍ରଥମେ ଏସ୍ଆଇ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ସଞ୍ଜୟ ବିଭିନ୍ନ ଥାନାରେ ସଫଳତାର କାର୍ଯ୍ୟକରି ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ପଦ୍ମପୁର ଥାନା ଦାୟିତ୍ୱ ତୁଲାଉଥିଲେ। ପରେ ଗଡ଼ିଶାଗୋଦା ଥାନାକୁ ବଦଳି ହୋଇ ଆସିଥିଲେ। ଏବେ ଟାଉନ ଥାନାରେ ନୂତନ ଦାୟିତ୍ୱଭାର ଅହମ୍ମଦଙ୍କଠାରୁ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ନିଶାମୁକ୍ତ ଖୋର୍ଦ୍ଧା ସହର ଗଠନ ଲାଗି ଉଦ୍ୟମ ଜାରି ରହିବ। ପୋଲିସ ଜନତାର ବନ୍ଧୁ। କୌଣସି ଅସୁବିଧାରେ ପଡ଼ିଲେ ପୋଲିସ ସହ ସିଧାସଳଖ ଯୋଗାଯୋଗ କରିବାକୁ ଜନତାଙ୍କୁ ସେ ଅନୁରୋଧ କରିଛନ୍ତି।

### ଭାଜପାର ସାଙ୍ଗଠନିକ ବୈଠକ

**କୃଷ୍ଣପ୍ରସାଦ, ୯।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ୭ ପଞ୍ଚାୟତର ଭାଜପାର ସାଙ୍ଗଠନିକ ବୈଠକ ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପିରିଜିପୁରସ୍ଥିତ ଜେନା କମ୍ପ୍ଲେକ୍ସରେ ଆୟୋଜିତ ବୈଠକରେ ଭାଜପା ନେତ୍ରୀ ଉପାସନା ମହାପାତ୍ର ଯୋଗଦେଇ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ପିରିଜିପୁର ଗ୍ରାମ୍ୟ କମିଟି ସଭାପତି ଦାମୋଦର ବାଲ, ସମ୍ପାଦକ ପ୍ରଭାତ ଦଳେଇ, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ସମିତିସଭ୍ୟ ଧିରେନ ବେହେରା, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ସମିତିସଭ୍ୟା କନକଲତା ଜେନା, ମାଣିକା ସରପଞ୍ଚ ଜିକ୍ରୁରୁନ ବିବି, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ପିରିଜିପୁର ସମିତିସଭ୍ୟ ସଂଗ୍ରାମ ଜାଲି, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସାଧାରଣ ନିର୍ବାଚନରେ ଦଳ କିଭଳି ବିଜୟଲାଭ କରିବ ସେ ଦିଗରେ ବକ୍ତବ୍ୟ ରଖିଥିଲେ। ପରେ ଉପାସନା ପିରିଜିପୁର ଗ୍ରାମ ପରିକ୍ରମା କରି ଲୋକମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### 'କଥା କଳ୍ପନଦୀ' ଉନ୍ମୋଚିତ

**ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)**

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଅଷ୍ଟମ ଦିନରେ କଥାକାର ନିରଞ୍ଜନ ସାହୁଙ୍କ ଲଳିତନିବନ୍ଧ ସଂକଳନ 'କଥା କଳ୍ପନଦୀ' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ କାବ୍ୟାଲୋକ ଦ୍ୱାରା ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମରେ ଲେଖକଙ୍କ ସମେତ ବିଜେବି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଖାନ୍, ରେଭେନ୍ସା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପ୍ରଫେସର ଅଞ୍ଜୁମାନ୍ ଆରା, ପୁସ୍ତକ ପ୍ରକାଶକ ତଥା କବି ଭିକାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ସଫଳତା, ବିଫଳତା ଜୀବନର ଅଂଶ'

**ଜଟଣୀ,୯।୧୨(ରବୀନ୍ଦ୍ରନାଥ ମହାକୁଡ଼)**


ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକାଦଶତମ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକାଦଶତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥିଭାବେ ରାଜ୍ୟପାଳ ରଘୁବର ଦାସ, ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସି.ଟି. ରବିକୁମାର, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡର ଚେୟାରମ୍ୟାନ କମ ପରିଚାଳନା ନିର୍ଦ୍ଦେଶକ ପୁଷ୍ପ କୁମାର ଯୋଶୀ, ସିଓ୍ୱାଇଆଇଇଏନ୍‌ଟି ପ୍ରତିଷ୍ଠାତା ଚେୟାରମ୍ୟାନ ଡ.ବିଭିଆର ମୋହନ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଦାସ କହିଥିଲେ ଯେ, ସଫଳତା କିମ୍ବା ବିଫଳତା ଜୀବନର ଏକ ଅଂଶମାତ୍ର। ବିଶ୍ୱବିଦ୍ୟାଳୟର କୌଶଳଭିତ୍ତିକ ଶିକ୍ଷାକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିବରଣୀ ପ୍ରଦାନ ଅବସରରେ ପ୍ରଫେସର ପଟ୍ଟନାୟକ କହିଥିଲେ, ଏହି ସମାରୋହ କେବଳ ସ୍ନାତକୋତ୍ତର ଛାତ୍ରମାନଙ୍କ ପାଇଁ ଏକ ମାଇଲଖୁଣ୍ଟ ନୁହେଁ ବରଂ ବିଶ୍ୱବିଦ୍ୟାଳୟର ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ପାଇଁ ଏକ ପ୍ରମାଣ। ଚଳିତ ବର୍ଷ ୨୦୩ କମ୍ପାନୀରେ ୨୩୫୮ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଚାକିରି ପାଇଛନ୍ତି। ଛାତ୍ରୀଛାତ୍ର ନିଜ ଶିକ୍ଷାର ସଦୁପଯୋଗ ଦ୍ୱାରା ଏକ ଉନ୍ନତ ସମାଜ ଗଢ଼ିପାରିବେ। ଏହି ଉତ୍ସବରେ ସୁଙ୍କାରୀ କୃଷ୍ଣଭେନୀଙ୍କୁ ଭିଜିଟର୍ସ ସ୍ୱର୍ଣ୍ଣ ପଦକ, ସତରୁପା ପଣ୍ଡାଙ୍କୁ ଧୀରେନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ, ୩୭ଜଣ ଗବେଷକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଥିବା ବେଳେ ୧୭ ଜଣ ଛାତ୍ରୀଛାତ୍ର ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ବିଶ୍ୱଜିତ୍ ମିଶ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍. ରାଓ, ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ୨୧,୧୭୭ ମାମଲା ଫଇସଲା

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୯।୧୨ (କାର୍ତ୍ତିକ ସାହୁ)**

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାସ୍ତରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧,୧୭୭ ମାମଲା ଫଇସଲା କରାଯାଇ ୧୭୪,୭୪,୫୯,୪୩୯ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧୪,୨୧୧ ମାମଲା ଓ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୬,୯୬୬ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫଏସଲା ହୋଇଥିବା ଫୌଜଦାରି ୩୧୯, ଏନ୍ଆଇ ଆକ୍ଟ ୧୧୯୫, ଅର୍ଥ ଆଦାୟ ୫୬୦, ମୋଟର ଯାନ ଦୁର୍ଘଟଣା ୯୮୫, ଶ୍ରମ ବିବାଦ ୭୨, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୨, ବୈବାହିକ ୫୧୭, ଜମିଜମା ସଂକ୍ରାନ୍ତୀୟ ୯, ଖାଉଟି ବିବାଦ ୫୩, ଅନ୍ୟାନ୍ୟ ଦେଓ୍ୱାନୀ ବିବାଦ ୧୫୮୨, ଋଣ ଆଦାୟ ୯, ରାଜ୍ୟ ଏଜୁକେସନ ଟ୍ରିବ୍ୟୁନାଲ ୧୫ ଓ ଅନ୍ୟାନ୍ୟ ଫୌଜଦାରି ୮୮୮୩ ମାମଲା ରହିଛି।

ସୂଚନାଯୋଗ୍ୟ, ପ୍ରତି ତିନି ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହୋଇଆସୁଛି। ଏଥିରେ ମାମଲା ବା ବିବାଦଗୁଡ଼ିକର ସମାଧାନ ପାଇଁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମୂଳକଯୋଗ୍ୟ। କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୋଇ ନ ପାରିଲେ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

# ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ଆଲୋଚନା


ଆଲୋଚନାରେ ମଞ୍ଚାସୀନ ଅତିଥିମାନେ।

**ଟାଙ୍ଗୀ,୯।୧୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ନିମନ୍ତେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ତୃତୀୟ ମାସିକ ଆଲୋଚନା ଶନିବାର ଅନୁଷ୍ଠିତ ହୋଇଯାଇଛି। କମାଗୁରୁ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ, ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ, କମାଗୁରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ରାମେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ଶର୍ମା ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶଠୁ ବିଦ୍ୟାଳୟ ଭିତ୍ତିଭୂମିର ଉତ୍ତମ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ହାଉସ୍ ସିଷ୍ଟମ, କ୍ଲବ, ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିଶ୍ଚିତ ପାସ୍, ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଗତ ଦ୍ୱିତୀୟ ମାସିକ ଆଲୋଚନାରେ ନିଆଯାଇଥିବା ନିଷ୍ପତ୍ତି କ'ଣ କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଡ୍ରପ୍ଆଉଟ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ପ୍ରଧାନ ଶିକ୍ଷକ କମାଗୁରୁ ଉଚ୍ଚ ବିଦ୍ୟାଳୟର ଲାବରେଟୋରି, ଇ-ଲାଇବ୍ରେରି, ସ୍ମାର୍ଟ ଶ୍ରେଣୀଗୃହ ଓ ପରିବେଶ ପରିଦର୍ଶନ କରିଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଓଳସିଂ ଦାଶରଥି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ପରିଡ଼ା, ଡମଣଭୂଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବାଶିଷ ଜେନା, ବଡ଼ପୋଖରିଆ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପଟ୍ଟନାୟକ, ସରପାରି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧାକର ସାହୁ, ଟାଙ୍ଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ର, ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମାନସୀ କୁମାରୀ ପରିଡ଼ା, ଭୂଷଣ୍ଡପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ୧୨ରୁ ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

**ବୋଲଗଡ଼,୯।୧୨(ଦେବବ୍ରତ ହୋତା)**

ଆସନ୍ତା ୧୨ ତାରିଖରୁ ରାଜ୍ୟସ୍ତରୀୟ ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଭଞ୍ଜନଗରର ନରେଶ କ୍ଲବ, ବାଲୁଗାଁର ସିଏଏ, ଯାଜପୁରର ଡିଏଚ୍ଏ, ଭୁବନେଶ୍ୱରର ସାନ କ୍ଲବ, ଭବାନୀପାଟଣାର ଟାଉନ କ୍ଲବ, ଅନୁଗୋଳର ଏଏଫ୍ଏ, ଇଟାମାଟିର ଯଦୁମଣି କ୍ଲବ ଓ ଆୟୋଜକ ଫ୍ରେଣ୍ଡସ କ୍ଲବ ଆଦି ଦଳ ଅଂଶଗ୍ରହଣ କରିବେ। ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ମ୍ୟାଚ୍ ନକ୍ଆଉଟଭିତ୍ତିରେ ଖେଳାଯିବ। ଅପରାହ୍ନ ୩ଟାରୁ ମ୍ୟାଚ୍ ଆରମ୍ଭ ହେବାକୁଥିବା ବେଳେ ଫାଇନାଲ ମ୍ୟାଚ୍ ୧୯ ତାରିଖରେ ଖେଳାଯିବ। ଫ୍ରେଣ୍ଡସ କ୍ଲବ ସଦସ୍ୟ ଅଶ୍ୱିନୀ ପଟ୍ଟନାୟକ, ଭଞ୍ଜକିଶୋର ଯତି, ଲକ୍ଷ୍ମୀଧର ଚୌଧୁରୀ, ଜିତେନ୍ଦ୍ର ମାର୍ଥା ପ୍ରମୁଖ ଟୁର୍ନାମେଣ୍ଟର ସଫଳତା ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି।

# ଚାଲାଣ ପୂର୍ବରୁ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

**ଭୁବନେଶ୍ୱର, ୯।୧୨ (ସୂର୍ଯ୍ୟକାନ୍ତ ବେହେରା)**



ଓଡ଼ିଶାରେ ଏବେ ବି ବଜ୍ରକାପ୍ତା ଚୋରା ଚାଲାଣ କାରବାର ବେଧଡ଼କ ଭାବେ ଚାଲିଛି। ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ରାୟଗଡା ଜାତୀୟ ରାଜପଥ ନଂ.୩୨୬ରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଡିଲ୍ ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢାଉ କରି ୨ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସମ୍‌ସାନ୍ ରୈତା (୪୫) ଓ ରାୟଗଡାର ଅସମିନ ଶବର(୨୮)। ଉଭୟଙ୍କଠାରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୯/୨୩) ରୁଜୁ କରି ଉଭୟଙ୍କୁ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଏସ୍‌ଟିଏଫ ବଜ୍ରକାପ୍ତାକୁ ଡିଏଫଓଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏହାସହ ବଜ୍ରକାପ୍ତା କେଉଁଠୁ ଆଣିଥିଲେ, କାହାକୁ ବିକ୍ରି କରିଥାନ୍ତେ ଏସବୁର ତଥ୍ୟ ଜାଣିବା ପାଇଁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।

# କ୍ରୀଡ଼ା ପ୍ରଶିକ୍ଷଣ ଶିବିର


ଛାତ୍ରୀଛାତ୍ରମାନେ ଲେମ୍ବୁ ଚାମଚ ଖେଳ ପ୍ରଶିକ୍ଷଣ ନେଉଛନ୍ତି।

**ବେଗୁନିଆ,୯।୧୨(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶନିବାର କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁବାଟିକା ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଲେମ୍ବୁ ଚାମଚ, ଚକୋଲେଟ୍ ଦୌଡ଼, ମ୍ୟୁଜିକ୍ ଚେୟାର, ରିଙ୍ଗ୍ ବଲ୍ ଆଦି ଅନେକ ଖେଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପ୍ରଧାନ, ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା, ଆଚାର୍ଯ୍ୟା ଶୁଭଲକ୍ଷ୍ମୀ ସାଇଁ, ଶୁଭସ୍ମିତା ପାଣିଗ୍ରାହୀ, ମମତାରାଣୀ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଆକାଶ ଛତାକୁ ନେଇ ଦୋକାନୀଙ୍କୁ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା)**

ଆକାଶ ଛତା କିଣିବାକୁ ନେଇ ଦୋକାନୀ ଓ ତାଙ୍କ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରଞ୍ଜନ ପାଢ଼ୀ (୪୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରି ନେଉଳ ଗିରଫ

**ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା)**

ପୁରୀ ବାଇପାସ ରୋଡ୍‌ସ୍ଥିତ ଏକ ଇଲେକଟ୍ରିକ ବାଇକ୍ ଶୋ'ରୁମ୍‌ର ସୁରକ୍ଷାକର୍ମୀ ଗୌରାଙ୍ଗ ଦାସଙ୍କୁ ଆକ୍ରମଣ ଘଟଣାରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରାହୁଲ କୁମାର ସାହୁ ଓରଫ ନେଉଳ। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ନେଉଳଙ୍କୁ ବିଚାର ବିଭାଗୀୟ Fହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶହୀଦନଗର, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଖଣ୍ଡାରେ ଆକ୍ରମଣ କରି ଛିନତାଇ କରିଥିବା ମାମଲା ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗତ ଅକ୍ଟୋବର ୧୭ରେ ନେଉଳ ଓ ତାଙ୍କ ଦୁଇ ସହଯୋଗୀ ରାତି ପ୍ରାୟ ୧୨ଟାରେ ଗୌରାଙ୍ଗ ପାଖକୁ ଯାଇ ପ୍ରଥମେ ପାଣି ମାଗିଥିଲେ। ପାଣି ପିଇବା ପରେ ମୋବାଇଲ ମାଗିଲେ। ମୋବାଇଲ ନ ଦେବାରୁ ତାଙ୍କୁ ଖଣ୍ଡାରେ ହାଣି ସେଠାରୁ ଫେରାର ହୋଇଯାଇଥିଲା। ଏଥିରେ ଗୌରାଙ୍ଗ ଗୁରୁତର ଆହତ ହୋଇଥିଲେ। ଏନେଇ ସୁରକ୍ଷା ଏଜେନ୍ସି ମାଲିକ ବଡଗଡ ଥାନାରେ ଅଭିଯୋଗ କରିଥିଲେ ।

# 'ସମସ୍ତ ଆହ୍ୱାନକୁ ବୁଦ୍ଧିମତ୍ତାର ସହ ସାମ୍ନା କର'

**ଭୁବନେଶ୍ୱର, ୯।୧୨(ଅସମାପିକା ସାହୁ)**

ଲୟୋଲା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପିଲାମାନେ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବା ସହ ଏନେଇ ଆସୁଥିବା ଆହ୍ୱାନକୁ ସାହସ ଓ ବୁଦ୍ଧିମତ୍ତାର ସହ ସାମ୍ନା କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଚାରୋଟି ହାଉସର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହାପରେ ଏଲ୍‌କେଜିରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଡ୍ରିଲ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ରେକ୍ଟର ଫାଦର ଅଗଷ୍ଟିନ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ସ୍କୁଲ କାର୍ଯ୍ୟ କେବଳ ଅଧ୍ୟାପନା ଓ ଅଧ୍ୟୟନ ମଧ୍ୟରେ ସୀମିତ ନୁହେଁ। ଏହାର ପରିସର ଅତି ବ୍ୟାପକ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଶରୀରିକ ଓ ମାନସିକ ବିକାଶରେ ମଧ୍ୟ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ସାଧନ ନିମିତ୍ତ ଲୟୋଲା ସ୍କୁଲ ତା'ର ପରମ୍ପରାକୁ ବଜାୟ ରଖି ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୩ ଆୟୋଜନ କରିଛି। ସ୍କୁଲ ଅଧ୍ୟକ୍ଷ ଫାଦର ଅମଳାଦସ ଏହି ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ପପୁଲାର କ୍ଲବ ଢେଙ୍କାନାଳ ବିଜୟୀ



**ନିରାକାରପୁର,୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କଲେଜ ପଡ଼ିଆରେ ସଖା ସଂଘ କ୍ରୀଡ଼ା ସଂସଦ ପକ୍ଷରୁ ଶନିବାର ୩୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ କିଶୋର କ୍ଲବ ଭୁବନେଶ୍ୱର ଏବଂ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୬-୫ ଗୋଲରେ ପପୁଲାର କ୍ଲବ ବିଜୟୀ ହୋଇଛି। ସୁଶାନ୍ତ କୁମାର ମିଶ୍ର, ଅବିନାଶ ପଟ୍ଟନାୟକ, ଏମ୍ଏସ୍ ବେଗ୍, ହୃଦାନନ୍ଦ ମହତ୍‌ରାୟ, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ସଂଘ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ନନପଡ଼ା ଗ୍ରାମସ୍ଥିତ ମା' ହରଚଣ୍ଡୀଙ୍କ ପୀଠରୁ ଆସି କଲେଜ ପଡ଼ିଆରେ ପହଞ୍ଚିଥିଲା। ପରେ ଅନୁଷ୍ଠାନର ସ୍ୱର୍ଗତ ଉପଦେଷ୍ଟାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ନିରାକାରପୁର କଲେଜ ଅଧ୍ୟକ୍ଷା ବ୍ରତତୀ ମିଶ୍ର, କଲେଜ ପରିଚାଳନା କମିଟି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟଶ୍ରୀ ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିଶିର କୁମାର ନାୟକ, ସୋମନାଥ ସୋରେନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରବିବାର ଏମ୍‌ବିସି କ୍ଲବ ଖଡ଼ଗପୁର ଓ ମା' ତାରିଣୀ ଫୁଟ୍‌ବଲ ତରତରା କେନ୍ଦୁଝର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭାଗୀରଥି ପ୍ରଧାନ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ସହସମ୍ପାଦକ ଦୀପକ କୁମାର ପ୍ରଧାନ, ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଧାନ କଳେଇ ଗଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଡେଲାଙ୍ଗ,୯।୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଗୋଦାସାହି ଗ୍ରାମର ପ୍ରେମାନନ୍ଦ ଜେନାଙ୍କ ଧାନ କଳେଇ ଗଦାରେ କେହି ନିଆଁ ଲଗାଇଦେବା ନେଇ ଶନିବାର ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରେମାନନ୍ଦଙ୍କ ଧାନଜମି ଅରାଗଡ ମୌଜାରେ ଥିବାବେଳେ ସେ ଧାନ ଅମଳ କରି କ୍ଷେତରେ ଗଦା ମାରିଥିଲେ। ହେଲେ କୌଣସି ଦୁର୍ବୃତ୍ତ ଏହି ଧାନ କଳେଇ ଗଦାରେ ନିଆଁ ଲଗାଇ ଦେବାରୁ ତାଙ୍କର ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଧାନ ପୋଡି ପାଉଁଶ ହୋଇଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଗଦାର ଭିତରେ ନିଆଁ ଲାଗିଥିବା ଦେଖି ଗ୍ରାମର କେତେ ଜଣ ଲୋକ ନିଆଁ ଲିଭାଇବା ସହ ପ୍ରେମାନନ୍ଦଙ୍କୁ ଖବର ଦେଇଥିଲେ। ହେଲେ ସେ ପହଞ୍ଚିବା ବେଳକୁ ଧାନ କଳେଇ ଗଦା ପୋଡି ପାଉଁଶ ହୋଇଯାଇଥିଲା। ଘଟଣାର ତଦନ୍ତ କରାଯାଇ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

### ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୯।୧୨(ଅଜିତ୍ ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଆୟୋଜିତ ହୋଇଯାଇଛି। ଲୋକ ଅଦାଲତ ପୁରୀ ସମେତ ନିମାପଡ଼ା, କୋଣାର୍କ, ପିପିଲି, ବ୍ରହ୍ମଗିରି , କଣାସ ଆଦି ଅଦାଲତରେ ଅନୁଷ୍ଠିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅଦାଲତରେ ୬୯୪ ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦକୁ ୫,୪୭,୬୪, ୭୧୨ ଟଙ୍କା ଆଦାୟ କରାଯାଇଛି। ସେହିପରି କ୍ଷତିପୂରଣ ପାଇଁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅଦାଲତରେ ୧୧୨ ଗୋଟି ମୋଟର ଦୁର୍ଘଟଣା ମାମଲାର ବିଚାର କରାଯାଇ ୫,୨୬,୫୨,୦୦୦ ଟଙ୍କା ଆଦାୟ କରାଯାଇଛି। ଏହାଛଡା ୩୮୫ ଗୋଟି ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୧,୩୩,୧୬,୭୯୫ ଟଙ୍କା ଆଦାୟ କରାଯାଇଛି।

### ସନ୍ତୋଷ ମହାନ୍ତି ପୁରୀ ପୋଲିସ କନଷ୍ଟେବଲ ହାବିଲଦାର ଆସୋସିଏଶନ ସଭାପତି

ପୁରୀ, ୯।୧୨(ଅଜିତ ମହାନ୍ତି):

ପୁରୀ ପୋଲିସ କନଷ୍ଟେବଲ୍ ହାବିଲଦାର ଆସୋସିଏଶନ ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ସନ୍ତୋଷ କୁମାର ମହାନ୍ତି ୨୦୭ ଭୋଟରେ ପ୍ରକାଶ ଆଚାର୍ଯ୍ୟଙ୍କୁ ପରାସ୍ତକରି ସଭାପତି ହୋଇଛନ୍ତି। ୮ତାରିଖରେ ଅନୁଷ୍ଠିତ ନିର୍ବାଚନରେ ସନ୍ତୋଷ ମହାନ୍ତି ୫୧୬ ଭୋଟ ପାଇଥିବାବେଳେ ପ୍ରକାଶ ୩୦୯ ଭୋଟ ପାଇଥିଲେ। ସେହିପରି ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ ୧୬୬ ଭୋଟ, ସମ୍ପାଦକ ସୂର୍ଯ୍ୟତାପ ଜେନା ୨୦୮ ଭୋଟ, ସହ ସମ୍ପାଦକ ପ୍ରଥମ ଭାବେ ମହେଶ୍ୱର ସୋରେନ ୧୭୩ ଭୋଟ, ସହ ସମ୍ପାଦକ ଦ୍ୱିତୀୟ ଭାବେ ବଳରାମ ମଲ୍ଲିକ ୧୭୩ ଭୋଟ, କୋଷାଧ୍ୟକ୍ଷ ଭାବେ ଦିଲିପ ଭୋଇ ୨୬୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ରୂପେ ହେମନ୍ତ କୁମାର ସାହୁ , ଆରତୀ ମହାରଣା ସତ୍ୟନାରାୟଣ ନାୟକ ଗୋଲଖି ବିହାରୀ ସାହୁଓଅରୁଣ ମଲ୍ଲିକ ପାଇବିଜୟୀ ହୋଇଛନ୍ତି।

### କଂଗ୍ରେସ ନେତା ରବି ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା

ପୁରୀ ୯।୧୨(ଅଜିତ୍ ମହାନ୍ତି)

ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଜିଲା ଉପସଭାପତି ତଥା ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ରବି ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଇନ୍ଦିରା ଭବନ, ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି ଶୋକସଭାରେ ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସ ମହାପାତ୍ର, ଭୀମସେନ ପ୍ରଧାନ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ନିରଞ୍ଜନ ରଥ, ସୁକାନ୍ତ ପ୍ରଧାନ, ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, କାଳୀ ପ୍ରସାଦ ନାୟକ, ଆର୍ତ୍ତତ୍ରାଣ ସାହୁ, ବିଶ୍ୱରଞ୍ଜନ ମହାପାତ୍ର, ଆଦର୍ଶ ମିଶ୍ର, ପ୍ରକାଶ ପ୍ରଧାନ, ସସ୍ମିତା ସ୍ୱାଇଁ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ସୁବ୍ୟବସ୍ଥିତ ଦର୍ଶନ ଉପରେ ଗୁରୁତ୍ୱ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ପାଣ୍ଡିଆନ୍

ପୁରୀ,୯।୧୨(ଅଜିତ୍ ମହାନ୍ତି):



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଶନିବାର ପ୍ରତ୍ୟୁଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରତ୍ୟୁଷରୁ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପାଣ୍ଡିଆନ ପରିକ୍ରମା ପ୍ରକଳ୍ପ ସମୀକ୍ଷା କରିଥିଲେ। ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ଏବଂ ଭିଡ଼ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବା ସହ ମଠଗୁଡ଼ିକର ପୁନରୁଦ୍ଧାର କାମ ଆଦିର ସମୀକ୍ଷା କରିଥିଲେ। ସେହିଭଳି ଭକ୍ତମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ନିର୍ମାଣ କରାଯିବାକୁ ଥିବା ଏସି ଟନେଲ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଅପରପକ୍ଷରେ ଭକ୍ତମାନଙ୍କ ପାଇଁ ନିର୍ମାଣ କରାଯାଇଥିବା ଶ୍ରୀଦାଣ୍ଡର ମଧ୍ୟ ସମୀକ୍ଷା କରିଛନ୍ତି । ପରିକ୍ରମା ପ୍ରକଳ୍ପ ଆସନ୍ତା ଜାନୁୟାରୀ ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଥିବାରୁ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ସାରିବାକୁ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିମଳ ବ୍ୟବସ୍ଥାର ଉନ୍ନତି କାମ ଠିକ୍ ସମୟରେ ସରିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ସେହିପରି ଭକ୍ତଙ୍କ ସୁବିଧା ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂକୁ ଯାଇ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭକ୍ତମାନଙ୍କ ମୌଳିକ ସୁବିଧା, ଦର୍ଶନ ବ୍ୟବସ୍ଥା, ଚାଲିଥିବା କାର୍ଯ୍ୟ ଉପରେ ଆଲୋଚନା କରାଯାଇ ଠିକ୍ ସମୟରେ କାର୍ଯ୍ୟ ସାରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନ ମିଳିଛି। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଳ ସିଂହ, ଉପଜିଲାପାଳ ଭବତାରଣ ସାହୁ , ଓବିସିସି ଅଧିକାରୀ, ଟାଟା ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲର ଯୋଗୋତ୍ସବ ୨୦୨୩

ପୁରୀ,୯।୧୨(ଅଜିତ୍ ମହାନ୍ତି):

ନୀଳାଦ୍ରି ବିଚ୍‌ଠାରେ ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲର ଯୋଗୋତ୍ସବ ୨୦୨୩ ପାଳିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଯୋଗର ଆବଶ୍ୟକତାକୁ ନେଇ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରୀଜଗନ୍ନାଥ ଧାମ ପୁରୀ ରୋଟାରି କ୍ଲବର ପ୍ରେସିଡେଣ୍ଟ ଦେବଦତ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନୀରୋଗ ଶରୀର ଓ ସୁସ୍ଥ ମାନସିକତା ଲାଗି ଛାତ୍ର ଜୀବନରେ ନିୟମିତ ଯୋଗାଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁପିରିୟର ସିଷ୍ଟର ମେରୀ ରୋଜ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତ ବ୍ୟକ୍ତି ଯୋଗକୁ ନିଜର ଦୈନନ୍ଦିନ ଜୀବନର ଏକ ଅଙ୍ଗଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସିଷ୍ଟର ମେରୀ ଜର୍ଜ ଶୃଙ୍ଖଳିତ ଛାତ୍ର ଜୀବନ ପାଇଁ ବିଦ୍ୟାଳୟଗୁଡ଼ିକରେ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଇନର ହୁଇଲର ସଦସ୍ୟା ନିରୁପମା ଷଡଙ୍ଗୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଉତ୍ସବକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ଯୋଗାସନ ପରିବେଷଣ କରିଥିଲେ।

## ଯୋଜନା ଅନୁଧ୍ୟାନକଲେ ମ୍ୟାନେଜମେଣ୍ଟ ବିଦ୍ୟାର୍ଥୀ

ପୁରୀ ୯।୧୨( ଅଜିତ୍ ମହାନ୍ତି)

ଭାରତର ଧାର୍ମିକ ଚାରିଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ। ପୁରୀ କେବଳ ଧାର୍ମିକ କ୍ଷେତ୍ର ଭାବେ ନୁହେଁ ପର୍ଯ୍ୟଟନ କ୍ଷେତ୍ର ଭାବେ ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରିଥାଏ। ତେଣୁ ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସୁରକ୍ଷିତ ଯାତ୍ରା ପରିଚାଳନା ଏକ ସଫଳ ମ୍ୟାନେଜମେଣ୍ଟ ବ୍ୟବସ୍ଥା ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରି କହିଛନ୍ତି। ଶନିବାର ସର୍କିଟ ହାଉସଠାରେ ଦେଶର ବିଭିନ୍ନ ମ୍ୟାନେଜମେଣ୍ଟ ଅନୁଷ୍ଠାନରୁ ଆସିଥିବା ବିଦ୍ୟାର୍ଥୀମାନଙ୍କ ସହ ସାହୁ ଆଲୋଚନା କରିଥିଲେ। ଜିଲା ପ୍ରଶାସନର ବିବିଧ କାର୍ଯ୍ୟ ସମ୍ପର୍କରେ ସାହୁ ସେମାନଙ୍କୁ ସୂଚନା ଦେବା ସହ ବିଦ୍ୟାର୍ଥୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଏହି ଟିମ୍ ପୁରୀରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଉତ୍କର୍ଷ ବିଜୟଙ୍କ ତତ୍ତ୍ୱାବଧାନରେ ଆଇଆଇଏମ୍ ବାଙ୍ଗାଲୋର, ଆଇଆଇଏମ୍ କୋଲକାତା, ଏଫ୍‌ଏମ୍‌ଏସ୍ ଦିଲ୍ଲୀ, ଆଇଆଇଏମ ଲକ୍ଷ୍ନୌ, ବିଟସମ୍ ମୁମ୍ବାଇ ଓ ଏକ୍ସଆଇଏମ୍ ଭୁବନେଶ୍ୱରରୁ ଆସିଥିବା ୧୮ଜଣିଆ ବିଦ୍ୟାର୍ଥୀ ପ୍ରଥମେ ସରକାରୀ ବାଳିକା ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟର ଭିତ୍ତିଭୂମି, ପରିବେଶ ଦେଖିବା ସହ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ତାଳବଣିଆସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର, ନୀଳାଦ୍ରି ବିଚ୍‌ସ୍ଥିତ ମିଶନ ଶକ୍ତି କାଫେ ଦେଖିବା ସହ ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଉତ୍କଳ ବାଳାଶ୍ରମ ଓ ଜଗନ୍ନାଥ ଷ୍ଟାଡିୟମ ବୁଲି ଅନ୍ତେବାସୀଙ୍କ ସହ କଥା ହୋଇଥିଲେ। ପରେ ବାଟମଙ୍ଗଳା ଛକସ୍ଥିତ ମୋ' ସେବା କେନ୍ଦ୍ର ଓ କୁକୁଡ଼ା ଫାର୍ମ ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ବିଦ୍ୟାର୍ଥୀମାନଙ୍କ କ୍ୟାରିଅର ପାଇଁ ଅନେକ ଉପଯୋଗୀ ସାବ୍ୟସ୍ତ ହେବା ସହ ସେମାନଙ୍କ ଅଭିଜ୍ଞତା ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ସମଗ୍ର ଅନୁଷ୍ଠାନର କର୍ମକର୍ତ୍ତା ତଥା ଟିମ୍ ମ୍ୟାନେଜର ଉତ୍କର୍ଷ ଓ ସିଦ୍ଧାନ୍ତ ମତ ଦେଇଥିଲେ। ଏହି ପରିଦର୍ଶନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସହଯୋଗ କରିଥିଲେ।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଉଦ୍‌ବୋଧନ ଦେଉଛନ୍ତି ।

ପୁରୀ, ୯।୧୨(ଅଜିତ୍ ମହାନ୍ତି)

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ଯାଜପୁରର ସୁବର୍ଣ୍ଣ ଜୟନ୍ତୀ ଶନିବାର ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଏକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରିଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ ୟୁଥ୍ ହଷ୍ଟେଲଠାରେ ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟ ହିଁ ସାଧାରଣ ମଣିଷ ଭିତରେ ଥିବା ଦେବତ୍ୱର ସନ୍ଧାନ ଦେବା ସହ ଜୀବନ ଜିଇଁବାର ଅସଲ କଳାକୁ ଶିଖାଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା ସମ୍ବନ୍ଧରେ ସୁନ୍ଦର ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ, ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ସନ୍ତୋଷ କୁମାର ମହାପାତ୍ର ଏବଂ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ଓ ସାହିତ୍ୟକାର, ଆମ ଭାଷା ଆମ ପ୍ରଦେଶ ବ୍ୟକ୍ତି ଓ ରାଷ୍ଟ୍ର ନିର୍ମାଣରେ ସାହିତ୍ୟ ଅନୁଷ୍ଠାନ ଭୂମିକା, ଜୀବନ ଜୀଇଁବା କଳା ଆହରଣରେ ସାହିତ୍ୟର ଭୂମିକା ସମ୍ପର୍କରେ ଉପାଦେୟ ଆଲୋଚନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଗୋକର୍ଣ୍ଣିକାର ଇତିହାସ ବିଷୟରେ କହିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପୁରୀ ସହରର ପନ୍ଦର ଗୋଟି ସାହିତ୍ୟ ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତା ଓ ପାଞ୍ଚ ଗୋଟି ସାହିତ୍ୟ ପତ୍ରିକାର ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟାର୍ଦ୍ଧରେ କବି ଭଗବାନ ଜୟସିଂହଙ୍କ ଅଧ୍ୟକ୍ଷତାରେ କବିତାପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ପଚାଶରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜୟ କୁମାର ବାରିକ, ସୁଲେଖା ସମ୍ପାଦକ ସଦାଶିବ ମିଶ୍ର, ସଂଗଠନ ସମ୍ପାଦକ ପ୍ରତାପ ରୁଦ୍ର ପଣ୍ଡା, ଲୋପାମୁଦ୍ରା ଜେନା ପ୍ରମୁଖ ସହଯୋଗ କରିଥିଲେ।

## କ୍ଷୀର ସ୍ନାନ କଲେ ବାବା ଦକ୍ଷିଣେଶ୍ୱର

ଗୋପ,୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ସବୁବର୍ଷ ଭଳି ବେଦପୁରସ୍ଥିତ ବେଗୁନିଆଁ ନିକଟସ୍ଥ ବାବା ଦକ୍ଷିଣେଶ୍ୱର ଶୈବପୀଠରେ ଶନିବାର କ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଯାଦବ ସମ୍ପ୍ରଦାୟ ପକ୍ଷରୁ ଆସିଥିବା କ୍ଷୀର ସ୍ନାନରେ ପ୍ରଭୁ ଦକ୍ଷିଣେଶ୍ୱର ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ବାବା ଦକ୍ଷିଣେଶ୍ୱରଙ୍କୁ କ୍ଷୀର ସ୍ନାନ କରିବା ସମୟରେ ଶହ ଶହ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ସହିତ ପାରମ୍ପରିକ ନୃତ୍ୟ ସାଙ୍ଗକୁ ବାଦ୍ୟରେ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ପ୍ରକାଶ ଯେ, ପ୍ରାତଃରୁ ପ୍ରଭୁ ଦକ୍ଷିଣେଶ୍ୱରଙ୍କ ପୂଜକମାନେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟ ଶେଷ କରିଥିଲେ। ଏହି କାର୍ଯ୍ୟ ସରିବା ପରେ ପୂଜକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଗୋପାଳଚନ୍ଦ୍ର ପାଢ଼ୀ ମହାପ୍ରଭୁଙ୍କ ସ୍ନାନ ନୀତି ସମ୍ପନ୍ନ ନିମନ୍ତେ ମନ୍ଦିର ଶୋଧ କରି ଯାଦବ ସମ୍ପ୍ରଦାୟ ପକ୍ଷରୁ ଆସିଥିବା କ୍ଷୀରକୁ ପୂଜାର୍ଚ୍ଚନା କରି ଶୋଧନ କରିଥିଲେ। ପରେ ପିତ୍ତଳ ଗରାରେ ଏହି ଖୀରକୁ ନିଆଯାଇ ପ୍ରଭୁ ଦକ୍ଷିଣେଶ୍ୱରଙ୍କ ସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ମା' ପାର୍ବତୀଙ୍କ କୁଣ୍ଡ ମଧ୍ୟରୁ ସ୍ନାନ କ୍ଷୀରକୁ ନିଆଯାଇ ଶ୍ରଦ୍ଧାଳୁଙ୍କ ଲାଗି ଖିରି ପ୍ରସ୍ତୁତ କରାଯାଇ ଦିଆଯାଇଥିଲା। ମେଳା ଉପଲକ୍ଷେ ପାଲା, ଭଜନ ସଂକୀର୍ତ୍ତନ ସହିତ ଯାଦବ ସମ୍ପ୍ରଦାୟଙ୍କ ପକ୍ଷରୁ ଲଉଡ଼ି ଖେଳ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଭକ୍ତ ବାବା ଦକ୍ଷିଣେଶ୍ୱରଙ୍କୁ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପରିଚାଳନା କରାଯାଇଥିବାବେଳେ ସମସ୍ତ ପୂଜକ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପ୍ରଭୁ ଦକ୍ଷିଣେଶ୍ୱରଙ୍କ ନୀତି ସମ୍ପନ୍ନ ହେବା ପରେ ପହୁଡ଼ ପଡ଼ିଥିଲା।

## ଅଲ୍ ଓଡ଼ିଶା ଟାୟାର୍ସ ଡିଲର ଆସୋସିଏଶନ ବୈଠକ




ପୁରୀ, ୯।୧୨(ଅଜିତ୍ ମହାନ୍ତି)

ଅଲ୍ ଓଡ଼ିଶା ଟାୟାର୍ସ ଡିଲର ଆସୋସିଏଶନ୍‌ର ବାର୍ଷିକ ସାଧାରଣ କାର୍ଯ୍ୟକାରୀ ବୈଠକ ଶନିବାର ଜମିଦାର ପ୍ୟାଲେସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ସମସ୍ତ ଟାୟାର୍ କମ୍ପାନୀର ଡିଲରମାନେ ଯୋଗଦେଇ ବ୍ୟବସାୟ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜେକେ, ସିଏଟ, ଆପୋଲୋ ଆଦି କମ୍ପାନୀର ଅଧିକାରୀମାନେ ଯୋଗଦେଇ ଉପାଦେୟ ପରାମର୍ଶ ଦେଇଥିଲେ। ଆସୋସିଏଶନର ସଭାପତି ସୁରେଶ ଅଗ୍ରୱାଲ, ଉପସଭାପତି ସୌମିତ୍ର ପାଣି, ସାଧାରଣ ସମ୍ପାଦକ ବିପିନ ବିହାରୀ ପଣ୍ଡା, ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପୋଦ୍ଦାର, କୋଷାଧ୍ୟକ୍ଷ ବିରୂପାକ୍ଷ ମହାପାତ୍ର, ପରାମର୍ଶଦାତା ଆନନ୍ଦ ପୋଦ୍ଦାର, ସଂଯୋଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁବାସ ଦାସ ଉପସ୍ଥିତ ସଦସ୍ୟଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆସୋସିଏଶନ୍ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ସେହିପରି ସମସ୍ୟା ସମାଧାନରେ ରାଜ୍ୟ ସରକାର ହସ୍ତକ୍ଷେପ ପୂର୍ବକ ସହାୟତା ଯୋଗାଇଦେବାକୁ ସଦସ୍ୟମାନେ ଦାବି କରିଛନ୍ତି।

## ସ୍ପେଶାଲ୍ ଡ୍ରାଇଭ୍ ସପ୍ତାହରେ ୪୭.୫୩ ଲକ୍ଷ ଜରିମାନା ଆଦାୟ

ପୁରୀ ୯।୧୨(ଅଜିତ୍ ମହାନ୍ତି)

ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗତ ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ମଙ୍ଗଳାଘାଟ ରୋଡରୁ ଜିଲାର ବିଭିନ୍ନ ରୋଡ୍‌ରେ ସ୍ପେଶାଲ୍ ଡ୍ରାଇଭ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପରିବହନ ବିଭାଗ ପକ୍ଷରୁ ସମୁଦାୟ ୬୬୪ଗୋଟି ଚାଲାଣ ହୋଇଥିବାବେଳେ ୪୭ଲକ୍ଷ ୫୩ହଜକ୍ଷର ୬୩୮ ଟଙ୍କା ଫାଇନ୍ ଆଦାୟ କରଯାଇଥିଲା। ସେହିପରି ଆର୍‌ଟିଓ ଏବଂ ପୋଲିସପକ୍ଷରୁ ମିଳିତ ଚଢାଉରେ ୩୦.୮୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ପରିବହନ ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ସମର୍ଥ ବର୍ମା , ଏସ୍‌ପି କନୱର ବିଶାଳ ସିଂଙ୍କ ପରାମର୍ଶ କ୍ରମେ ଓ ଆର୍‌ଟିଓ ରବିନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚଢ଼ାଉରେ ସମୁଦାୟ ୨,୩୮୦ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ବିନା ହେଲ୍‌ମେଟରେ ୧,୨୧୭ଜଣଙ୍କ ବିରୋଧରେ, ବିନା ସିଟବେଲ୍ଟରେ ୩୨ଜଣ, ଟ୍ରିପଲ୍ ରାଇଡ଼ିଂରେ ୧୯୦ ଜଣ , ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବା ଅଭିଯୋଗରେ ୨୨୨ ଜଣ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ୯ ଡ୍ରାଇଭର, ଦ୍ରୁତ ଗତି ଗାଡ଼ି ଚାଳନା ପାଇଁ ୧୮ଜଣ, ବେଆଇନ ପାର୍କିଂ ୩୧୦ ଜଣଙ୍କ ବିରୋଧରେ ଏବଂ ଅନ୍ୟାନ୍ୟ କାରଣ ପାଇଁ ୩୮୨ ଗୋଟି ମାମଲା ରୁଜୁ ହୋଇଛି। ଏମ୍‌ଭିଆଇ, ଅତିରିକ୍ତ ଏମ୍‌ଭିଆଇ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିବାବେଳେ ଆଗକୁ ଏହି ଅଭିଯାନ ଜିଲାର ପ୍ରତ୍ୟେକ ଅଞ୍ଚଳରେ ଆହୁରି କଡ଼ାକଡି କରାଯିବ ବୋଲି ଆରଟିଓ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଦେବ ଦୀପାବଳିରେ ବଡ଼ଦାଣ୍ଡରେ ଝଲସିବ ୧ଲକ୍ଷ ଦୀପ

ପୁରୀ,୯।୧୨(ଅଜିତ୍ ମହାନ୍ତି)


ଦେବ ଦୀପାବଳି ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ।

ପବିତ୍ର ଦେବ ଦୀପାବଳିରେ ୧ଲକ୍ଷ ଦୀପଶିଖାରେ ଝଲସିବ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଦୀପମୟ ହେବ। ଏନେଇ ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ପକ୍ଷରୁ ଶନିବାର ପୁରୀ ହୋଟେଲ୍ ହଲିଡେ ରିସୋର୍ଟର ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖରବଦାତା ସମ୍ମିଳନୀରେ ଦୀପଦାନ କମିଟିର ସଂଗଠନ ସମ୍ପାଦକ ସୁବାଶିଷ ଖୁଣ୍ଟିଆ, ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟରର ମ୍ୟାନେଜିଂ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୧୨ ତାରିଖ ସନ୍ଧ୍ୟା ୫ଟାରୁ ୭ ଟା ପର୍ଯ୍ୟନ୍ତ ପବିତ୍ର ଦେବ ଦୀପାବଳି ଅବସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରର ଛତିଶା ନିଯୋଗ ସମେତ ପୁରୀର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ଏଥିରେ ଅଂଶଗ୍ରହଣ କରିବେ। ଦେବତାଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ଦୀପଦାନ କରି ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଉକ୍ତ ଦିନ ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମେଡିକାଲ୍ ଛକସ୍ଥିତ ହାତୀ ଆଖଡ଼ା ମଠରେ ବିଶ୍ୱଶାନ୍ତି ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ସେହିପରି ସନ୍ଧ୍ୟା ୭ଟା୩୦ରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଦୀପଦାନ କମିଟିର ଅଧ୍ୟକ୍ଷ ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ଶଙ୍କର ପରିଡ଼ା, ସଭାପତି ରତିକାନ୍ତ ପାଢୀ, ସାଧାରଣ ସମ୍ପାଦକ ଉଦୟ କୁମାର ଶାନ୍ତି ପ୍ରମୁଖ ଯୋଗଦେଇ ଦୀପାବଳି ଉତ୍ସବର ମହତ୍ତ୍ୱ.ଓ ବିଶେଷତ୍ୱ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଓଡ଼ିଶାର ସମସ୍ତ ଜଗନ୍ନାଥ ପ୍ରେମୀ ତଥା ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ଏହି ଦୀପଦାନ କାର୍ଯ୍ୟକ୍ରମରେ ଭାଗୀଦାର ହେବାକୁ ଚାହୁଁଥିବା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଓଡ଼ିଶାର ବଦାନ୍ୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ଅନୁରୋଧ କରାଯାଇଛି। ଏହି ଅବସରରେ ସିଂହଦ୍ୱାରଠାରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବେ ନିର୍ମିତ ମାଟିଦୀପର ଉନ୍ମୋଚନ କରାଯାଇଥିଲା। କୁମୁଦିନୀ ପଣ୍ଡା, ଇନ୍ଦିରା ମିଶ୍ର, ଧନେଶ୍ୱର ସାହୁ, କିଶୋର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

# ସଫେଇ ପାଇଁ ସଂସ୍ଥାକୁ ୩୪ ଲକ୍ଷ

କଟକ,୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

୯ ଦିନ ଧରି ଚାଲିଥିବା କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ୍ୟ ବାଲିଯାତ୍ରା ପଡିଆରେ କୁଢ କୁଢ ଆବର୍ଜନା ଜମି ରହିଥିଲା। ଏହାକୁ ସଫା କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇ ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କୁ ଶନିବାର ନିୟୋଜିତ କରାଯାଇଥିଲା। ପଡିଆ ସଫେଇ ପାଇଁ କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ଜାଗୃତୀ ନାମକ ଏକ ସଂସ୍ଥାକୁ ୩୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଏହାସତ୍ତ୍ୱେ ନେତା, ବିଧାୟକ, ପୂର୍ବତନ ଜିଲାପାଳ, ସିଏମ୍ସି ଅଧିକାରୀଙ୍କ ଉପସ୍ଥିତିରେ କଲେଜ ଛାତ୍ରୀଛାତ୍ରଙ୍କୁ ପଡିଆ ସଫେଇରେ ନିୟୋଜିତ କରାଯାଇଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶନିବାର ପୂର୍ବାହ୍ନରେ ବାଲିଯାତ୍ରା ପଡ଼ିଆରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକର ୧୩ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ପଡିଆ ସଫା କରିଥିଲେ। ପଡିଆ ସଫେଇ ପାଇଁ ବିନା ଟେଣ୍ଡରେ ଉକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିବାରୁ କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ଉକ୍ତ ସଂସ୍ଥା ଗତବର୍ଷ ବାଲିଯାତ୍ରାରେ ଭଲ କାର୍ଯ୍ୟ କରିଥିବାରୁ ଚଳିତବର୍ଷ କାର୍ଯ୍ୟାଦେଶ ଦିଆଯାଇଛି ବୋଲି ସିଏମ୍ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଗତ କାଉନସିଲ୍ ବୈଠକରେ କହିଥିଲେ। ଗତବର୍ଷ ବାଲିଯାତ୍ରା ସରିବା ପରେ ସିଏମ୍ସି ନିଜସ୍ୱ ଖର୍ଚ୍ଚରେ ପଡିଆ ସଫା କରିଥିଲା। ହେଲେ ଚଳିତବର୍ଷ ଏଥିପାଇଁ ଏକ ଅଭିଯାନ କରାଯାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଡିଆ ସଫା କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ କହିଛନ୍ତି, ସାଧାରଣ ଲୋକ ହିସାବରେ ମୁଁ ଅନୁଭବ କରୁଛି କିଛି କାର୍ଯ୍ୟ ଠିକ୍ଠାକ୍ ହୋଇନାହିଁ। କିନ୍ତୁ ଶାସକ ଦଳ ନେତା ଭାବେ ମୁଁ ଭାବୁଛି, ମେୟର ସିଏମ୍ସି ଭିତରେ ଗଠନ କରିଥିବା କମିଟିର ତଦନ୍ତରୁ ସତ ସାମ୍ନାକୁ ଆସିବ। ଏନେଇ ମେୟର ସୁବାସ ସିଂଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବାଲିଯାତ୍ରା ପଡ଼ିଆ ସଫାକଲେ ଛାତ୍ରୀଛାତ୍ର


ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ବାଲିଯାତ୍ରା ପଡିଆ ସଫେଇ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନୂତନ ଓଡ଼ିଶା ଗଠନ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସମାଜସେବା ନିମନ୍ତେ ବିଭିନ୍ନ ଅଭିଯାନ ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ତଥା ପୂର୍ବତନ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଦ୍ୱାରା ବାଲିଯାତ୍ରା ପଡିଆ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ଶିବ ଟୋପୋ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ସୁମନ ଦାସ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଏହି ମହାବିଦ୍ୟାଳୟ ସମେତ ଖ୍ରୀଷ୍ଟ କଲେଜ, ଷ୍ଟୁଆର୍ଟ ବିଜ୍ଞାନ କଲେଜ, ରଘୁନାଥଜୀଉ କଲେଜ, ଇନ୍ଦିରା ଗାନ୍ଧୀ କଲେଜ, ଇମର୍ତ୍ତିଦେବୀ କଲେଜ, ବୀରେନ ମିତ୍ର କଲେଜ, ଜେକେବିକେ କଲେଜ ସମେତ ଅନ୍ୟ କଲେଜର ୩୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ସମସ୍ତ କଲେଜର ଅଧ୍ୟକ୍ଷା, ଅଧ୍ୟକ୍ଷ, ନୋଡାଲ ଅଧିକାରୀ, ଅଧ୍ୟାପିକା,ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପଡିଆ ସଫା କରିଥିଲେ। କଟକ ମହାନଗର ନିଗମ(ସିଏମ୍ସି) ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଆରକ୍ଷୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସହାୟତା ଯୋଗାଇ ଦେଇଥିଲେ। ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ ମହାବିଦ୍ୟାଳୟ ଭାବେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

# ୨୧,୧୭୭ ମାମଲା ଫଇସଲା


କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ।

କଟକ,୯।୧୨(କାର୍ତ୍ତିକ ସାହୁ)

**ରାଷ୍ଟ୍ରୀୟ ଲୋକ ଅଦାଲତ**

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାସ୍ତରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧,୧୭୭ ମାମଲା ଫଇସଲା କରାଯାଇ ୧୭୪,୭୪,୫୯,୪୩୯ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧୪,୨୧୧ ମାମଲା ଓ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୬,୯୬୬ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫଇସଲା ହୋଇଥିବା ଫୌଜଦାରି ୩୧୯, ଏନ୍ଆଇ ଆକ୍ଟ ୧୧୯୫, ଅର୍ଥ ଆଦାୟ ୫୬୦, ମୋଟର ଯାନ ଦୁର୍ଘଟଣା ୯୮୫, ଶ୍ରମ ବିବାଦ ୭୨, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୨, ବୈବାହିକ ୫୧୭, ଜମିଜମା ସଂକ୍ରାନ୍ତୀୟ ୯, ଖାଉଟି ବିବାଦ ୫୩, ଅନ୍ୟାନ୍ୟ ଦେୱାନୀ ବିବାଦ ୧୫୮୨, ଋଣ ଆଦାୟ ୯, ରାଜ୍ୟ ଏଜୁକେସନ ଟ୍ରିବ୍ୟୁନାଲ ୧୫ ଓ ଅନ୍ୟାନ୍ୟ ଫୌଜଦାରି ୮୮୩ ମାମଲା ରହିଛି।

ସୂଚନାଯୋଗ୍ୟ, ପ୍ରତି ତିନି ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହୋଇଆସୁଛି। ଏଥିରେ ମାମଲା ବା ବିବାଦଗୁଡ଼ିକର ସମାଧାନ ପାଇଁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମୂଳକଯୋଗ୍ୟ। କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୋଇ ନ ପାରିଲେ ପୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ।

### ୨୮,୧୬,୮୬,୬୦୩ ଟଙ୍କା ଆଦାୟ

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ୍ ଅଦାଲତ ପରିସର ଏବଂ ତାଲୁକ ସ୍ତରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ବିଚାରପତିମାନେ ନିଜ କୋର୍ଟରେ ମାମଲାଗୁଡ଼ିକର ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଆଗତ ମୋଟ ୧୧,୯୫୦ ମାମଲା ମଧ୍ୟରୁ ୧,୬୬୧ଟି ଫଇସଲା ହୋଇଛି। ଜରିମାନା ଓ ଅନୁକମ୍ପାମୂଳକ ରାଶି ଭାବେ ୨୮,୧୬,୮୬,୬୦୩ ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଛି। ଏଥିସହ ପରିବାର ଅଦାଲତରେ ୧୦ଟି ପାରିବାରିକ ମକଦ୍ଦମାର ସମାଧାନ ହୋଇ ପୁନଃ ମିଳାମିଶା କରାଯାଇଥିଲା। ମୋଟର ଯାନ ଦୁର୍ଘଟଣା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଉପଭୋକ୍ତା ଜନିତ ମାମଲାଗୁଡ଼ିକର ଫଇସଲା ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ।

## ନକଲି ଓଜନ ମାପ ଅଧିକାରୀ ପରିଚୟ ଦେଇ ବ୍ୟବସାୟୀଙ୍କଠାରୁ ଟଙ୍କା ନେଇଗଲେ

କଟକ ସଦର,୯।୧୨ (ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତା ପାର୍ଶ୍ୱରେ ଛୋଟ ବ୍ୟବସାୟୀମାନେ ପରିବା ଓ କଞ୍ଚା ବାଦାମ ବିକ୍ରି କରୁଛନ୍ତି। ସେମାନଙ୍କ ଓଜନ ଯନ୍ତ୍ର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ ହୋଇ ନ ଥିବା ଦର୍ଶାଇ ଶନିବାର କେତେଜଣ ଲୋକ ବାଇକ୍ରେ ଆସି ବିରିବାଟି, ଫକୀରପଡା, ସୋମପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ଅନେକଙ୍କ ପାଖରେ ଓଜନ ଯନ୍ତ୍ରର ଯାଞ୍ଚ ପ୍ରମାଣପତ୍ର ରାଜ୍ୟ ଓଜନ ଓ ମାପ ଅଧିକାରୀଙ୍କଠାରୁ ମିଳି ନ ଥିବା ଜଣାପଡ଼ିଥିଲା। ବିଶେଷକରି ରାଜସ୍ଥାନ ଅଞ୍ଚଳରୁ ଆସି ବାଦାମ ବିକ୍ରି କରୁଥିବା ଲୋକଙ୍କ ପାଖରେ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସମୟକୁ ସମୟ ବଟି ଦେଲେ ବ୍ୟବସାୟ କରିବାରେ କିଛି ଅସୁବିଧା ହେବ ନାହିଁ ବୋଲି ସେହି ଲୋକମାନେ କହିବାରୁ ସ୍ଥାନୀୟ ଲୋକଙ୍କର ସନ୍ଦେହ ହୋଇଥିଲା। ଏହାଛଡା ସ୍ଥାନୀୟ ଲୋକମାନେ ପଚରା ଉଚରା କରିବା ପାଇଁ ଯିବାରୁ ସେଠାରୁ ସେମାନେ ଖସି ପଳାଇଥିଲେ। ପରେ ସେମାନେ ନକଲି ଓଜନ ମାପ ଅଧିକାରୀ ବୋଲି ଜଣାପଡିଥିଲା। କଟକ ଜିଲା ଗ୍ରାମାଞ୍ଚଳର ଓଜନ ଓ ମାପ ନିରୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି।


କଟକସ୍ଥିତ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପ୍ରାଙ୍ଗଣରେ କଟକ ଖ୍ରୀଷ୍ଟୀୟ ଉଦ୍ଯୋଗ ସମିତି ପକ୍ଷରୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମତିଥି ଉପଲକ୍ଷେ ଅନୁଷ୍ଠିତ କ୍ରିସ୍ମାସ କ୍ୟାରୋଲ।

## ଚୋରି ସିମେଣ୍ଟ ବୋଝେଇ ଟ୍ରକ୍ ଜବତ

ମଙ୍ଗୁଳି-ଜଗତପୁର,୯।୧୨(ମାନସ ସାମଲ): ଚୋରି ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍କୁ ଟାଙ୍ଗୀ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରୁ ଜବତ କରିଛି। ଟ୍ରକ ମାଲିକ ଟାଙ୍ଗୀ ଥାନା ଅଧୀନ ମଣିଆ ଗ୍ରାମର ପ୍ରଶାନ୍ତ କୁମାର ବେହେରାଙ୍କୁ ନକଲି ଡ୍ରାଇଭିଂ ଲାଇସେନ୍ସ ଓ ଆଧାର କାର୍ଡ ଦେଖାଇ ଜଣେ ଯୁବକ ଟ୍ରକ ଚାଳନା କରୁଥିଲେ। ୧୦ ଦିନ ତଳେ ଟାଙ୍ଗୀ ଅଞ୍ଚଳର ଏକ କମ୍ପାନୀରୁ ସିମେଣ୍ଟ ବୋଝେଇ କରି ଉକ୍ତ ଟ୍ରକ (ନଂ.ଓଆର୍୦୫ଏଏଲ-୫୬୭୫) ବାଲୁଗାଁ ଅଭିମୁଖେ ଆସୁଥିଲା। ଭୁବନେଶ୍ୱରରେ ଗାଡିରୁ ଜିପିଏସ୍ ସିଷ୍ଟମ ଖୋଲି ସିମେଣ୍ଟ ସହ ଟ୍ରକକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଏ ନେଇ ପ୍ରଶାନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪୫/୨୩)ରୁଜୁ କରିଥିଲା। ଟ୍ରକ୍ ଡ୍ରାଇଭର ଫେରାର ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ପିଲାଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ

ଖୁଣ୍ଟୁଣୀ,୯।୧୨(ସଚ୍ଚିଦାନନ୍ଦ ପଣ୍ଡା)

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

ଖୁଣ୍ଟୁଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବି.କେ. ଷ୍ଟିଲ୍ର ମହାପ୍ରବନ୍ଧକ ରାଜେଶ ସିଂ ଯୋଗଦେଇ କହିଥିଲେ, ଶିଶୁମନ୍ଦିର କୁନି ପିଲାଙ୍କ ପ୍ରାରମ୍ଭିକ ଶିକ୍ଷାର ଭଣ୍ଡାର। ପିଲାଙ୍କ ଭବିଷ୍ୟତ ଗଠନରେ ଗୁରୁମା, ଗୁରୁଜୀ ଓ ଅଭିଭାବକଙ୍କ ଅବଦାନ ଅତୁଳନୀୟ। ବିପିନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କାରଖାନାର ମୁଖ୍ୟ ପ୍ରବନ୍ଧକ ତଥା ମାନବ ସମ୍ବଳ ପ୍ରଶାସନିକ ଅଧିକାରୀ ସନ୍ଦୀପ କୁମାର ବେହେରା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ରାଉଳ ଅତିଥି ପରିଚୟ, ରଶ୍ମିତା ରାଉତ, ରୀନା ସାହୁ, ସୁଜାତା ପ୍ରଧାନ ଓ ଶ୍ରୀନିବାସ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ୧୬୨ ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ସସ୍ମିତାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।

## ଜନସମ୍ପର୍କ ପଦଯାତ୍ରାରେ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

କଟକ,୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍ସି) ୨୮ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୋକିମ ତଲତେଲେଙ୍ଗା ବଜାର, ବଙ୍ଗାଳିସାହି, ହଜାରିଲେନ, ରାଜାବଗିଚା ଆଦି ଅଞ୍ଚଳରେ ପଦଯାତ୍ରା କରି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଅଞ୍ଚଳର କଂଗ୍ରେସ କର୍ମୀମାନେ ନିୟମିତ ଭାବେ ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବାରେ ସାହାଯ୍ୟ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ ବିଧାୟକ ଉନ୍ନୟନ ପାଣ୍ଠିରୁ ହେଉଥିବା କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ଥିବା ସମସ୍ତ ପୂଜାମଣ୍ଡପ କର୍ମକର୍ତ୍ତାଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଦେବୀପ୍ରସନ୍ନ ମହାପାତ୍ର, ତେଲେଙ୍ଗାବଜାର ପୂଜା କମିଟି ସମ୍ପାଦକ ସରୋଜ ମହାପାତ୍ର, ଅକ୍ଷୟ ବେହେରା, ଦେବକୀନନ୍ଦନ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ଗୁରୁତର



କଟକ,୯।୧୨(କାର୍ତ୍ତିକ ସାହୁ)

ସଡ଼କ ଦୁର୍ଘଟଣାରେ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ ଗୁରୁତର ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ସେ ତାଙ୍କ ସ୍କୁଟିରେ ତ୍ରିଶୂଳିଆ ଅଭିମୁଖେ ଆସୁଥିଲେ। ଏହି ସମୟରେ ନେତାଜୀ ସେତୁରେ ଏକ ବାଇକ୍ରେ ଆସୁଥିବା ୩ ଜଣ ଯୁବକ ତାଙ୍କୁ ପଛ ପଟୁ ଜୋର୍ରେ ଧକ୍କା ଦେଇଥିଲେ। ଏହାଦ୍ୱାରା ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିଲେ। ଫଳରେ ତାଙ୍କର ହାତ, ଗୋଡ଼ ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସେ ମେଡିକାଲରେ ଚିକିତ୍ସିତ ହେବା ପରେ ଶକ୍ତିନଗରସ୍ଥିତ ଘରକୁ ଫେରିଛନ୍ତି। ଏହି ଖବର ଜାଣିବା ପରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସହସମ୍ପାଦକ ରତ୍ନାକର ପ୍ରଧାନ, ମିଡିଆ ସେଲ୍ର ପ୍ରଭାସ ପ୍ରଧାନ, କମିଟି ସଭ୍ୟ ପ୍ରଶାନ୍ତ ସାହୁ, ଦୁର୍ଗାପ୍ରସାଦ ଛାଟୋଇ, ବାଦାମବାଡ଼ି ବିକ୍ରେତା ସଂଘର ପ୍ରଦୀପ ସାହୁ ଓ ଯାଦବ ବେହେରା ପ୍ରମୁଖ ତାଙ୍କ ବାସଭବନରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି।


କଟକ ମିଶନ ରୋଡ୍ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ୟସ୍ ମେନ୍ସ କ୍ଲବ୍ ଅଫ୍ କଟକ ପକ୍ଷରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବାଲିଯାତ୍ରା ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶା ଲଳିତକଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନ୍ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।


କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ପଡିଆରେ ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ସଂକ୍ଷେପରେ

### ଆକାଶ ଛତାକୁ ନେଇ ଦୋକାନୀଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା): ଆକାଶ ଛତା କିଣିବାକୁ ନେଇ ଦୋକାନୀ ଓ ତାଙ୍କ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରଞ୍ଜନ ପାଢ଼ୀ (୪୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ଗତ ନଭେମ୍ବର ୧୨ ରାତି ପ୍ରାୟ ୧୧ଟାରେ ଏହି ଘଟଣା ଘଟିଥିଲା। ଦୋକାନୀ ବସିଥିବାବେଳେ ଅଭିଯୁକ୍ତ ସହଯୋଗୀଙ୍କ ସହିତ ସେଠାକୁ ଆସି ଆକାଶ ଛତାକୁ ନେଇ ତାଙ୍କ ସହ ପ୍ରଥମେ ବଚସା କରିଥିଲେ। ପରେ ଏହାକୁ କେନ୍ଦ୍ର କରି ଅଭିଯୁକ୍ତ ଆଉ କେତେଜଣ ସହଯୋଗୀଙ୍କ ସହିତ ଦୋକାନୀ ଓ ତାଙ୍କ ଦୁଇ ବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରି ନେଉଳ ଗିରଫ



ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା): ପୁରୀ ବାଇପାସ ରୋଡ୍‌ସ୍ଥିତ ଏକ ଇଲେକଟ୍ରିକ ବାଇକ୍ ଶୋ’ରୁମ୍‌ର ସୁରକ୍ଷାକର୍ମୀ ଗୌରାଙ୍ଗ ଦାସଙ୍କୁ ଆକ୍ରମଣ ଘଟଣାରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରାହୁଲ କୁମାର ସାହୁ ଓରଫ ନେଉଳ। ତାଙ୍କଠାରୁ ଗୋଟିଏ ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ନେଉଳଙ୍କୁ ବିଚାର ବିଭାଗୀୟ Fହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶହୀଦନଗର, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଖଣ୍ଡାରେ ଆକ୍ରମଣ କରି ଛିନତାଇ କରିଥିବା ମାମଲା ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗତ ଅକ୍ଟୋବର ୧୭ରେ ନେଉଳ ଓ ତାଙ୍କ ଦୁଇ ସହଯୋଗୀ ରାତି ପ୍ରାୟ ୧୨ଟାରେ ଗୌରାଙ୍ଗ ପାଖକୁ ଯାଇ ପ୍ରଥମେ ପାଣି ମାଗିଥିଲେ। ପାଣି ପିଇବା ପରେ ମୋବାଇଲ ମାଗିଲେ। ମୋବାଇଲ ନ ଦେବାରୁ ତାଙ୍କୁ ଖଣ୍ଡାରେ ହାଣି ସେଠାରୁ ଫେରାର ହୋଇଯାଇଥିଲା। ଏଥିରେ ଗୌରାଙ୍ଗ ଗୁରୁତର ଆହତ ହୋଇଥିଲେ। ଏନେଇ ସୁରକ୍ଷା ଏଜେନ୍ସି ମାଲିକ ବଡଗଡ ଥାନାରେ ଅଭିଯୋଗ କରିଥିଲେ ।



ଲୟୋଲା ସ୍କୁଲରେ ଶନିବାର ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ଅତିଥିଙ୍କ ସହ ବିଦ୍ୟାଳୟର ରେକ୍ଟର ଫାଦର ଅଗଷ୍ଟିନ ଓ ଅନ୍ୟମାନେ।

# ‘ସମସ୍ତ ଆହ୍ୱାନକୁ ବୁଦ୍ଧିମତ୍ତାର ସହ ସାମ୍ନା କର’

## ଲୟୋଲା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର, ୯।୧୨(ଅସମାପିକା ସାହୁ)

ଲୟୋଲା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପିଲାମାନେ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବା ସହ ଏନେଇ ଆସୁଥିବା ଆହ୍ୱାନକୁ ସାହସ ଓ ବୁଦ୍ଧିମତ୍ତାର ସହ ସାମ୍ନା କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଚାରୋଟି ହାଉସର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହାପରେ ଏଲ୍‌କେଜିରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଡ୍ରିଲ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ରେକ୍ଟର ଫାଦର ଅଗଷ୍ଟିନ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ସ୍କୁଲ କାର୍ଯ୍ୟ କେବଳ ଅଧ୍ୟାପନା ଓ ଅଧ୍ୟୟନ ମଧ୍ୟରେ ସୀମିତ ନୁହେଁ। ଏହାର ପରିସର ଅତି ବ୍ୟାପକ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଶରୀରିକ ଓ ମାନସିକ ବିକାଶରେ ମଧ୍ୟ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ସାଧନ ନିମିତ୍ତ ଲୟୋଲା ସ୍କୁଲ ତା’ର ପରମ୍ପରାକୁ ବଜାୟ ରଖି ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୩ ଆୟୋଜନ କରିଛି। ସ୍କୁଲ ଅଧ୍ୟକ୍ଷ ଫାଦର ଅମଲାଦସ ଏହି ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ରମାନେ କ୍ରୀଡ଼ା ମଶାଲକୁ ପରିକ୍ରମା କରୁଛନ୍ତି।

# ୨୧,୧୭୭ ମାମଲା ଫଇସଲା

## ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୯।୧୨ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାସ୍ତରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧,୧୭୭ ମାମଲା ଫଏସଲା କରାଯାଇ ୧୭୪,୭୪,୫୯,୪୩୯ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧୪,୨୧୧ ମାମଲା ଓ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୬,୯୬୬ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫଏସଲା ହୋଇଥିବା ଫୌଜଦାରି ୩୧୯, ଏନ୍‌ଆଇ ଆକ୍ଟ ୧୧୯୫, ଅର୍ଥ ଆଦାୟ ୫୬୦, ମୋଟର ଯାନ ଦୁର୍ଘଟଣା ୯୮୫, ଶ୍ରମ ବିବାଦ ୭୨, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୨, ବୈବାହିକ ୫୧୭, ଜମିଜମା ସଂକ୍ରାନ୍ତୀୟ ୯, ଖାଉଟି ବିବାଦ ୫୩, ଅନ୍ୟାନ୍ୟ ଦେୱାନୀ ବିବାଦ ୧୫୮୨, ଋଣ ଆଦାୟ ୯, ରାଜ୍ୟ ଏଜୁକେସନ ଟ୍ରିବ୍ୟୁନାଲ ୧୫ ଓ ଅନ୍ୟାନ୍ୟ ଫୌଜଦାରି ୮୮୮୩ ମାମଲା ରହିଛି।

ସୂଚନାଯୋଗ୍ୟ, ପ୍ରତି ତିନି ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହୋଇଆସୁଛି। ଏଥିରେ ମାମଲା ବା ବିବାଦଗୁଡ଼ିକର ସମାଧାନ ପାଇଁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମୂଳକଯୋଗ୍ୟ। କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୋଇ ନ ପାରିଲେ ପୈଠ ହୋଇଥିବା କୋର୍ଟ ଫି’ ଫେରସ୍ତ ହୋଇପାରିବ।

# ଚାଲାଣ ପୂର୍ବରୁ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ୯।୧୨ (ପ୍ରଦୀପ ପାଢ଼ୀ)

ଓଡ଼ିଶାରେ ଏବେ ବି ବଜ୍ରକାପ୍ତା ଚୋରା ଚାଲାଣ କାରବାର ବେଧଡ଼କ ଭାବେ ଚାଲିଛି। ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ରାୟଗଡା ଜାତୀୟ ରାଜପଥ ନଂ.୩୨୬ରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଡିଲ୍ ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢାଉ କରି ୨ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସମ୍‌ସାନ୍ ରୈତା (୪୫) ଓ ରାୟଗଡାର ଅସମିନ ଶବର(୨୮)। ଉଭୟଙ୍କଠାରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୯/୨୩) ରୁଜୁ କରି ଉଭୟଙ୍କୁ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଏସ୍‌ଟିଏଫ ବଜ୍ରକାପ୍ତାକୁ ଡିଏଫଓଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏହାସହ ବଜ୍ରକାପ୍ତା କେଉଁଠୁ ଆଣିଥିଲେ, କାହାକୁ ବିକ୍ରି କରିଥାନ୍ତେ ଏସବୁର ତଥ୍ୟ ଜାଣିବା ପାଇଁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।



# ନିରଞ୍ଜନ ସାହୁଙ୍କ ‘କଥା କଳ୍ପନଦୀ’ ଉନ୍ମୋଚିତ



ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ରାଜ୍ୟ ପୁସ୍ତକ ମହୋତ୍ସବ ‘ଅକ୍ଷର’ର ଅଷ୍ଟମ ଦିନରେ କଥାକାର ନିରଞ୍ଜନ ସାହୁଙ୍କ ଲଳିତନିବନ୍ଧ ସଂକଳନ ‘କଥା କଳ୍ପନଦୀ’ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ କାବ୍ୟାଲୋକ ଦ୍ୱାରା ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମରେ ଲେଖକଙ୍କ ସମେତ ବିଜେବି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଖାନ୍, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପ୍ରଫେସର ଅଞ୍ଜୁମାନ୍ ଆରା, ପୁସ୍ତକ ପ୍ରକାଶକ ତଥା କବି ଭିକାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଉର୍ଦ୍ଦୁ ଏକାଡେମୀ ସଭାପତି ଏବଂ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଉପସ୍ଥିତ ଥିଲେ। ପୁସ୍ତକଟି ଲେଖକ ସାହୁଙ୍କର ୫ମ ସାରସ୍ୱତ ନିବେଦନ।

## ନକଲି ଓଜନ ମାପ ଅଧିକାରୀ ପରିଚୟ ଦେଇ ଟଙ୍କା ନେଇଗଲେ

କଟକ ସଦର,୯।୧୨(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତାପାର୍ଶ୍ୱରେ ଛୋଟ ବ୍ୟବସାୟୀମାନେ ପରିବା ଓ କଞ୍ଚା ବାଦାମ ବିକ୍ରି କରୁଛନ୍ତି। ଶନିବାର କେତେଜଣ ଲୋକ ବାଇକ୍‌ରେ ଆସି ଓଜନ ଓ ମାପ ବିଭାଗର ଅଧିକାରୀ ପରିଚୟ ଦେଇ ବିରିବାଟି, ଫକୀରପଡା, ସୋମପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ଅନେକଙ୍କ ପାଖରେ ଓଜନ ଯନ୍ତ୍ରର ଯାଞ୍ଚ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କଠାରୁ ଫାଇନ୍ ଆଦାୟ କରିଥିଲେ। ବିଶେଷକରି ରାଜସ୍ଥାନ ଅଞ୍ଚଳରୁ ଆସି ବାଦାମ ବିକ୍ରି କରୁଥିବା ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇଥିଲେ। ସ୍ଥାନୀୟ ଲୋକେ ସନ୍ଦେହ କରି ପଚରା ଉଚରା କରିବା ପାଇଁ ଯିବାରୁ ସେଠାରୁ ସେମାନେ ଖସି ପଳାଇଥିଲେ। କଟକ ଜିଲା ଗ୍ରାମାଞ୍ଚଳର ଓଜନ ଓ ମାପ ନିରୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି।

## ଭୁବନେଶ୍ୱର ବ୍ଲକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ

ଭୁବନେଶ୍ୱର, ୯।୧୨(ଅସମାପିକା ସାହୁ)

ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଓ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତୃତୀୟ ମାସିକ ବୈଠକ ୟୁନିଟ୍-୯ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ବୈଠକରେ ସଂଯୋଜନା କରିଥିବା ବେଳେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ ଶିକ୍ଷକଙ୍କୁ ମାର୍ଗଦର୍ଶନ କରିଥିଲେ। ଚଳିତ ଶିକ୍ଷା ବର୍ଷର ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ କାରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ସ୍କୁଲ୍‌ରେ ଲାଗୁ ହୋଇଥିବା ହାଉସ୍ ସିଷ୍ଟମ୍, ଶିକ୍ଷା ପୁରସ୍କାର, ସମସ୍ତ ସ୍କୁଲ୍‌ର ଷ୍ଟୁଡେଣ୍ଟ ମ୍ୟାପିଂ ରିପୋର୍ଟ, ନାମଲେଖା, ହଷ୍ଟେଲ ଓ ସ୍କୁଲ ପରିଦର୍ଶନ, ସ୍କୁଲ ଫିଡ୍‌ବ୍ୟାକ୍, ଷ୍ଟୁଡେଣ୍ଟ ଲିଡରଶିପ୍ ଆୱାର୍ଡ, ସ୍କୁଲ୍‌ରେ ଏସ୍‌ଏଚ୍‌ଜି ମହିଳାଙ୍କୁ ନିୟୋଜନ ଓ ପେମେଣ୍ଟ ବାବଦରେ ଆଲୋଚନା କରାଯାଇଥିଲା। ବୈଠକ ସରିବା ପରେ ସମସ୍ତ ପ୍ରଧାନଶିକ୍ଷକ ରାଜ୍ୟସ୍ତରୀୟ ପୁସ୍ତକମେଳା ‘ଅକ୍ଷର’ ପରିଦର୍ଶନ କରିଥିଲେ।

# ଚୋରି ଜିନିଷ ଫେରି ପାଇଲେ, ଖୁସି ହେଲେ

ଭୁବନେଶ୍ୱର,୯।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍ ଓ ମୋବାଇଲଗୁଡିକୁ ଅଭିଯୁକ୍ତଙ୍କଠାରୁ ଜବତ କରି ଯାଞ୍ଚ ପରେ ପ୍ରକୃତ ମାଲିକଙ୍କୁ ଫେରାଇଛି କମିଶନରେଟ ପୋଲିସ। ଏନେଇ ପୋଲିସ ସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ରହି ପ୍ରକୃତ ମାଲିକଙ୍କୁ ଜବତ ୨୭ ବାଇକ ଓ ୮୦ଟି ମୋବାଇଲ ଫୋନ୍‌କୁ ଫେରାଇଥିଲେ। ଚୋରି ହୋଇଥିବା ଜିନିଷ ଫେରିପାଇବା ପରେ ଲୋକେ ବହୁତ ଖୁସି ହେବା ସହ କମିଶନରେଟ ପୋଲିସକୁ ଧନ୍ୟବାଦ ଜଣାଇଥିଲେ। ଚୋରି ସମ୍ପର୍କରେ ସମ୍ପୃକ୍ତ ଗାଡି ବା ମୋବାଇଲ୍‌ର ମାଲିକମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ବିଭିନ୍ନ ସମୟରେ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। ତେବେ ଚୋରି ଜିନିଷ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କମିଶନରେଟ ପୋଲିସ ଚଳିତବର୍ଷ ସର୍ବାଧିକ ଚୋରି ବାଇକ୍ ଓ ମୋବାଇଲ୍ ଜବତ କରିଛି। ପାଖାପାଖି ୮ଶହରୁ ଊର୍ଦ୍ଧ୍ୱ ଚୋରି ମୋବାଇଲ ଫୋନ୍ ଜବତ କରି ଲୋକଙ୍କୁ ଫେରାଇ ସାରିଲାଣି। ସେହିଭଳି ୧୬୭ଟି ଚୋରି ବାଇକ୍ ମଧ୍ୟ ପୋଲିସ ଜବତ କରି ଫେରାଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।





ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଚୋରି ଜିନିଷ ଫେରାଉଛନ୍ତି (ଉପର)। ଚୋରି ବାଇକ୍ ମିଳିବା ପରେ ନିଜ ଗାଡି ସହ ମାଲିକମାନେ।

## ଆବର୍ଜନା ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ସ୍ମାର୍ଟସିଟିବାସୀ

# କ୍ଷୁଣ୍ଣ ହେଉଛି ମାନବିକ ଅଧିକାର

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ସମାଜରେ ସମ୍ମାନର ସହ ବଞ୍ଚିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। କେବଳ ମୌଳିକ ବା ସାମାଜିକ ଅଧିକାର ନୁହେଁ, ମନୁଷ୍ୟ ପାଇଁ ମାନବାଧିକାରର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସ୍ୱତନ୍ତ୍ରତା, ଶିକ୍ଷା, ସ୍ୱାଧୀନ ଭାବେ ନିଜ ଅଭିବ୍ୟକ୍ତି ରଖିବା ଭଳି ସ୍ୱାସ୍ଥ୍ୟକର ପରିବେଶରେ ରହିବା ବା ସ୍ୱଚ୍ଛବାୟୁ ପାଇବା ଏହି ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ। ମାତ୍ର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲଗାତର ଭାବେ ସହରବାସୀଙ୍କୁ ଏଥିରୁ ବଞ୍ଚିତ କରିଚାଲିଛି। ଗାଡ଼କଣ ମୌଜାସ୍ଥିତ ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିଂ ୟାର୍ଡ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ)ରେ ବର୍ଷବର୍ଷ ଧରି ଆବର୍ଜନା ଗଦା କରାଯାଉଛି। ସହରରୁ ବାହାରୁଥିବା ଟନ୍‌ଟନ୍ ଆବର୍ଜନାରେ ସେଠାରେ ଥିବା ଖାଲ ପୋତି ହୋଇ ଅଳିଆ ପାହାଡ଼ ସୃଷ୍ଟି ହୋଇଥିବାବେଳେ ଏଥିରୁ ବାହାରୁଥିବା ଦୁର୍ଗନ୍ଧରେ ଅଧା ସହରର ପରିବେଶ ବିଗିଡି ଯାଇଛି। ବିଶେଷକରି ଟିଟିଏସ୍ ନିକଟରେ ରହୁଥିବା ବସ୍ତିଅଞ୍ଚଳବାସୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ବିଏମ୍‌ସିର ଅପାରଗତା କାରଣରୁ ଏବେ ଶହଶହ ଲୋକ ଏହି ଅଧିକାରରୁ ବଞ୍ଚିତ ହୋଇ ନାନାଦି ରୋଗର ଶିକାର ହୋଇ ଦୟନୀୟ ଜୀବନ ବିତାଉଛନ୍ତି।



### ମାନବାଧିକାର ଆଇନ୍‌ର ଉଲ୍ଲଂଘନ ହେଉଛି

ବାୟୁ ବିନା ମଣିଷ ବଞ୍ଚିବା କଷ୍ଟକର। ତେଣୁ ସ୍ୱଚ୍ଛବାୟୁ ଗ୍ରହଣ କରିବା ଜଣେ ବ୍ୟକ୍ତିର ପ୍ରାକୃତିକ ଏବଂ ମାନବିକ ଅଧିକାର ହୋଇଥିବାବେଳେ ଏହା ପ୍ରତ୍ୟେକ ସରକାରଙ୍କ ମୌଳିକ ଦାୟିତ୍ୱ। ସେହିକ୍ରମରେ ଭୁବନେଶ୍ୱରବାସୀଙ୍କୁ ସ୍ୱଚ୍ଛ ବାତାବରଣ ବା ବାୟୁ ପ୍ରଦାନ କରିବା ବିଏମ୍‌ସିର ଦାୟିତ୍ୱ। ମାତ୍ର ସେ ଏହା ତୁଲାଇବାରେ ଅସମର୍ଥ ହୋଇଥିବାବେଳେ ମାନବାଧିକାର ଆଇନ୍‌ର ଉଲ୍ଲଂଘନ କରି ଚାଲିଛି। ବିଏମ୍‌ସି ଏଭଳି ଉଲ୍ଲଂଘନ କରିଚାଲିଲେ ମାନବାଧିକାର କମିଶନ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।



**-ମନୋଜ ଜେନା, ମାନବାଧିକାର କର୍ମୀ**

### ସ୍ୱଚ୍ଛ ବାୟୁରୁ ବଞ୍ଚିତ କରିବା ଅପରାଧ

ସହରୀକରଣ ବଢିବା ସହ ଆବର୍ଜନା ପରିଚାଳନା ସବୁ ରାଜ୍ୟ ପାଇଁ ଧୀରେ ଧୀରେ ବଡ ସମସ୍ୟା ଭାବେ ଉଭା ହୋଇଛି। ଭୁବନେଶ୍ୱରରେ ମଧ୍ୟ ଏବେ ସେହି ଅବସ୍ଥା ହୋଇଛି। ଏହାକୁ କିଭଳି ଠିକ୍ ଭାବେ ପରିଚାଳନା କରାଯିବ ଏବଂ ଏହାଦ୍ୱାରା ସାଧାରଣଲୋକେ କିପରି ସମସ୍ୟାରେ ନ ପଡିବେ ତାହା ଦେଖିବା ବିଏମ୍‌ସିର ଦାୟିତ୍ୱ। ମାତ୍ର ତାହାକୁ ଠିକ୍ ଭାବେ କରି ନ ପାରି ଲୋକଙ୍କ ମାନବ ଅଧିକାରକୁ କ୍ଷୁଣ୍ଣ କରୁଛି ବିଏମ୍‌ସି। ଟିଟିଏସ୍ ପାଇଁ ଏବେ ବାୟୁ ପ୍ରଦୂଷଣ ବଢି ଚାଲିଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ସ୍ମାର୍ଟସିଟିବାସୀଙ୍କୁ ସ୍ୱଚ୍ଛ ବାୟୁରୁ ବଞ୍ଚିତ କରିବା ଆଇନ ଅନୁଯାୟୀ ଅପରାଧ।



**-ଚନ୍ଦ୍ରନାଥ ଦାନୀ, ଆଇନଜୀବୀ**

### ବିଏମ୍‌ସିର ଅବହେଳାରୁ ସମସ୍ୟାରେ ସହରବାସୀ

ବିଏମ୍‌ସି ନିଜ ଅବହେଳାରୁ ସହରବାସୀଙ୍କ ପାଇଁ ସମସ୍ୟା ଡାକି ଆଣିଛି। ଅଳିଆ ପକାଇବା ପାଇଁ ଖୋଲା ସ୍ଥାନ ବ୍ୟବହାର କରାଯାଏ, ମାତ୍ର ବିଏମ୍‌ସି ଜନବସତି ମଝିରେ ଆଣି ଅଳିଆ ପାହାଡ଼ ଗଦା କରିଛି। ଟିଟିଏସ୍‌କୁ ହଟାଇବା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲେ ବି ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ।



**-ରଞ୍ଜିତ ବେହେରା, ସ୍ଥାନୀୟ ଅଞ୍ଚଳବାସୀ**

### ଜୋର୍‌ଦାର ବିରୋଧ ହେବା ଆବଶ୍ୟକ

ସରକାର ସବୁବେଳେ ଲୋକଙ୍କ ସୁବିଧା ପାଇଁ କାମ କରିବା କଥା, ମାତ୍ର ବିଏମ୍‌ସି ଏଠାରେ ଲୋକଙ୍କୁ ରୋଗ ବାଣ୍ଟିବା ପାଇଁ ଜୋର୍‌ସୋର୍‌ରେ ଲାଗି ପଡିଛି। ଲୋକଙ୍କ ଅଧିକାରକୁ ଦଳି ଚକଟି ନିଜ ମନମାନି କରୁଛି। ଯାହାକି ଆଇନ୍ ଦୃଷ୍ଟିରୁ ମଧ୍ୟ ଅପରାଧ। ତେଣୁ ଏହା ବିରୋଧରେ ଜୋରଦାର୍ ବିରୋଧ ହେବା ଆବଶ୍ୟକ।



**-ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ**

## ସଂକ୍ଷେପରେ

### ରାସ୍ତାରେ ଓଲଟିଲା ହାଇୱା



ବାଙ୍କୀ,୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବୈଦ୍ୟେଶ୍ୱରଠାରୁ ବାଙ୍କୀ ଆଡ଼କୁ ଆସୁଥିବା ଏକ ଚିପ୍ସ ବୋଝେଇ ହାଇୱା ଗାଡ଼ି ଭାରସାମ୍ୟ ହରାଇ ଶନିବାର ଅଳସୁଆ ଛକଠାରେ ଲେଉଟି ପଡ଼ିଛି। ଗାଡ଼ିଟି ଦ୍ରୁତଗତିରେ ଚଳାଯାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗାଡ଼ି ଓଲଟିପଡ଼ିବା ପରେ ଚାଳକ ଫେରାର ହୋଇଯାଇଛନ୍ତି। ଖବରପାଇ ବୈଦ୍ୟେଶ୍ୱର ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ କରିଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ

ବାଙ୍କୀ,୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନିୟର ଡିଭିଜନ୍ ସିଭିଲ୍ ଜଜ୍ ନବନୀତା ଦାଶ ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସାଧନ ଜିତ୍ ପଣ୍ଡା ଯୋଗଦେଇ ୨୩ ବ୍ୟାଙ୍କ ସମ୍ପର୍କିତ ମୋକଦ୍ଦମାର ଫଇସଲା କରିଥିଲେ। କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ଗୌରୀଶଙ୍କର ନନ୍ଦ, ଅଜୟ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପ୍ରଶାନ୍ତ ବେହେରା, ହରେକୃଷ୍ଣ ମୁର୍ମୁ, ଦିପ୍ତୀମୟୀ ନାୟକ, ଅଦ୍ୱୈତ୍ୟ ପ୍ରସାଦ ଦାଶ ଓ ଧୋଇନ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘ ବୈଠକ

କଟକ,୯।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଏସ୍‌ସିବି ମେଡ଼ିକାଲ ପରିସରସ୍ଥ ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସଂଘ ସଦସ୍ୟ ସମ୍ବର୍ଦ୍ଧିତ କରିବା ସହ କର୍ମଚାରୀମାନଙ୍କର ସମସ୍ୟା ସମ୍ପର୍କିତ ୧୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅସ୍ଥାୟୀ କର୍ମଚାରୀଙ୍କର ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି, ସ୍ଥାୟୀ କର୍ମଚାରୀଙ୍କ ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବା, ଠିକ୍ ସମୟରେ ଯୋଗ୍ୟତା ଅନୁସାରେ ପଦୋନ୍ନତି ଦେବା, ସମସ୍ତ ମେଡିକାଲ କଲେଜ ଏବଂ ସିଡିଏମଓଙ୍କ ଅଧୀନରେ କାମ କରୁଥିବା କର୍ମଚାରୀଙ୍କୁ କ୍ୱାର୍ଟର୍ସ ଯୋଗାଇ ଦେବା, ଏସ୍‌ସିବି ମେଡିକାଲ ପରିସରରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ସ୍ଥାୟୀ ନୂତନ ଘର ପ୍ରତିଷ୍ଠା, ପୁରୁଣା ପେନ୍‌ସନ୍‌କୁ ଲାଗୁ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପାଣ୍ଡିଆନ ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଏ ସମ୍ପର୍କରେ ବିଚାର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ବନ୍ଧୀୟ ଦାବିକୁ ନେଇ ପରବର୍ତ୍ତୀ ପଦକ୍ଷେପ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତ, ଉପସଭାପତି ସାର୍କି ଖାନ୍, ଉପ ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, କୈଳାସ ଜେନା, ବିଜୟ କୁମାର ନାୟକଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ଗରା, ବାଲ୍ଟି ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ପାନୀୟ ଜଳରୁ ବଞ୍ଚିତ ହେବାରୁ ଲୋକେ ଉତ୍ତ୍ୟକ୍ତ**

- ୪ ମାସ ହେବ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି
- ୫ଘଣ୍ଟା ଯାତାୟାତ ଅବରୋଧ



ରାସ୍ତାରେ ଗରା, ବାଲ୍ଟି ରଖି ଗ୍ରାମବାସୀ ଧାରଣାରେ ବସିଛନ୍ତି।

ବାଙ୍କୀ,୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନୁଆରୀ ପଞ୍ଚାୟତ ବୋତଲମା ଗ୍ରାମର ଅଧିବାସୀ ଦୀର୍ଘ ୪ ମାସ ହେବ ପାଇପ ଯୋଗେ ସ୍ୱଚ୍ଛ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ବାରମ୍ବାର ବାଙ୍କୀ ବ୍ଲକ ବିଡିଓ ଓ ବାଙ୍କୀ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ବୋତଲମା ବାଲି ସାହି ୭ନମ୍ବର ୱାର୍ଡ ର କେତେଜଣ ପୁରୁଷ ଓ ମହିଳା ବାଙ୍କୀ ବୈଦେଶର ରାସ୍ତାକୁ ଅବରୋଧ କରିବା ସହ ଗରା ବାଲ୍ଟି ଧରି ଧାରଣାରେ ବସିଥିଲେ। ସ୍ୱଚ୍ଛ ପାଣି ଯୋଗାଇ ଦେବାକୁ ନାରା ଦେଇଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ,୪ ମାସ ହେବ ନିୟମିତ ପାଣି ସମସ୍ୟା ରହିଥିବାବେଳେ ୨୦ ଦିନ ହେବ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଫଳରେ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲୁ ଥିବା ସମୟରେ ପାଣି ଯୋଗାଣ କରୁଥିବା ପାଣି ପାଇପ ଫାଟି ଯାଇଛି। ଫଳରେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏ ସମ୍ପର୍କ ରେ ବାଙ୍କୀ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଜାଣି ମଧ୍ୟ କୌଣସି ବ୍ୟବସ୍ଥା କରୁ ନଥିବାରୁ ଅଞ୍ଚଳବାସୀ ବାଧ୍ୟ ହୋଇ ପୋଖରୀ ଓ ଅନ୍ୟାନ୍ୟ ଜଳ ଉତ୍ସରୁ ଅଶୋଧିତ ଜଳ ଆଣି ପିଉଛନ୍ତି। ଏହାର ପ୍ରତିବାଦରେ ସେମାନେ ଧାରଣା ଦେଇଥିବା କହିଛନ୍ତି। ଧାରଣାକାରୀମାନେ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିବା ସତ୍ତ୍ୱେ ବ୍ଲକର କୌଣସି ଅଧିକାରୀ ସେମାନଙ୍କ ସହ ଆଲୋଚନା କରିବାକୁ ଆସି ନ ଥିଲେ। ଅପରପକ୍ଷେ ରାସ୍ତା ଅବରୋଧ ଯୋଗୁ ଉଭୟ ପଟର ରାସ୍ତାରେ ଯାନବାହନର ଲମ୍ବା ଲାଇନ ଲାଗିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବାଙ୍କୀ ଓ ବୈଦେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଆଗାମୀ ୪ଦିନ ମଧ୍ୟରେ ଜଳ ଯୋଗାଣ ସ୍ୱାଭାବିକ ନ ହେଲେ ପୁନର୍ବାର ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରାଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି।

# ବାଇକ୍ ଦୁର୍ଘଟଣା: ୨ ମୃତ

ବାଙ୍କୀ,୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା-ଖୋର୍ଦ୍ଧା ରାସ୍ତାର ଦୁଲଣାପୁର ଛକଠାରେ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ବାଇକ୍ (ଓଡି-୦୫-ଏସି-୧୨୦୫) ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସିକ୍ୟୁରିଟିଗାର୍ଡ ରାକେଶ ନନ୍ଦ(୩୧) ଓ ଅନ୍ୟ ଜଣଙ୍କ ପରିଚୟ ମିଳି ପାରିନାହିଁ। ରାକେଶ କାର୍ଯ୍ୟ ସାରି ନିଜ ଗ୍ରାମ ଖୋର୍ଦ୍ଧାର ନିଆଳକୁ ଯିବାକୁ ରାସ୍ତାରେ ଛିଡ଼ା ହୋଇଥିଲେ। ସମ୍ପୃକ୍ତ ବାଇକ୍ ଆରୋହୀ ଆସିବାରୁ ରାକେଶ ତାଙ୍କୁ ଅଟକାଇ ତାଙ୍କ ବାଇକ୍‌ରେ ବସି ଘରକୁ ଫେରୁଥିଲେ। ଏହି ସମୟରେ ଦୁଲଣାପୁର ଛକଠାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ୧୦୮ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାଇକ୍ ଆରୋହୀ ଆଠଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଥିବା ତାଳବସ୍ତ ଫାଣ୍ଡି ଅଧିକାରୀ ସେକ୍ ମଜବିର୍ ପ୍ରକାଶ କରିଛନ୍ତି।

# ୨ ଭଉଣୀଙ୍କୁ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ

**ଏକତରଫା ପ୍ରେମରେ ବିଫଳ ପ୍ରେମିକଙ୍କ ଉନ୍ମତ୍ତକାଣ୍ଡ**

ନିଶ୍ଚିନ୍ତକୋଇଲି,୯।୧୨(ଅଶୋକ କୁମାର ମହାପାତ୍ର)

ଏକତରଫା ପ୍ରେମରେ ବିଫଳ ହୋଇ ଜଣେ ହତାଶ ପ୍ରେମିକ ଯୁବତୀ ଓ ତାଙ୍କ ଭଉଣୀଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ମାମୁ ନେମାଳ ଥାନାରେ ଅଭିଯୋଗ କରିବାପରେ ଶନିବାର ମାମଲା (ନଂ.୨୦୦/୨୦୨୩) ରୁଜୁ କରାଯାଇଛି। ଏହି ଘଟଣା ନିଶ୍ଚିନ୍ତକୋଇଲି ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଜଗତ୍‌ସିଂହପୁର ଜିଲା କ୍ରିଷ୍ଣାନନ୍ଦପୁର ଗ୍ରାମର ଜଣେ ଯୁବତୀଙ୍କୁ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ତେଣ୍ଡାକୁଡା ଗ୍ରାମର ଜଣେ ଯୁବକ ଏକତରଫା ପ୍ରେମ କରିଆସୁଥିଲେ। ଏପରିକି ସମ୍ପୃକ୍ତ ଯୁବକ ଜଣକ ଯୁବତୀଙ୍କୁ ବାଟଘାଟରେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ। ଏଥିରେ ଯୁବତୀ ଜଣକ ଅମଙ୍ଗ ହେବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ଡିସେମ୍ବର ୨ ଅପରାହ୍ନରେ ସମ୍ପୃକ୍ତା ଯୁବତୀ ତାଙ୍କ ନାବାଳିକା ଭଉଣୀ ସହ ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତସ୍ଥିତ ମାମୁଘରକୁ ସ୍କୁଟିରେ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ଅନ୍ୟ ଜଣେ ଯୁବକ ସହ ଏକ ବାଇକ୍‌ରେ ଆସି ତାଙ୍କୁ ହଇରାଣ କରିଥିଲେ। ଯୁବତୀ ଦ୍ୱୟ ମାମୁଘରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଦ୍ୱୟ ଉଭୟ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ଉଭୟ ଭଉଣୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ଦୁଇ ଭଉଣୀଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସମ୍ପୃକ୍ତା ଯୁବତୀ ଏବେ ମୃତ୍ୟୁ ସହ ସଂଘର୍ଷ କରୁଥିଲାବେଳେ ସାନ ଭଉଣୀଙ୍କ ସଂଜ୍ଞା ଫେରିଛି। ଅପରପକ୍ଷେ ଅଭିଯୁକ୍ତ ଯୁବକ ଜଣକ ହସ୍ପିଟାଲରେ ପହଞ୍ଚି ପୀଡ଼ିତାଙ୍କ ମାମୁ, ମାଇଁ ଓ ପରିବାର ଲୋକଙ୍କୁ ଧମକ ଦେଇ ଭୟଭୀତ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# 'ଫାସିଷ୍ଟ ଶକ୍ତିର ଅଭ୍ୟୁଦୟ ଯୋଗୁ ସମ୍ବିଧାନ ସଙ୍କଟାପନ୍ନ'




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଆଠଗଡ଼ରେ ସ୍ୱାଭିମାନ ଦିବସ ପାଳିତ**

ଆଠଗଡ,୯।୧୨(ସତ୍ୟ ପ୍ରସାଦ ରଥ)

ଫାସିଷ୍ଟ ଶକ୍ତି, ତଥା ଉଗ୍ରଜାତୀୟତାବାଦ, ଧାର୍ମିକ ମୌଳବାଦ ଅଭ୍ୟୁଦୟ ଯୋଗୁ ଦେଶର ସମ୍ବିଧାନ ଏବେ ସଙ୍କଟାପନ୍ନ ହୋଇଛି। ସମ୍ବିଧାନର ୪ଟି ଯାକ ସ୍ତମ୍ଭ ସେମାନଙ୍କ ସ୍ୱାଧୀନତା ହରାଇଛନ୍ତି। ଦେଶରେ ସାମାଜିକ ଓ ଅର୍ଥନୈତିକ ଅସମାନତା ବୃଦ୍ଧି ଦେଶରେ ଗଣତନ୍ତ୍ର ପ୍ରତି ବିପଦ ବୋଲି ଆଠଗଡ ସ୍ୱାଭିମାନୀ ଏକତା ମଞ୍ଚ ପକ୍ଷରୁ ଆଠଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ୧୨ତମ ସ୍ୱାଭିମାନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି କହିଛନ୍ତି। ଏହି ଅବସରରେ 'ଭାରତୀୟ ସମ୍ବିଧାନ ଓ ବିଧି ବ୍ୟବସ୍ଥା'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ତଥା ଦାର୍ଶନିକ, ହିନ୍ଦୀକବି ଡ. ସନ୍ଦୀପ ଯାଦବ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ମୁଖ୍ୟ ବକ୍ତାଭାବେ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ଫାସିଷ୍ଟ ଶକ୍ତି କବଳରୁ ଦେଶର ସମ୍ବିଧାନକୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସୂଚନାଯୋଗ୍ୟ, ୨୦୦୯ ସାଧାରଣ ନିର୍ବାଚନରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରାର୍ଥୀପତ୍ର ନାକଚ କରିଦିଆଯାଇଥିଲା। ଏହା ବିରୋଧରେ ରଣେନ୍ଦ୍ର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା କରି ୨୦୧୧ ଡିସେମ୍ବର ୯ରେ ବିଜୟ ଲାଭ କରିଥିଲେ। ସେହିଦିନଠାରୁ ଆଠଗଡ଼ରେ ସ୍ୱାଭିମାନୀ ଏକତା ମଞ୍ଚ ତରଫରୁ ଏହି ଦିବସକୁ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଶନିବାର ରଣେନ୍ଦ୍ରଙ୍କ ସମର୍ଥକ ତରଫରୁ ଏକ ଶୋଭାଯାତ୍ରା ରାଧାଗୋବିନ୍ଦପୁର ହନୁମାନ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ପରେ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଭାପତି ତଥା ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ଆଠଗଡ ଓକିଲସଂଘର ପୂର୍ବତନ ସଭାପତି ସତ୍ୟେନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ବିନୟ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରନେତା ମହମ୍ମଦ ଖଲିଦ,ରିଙ୍କୁ ପତ୍ରୀ, ହିମାଂଶୁ ଶେଖର ସ୍ୱାଇଁ, ତୋଫାନୀ ସାମଲ ପ୍ରମୁଖ ଆଲୋଚନାଚକ୍ର ଭାଗନେଇଥିଲେ। ନିରାକାର ଲେଙ୍କା, ରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ନିଶା, ତମାଖୁ ସେବନରୁ ଦୂରେଇ ରହିବାକୁ ଆହ୍ୱାନ

ମାହାଙ୍ଗା, ୯।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ସଭାଗୃହରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ନୂଆ-ଓ କାର୍ଯ୍ୟକ୍ରମ ଅଧୀନ ସାମାଜିକ କାର୍ଯ୍ୟକ୍ରମରେ ନିଶା ନିବାରଣ ଏବଂ ତମାଖୁ ସେବନରୁ ଦୂରେଇ ରହିବା ପାଇଁ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରା ଯୋଗଦେଇ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଯୁବ ରେଡ୍‌କ୍ରସ କଟକ ଜିଲା ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଜନସଚେତନତା ଶିବିରରେ ନୂଆ-ଓ, ଯୁକ୍ତ ୩ ବିଭାଗ ସାମାଜିକ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଅଧ୍ୟାପକ ଡ. ନଳିନ କୁମାର ସାହୁ ସଭାପତିତ୍ୱ କରିଥିଲେ । କଟକ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ସଂକ୍ରାମକ ରୋଗ ପରିଚାଳନା ବିଭାଗର ସହ ପରିଚାଳକ ସୁଧାରଞ୍ଜନ ରଥ ଏବଂ ପରାମର୍ଶଦାତ୍ରୀ ସୁଚିସ୍ମିତା ସିହ୍ନା ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନିଶା ଏବଂ ତମାଖୁ ସେବନରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ପୁଷ୍ପାଶ୍ରୀ ତ୍ରିପାଠୀ,ଡ. ଅଶୋକ କୁମାର ଖଟୁଆ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ଷଡ଼ଙ୍ଗୀ,ଅଧ୍ୟାପକ ନିତ୍ୟାନନ୍ଦ ସାମଲ, ଅଧ୍ୟାପକ ଜଗନ୍ନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନୋଡାଲ ଅଫିସର ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୯।୧୨ (କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାର କରି କଟକ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମଧୁପାଟଣା ଥାନା ଅଞ୍ଚଳର ଗୋପାଳ ସିଂ। ଅପରପକ୍ଷରେ ପିଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ କଟକ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ବିଚାରପତି ସବିତା ଦାସ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଜିଲା ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ୍ ସଂଯୋଜିକା ୨୦୧୯ ଡିସେମ୍ବର ୧୦ରେ ଉତ୍କଳ ବାଳାଶ୍ରମର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନବେଳେ ପିଡ଼ିତା ଜଣକ ବଳାତ୍କାରର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେମାନେ ନାବାଳିକାଙ୍କ ମାଆଙ୍କୁ ଏ ବିଷୟରେ କହିବାରୁ ସେ ଜାଣି ନ ଥିବା ପ୍ରକାଶ କରିଥିଲେ। ଅଧିକାରୀମାନେ ପିଡ଼ିତାଙ୍କୁ ଡାକ୍ତରୀ ମାଇନା କରାଇବା ପରେ ସେ ବଳାତ୍କାରର ଶିକାର ହୋଇଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡିଥିଲା। ଏ ସମ୍ପର୍କରେ ଚାଇଲ୍ଡ ଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ପରେ ପୋକ୍ସୋ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍.ଏମ୍. ବେଗ ମାମଲା ପରିଚାଳନା କରିଥିଲେ।

# ଜହନ ୧୧ ହିଟ୍ ମାଇଣ୍ଡ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ସର୍ବଭାରତୀୟ ବାପୁଜୀ ପ୍ରିମିୟର ଲିଗ୍**

ବଡ଼ମ୍ବା,୯।୧୨(ମାୟାଧର ମଲ୍ଲିକ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ବାର୍ଷିକ ସର୍ବଭାରତୀୟ ବାପୁଜୀ ପ୍ରିମିୟର ଲିଗର ଚତୁର୍ଥ ଦିବସରେ ୨ ଲିଗ୍ ଓ ୧ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଲିଗ ମ୍ୟାଚ୍ ବୁଲେଟ ୧୧ ଓ ସୁହାନୀ ୧୧(ୱେଷ୍ଟବେଙ୍ଗଲ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୱେଷ୍ଟବେଙ୍ଗଲ ଦଳ ୬ ଉଇକେଟରେ ବିଜୟୀ ହୋଇଥିଲା। ଦଳର ସୁଜିତଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ସେହିପରି ଏମ୍‌ଏମ୍‌ସିସି (ସମ୍ବଲପୁର) ଓ ଜହନ ୧୧ ହିଟ ମାଇଣ୍ଡ (ଭଦ୍ରକ) ମଧ୍ୟରେ ଦ୍ୱିତୀୟ ଲିଗ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଦଳ ବିଜୟୀ ହୋଇଥିଲା। ଦଳର ଲକିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ପରେ ସୁହାନୀ ୧୧ ଓ ଯାହାନ ୧୧ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସୁହାନୀ ୧୧(ୱେଷ୍ଟ ବେଙ୍ଗଲ) ଦଳ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଜବାବରେ ଜାହାନ ୧୧ ହିଟ ମାଇଣ୍ଡ (ଭଦ୍ରକ) ଦଳ ୭.୧ ଓଭରରେ ୪ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିବା ସହିତ ୬ ଉଇକେଟରେ ବିଜୟୀ ହୋଇଥିଲା। ଦଳର ହୃଷୀ ଦାସଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦିନିଆରି ସରପଞ୍ଚ ଆଲୋକ କୁମାର ସାହୁ ଓ ଶଙ୍ଖାମେରୀ ପୂର୍ବତନ ସରପଞ୍ଚ ଫକୀର ସେଠୀ ଯୋଗ ଦେଇଥିଲେ।

# 'ଅଧିକାର ବିନା ଶିଶୁର ବିକାଶ ଅସମ୍ଭବ'

**ରାମକୃଷ୍ଣ କୁଟୀରରେ ଶିଶୁ ଅଧିକାର ଆଲୋଚନାଚକ୍ର**

କଟକ,୯।୧୨ (କାର୍ତ୍ତିକ ସାହୁ)




ରାମକୃଷ୍ଣ କୁଟୀରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଶିଶୁ ଅଧିକାର ବିଷୟରେ ବହୁ ଆଲୋଚନା ହେଉଛି। କିନ୍ତୁ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଶିଶୁ ଅଧିକାର ବିନା ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଅସମ୍ଭବ। ରାମକୃଷ୍ଣ କୁଟୀର ଓ କଳିଙ୍ଗ ମିଡିଆ ସର୍ଭିସେସର ମିଳିତ ଆନୁକୂଲ୍ୟରେ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ଶନିବାର ଆୟୋଜିତ ଶିଶୁ ଅଧିକାର ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଏହା କହିଛନ୍ତି। ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସୂଚନା କମିଶନର ତଥା ସିୱାଇଏସ୍‌ଡିର ଅନ୍ୟତମ ପ୍ରତିଷ୍ଠାତା ଜଗଦାନନ୍ଦ ଯୋଗଦେଇ ଶିଶୁର ସାମଗ୍ରିକ ବିକାଶର ଜରୁରି ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଡ. ବିକାଶ ଦାସ ଶିଶୁ ଅଧିକାର ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ରଚିତ ଶିଶୁ ଅଧିକାର- ସମସ୍ୟା, ସମାଧାନ ଓ ସମୀକ୍ଷା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ପ୍ରଫେସର ଡ. ଉମାକାନ୍ତ ମିଶ୍ର, ଶ୍ରୀରାମ ଦାଶ, ଡ. ସତ୍ୟ ରାୟ ଓ ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ କଳିଙ୍ଗ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୩ ଜଣ ମେଧାବୀ ଛାତ୍ରଙ୍କୁ କଳିଙ୍ଗ ଟ୍ରଫି ଓ ୪ ଜଣଙ୍କୁ ଧଉଳି ଟ୍ରଫି ଦିଆଯାଇଥିଲା। ପୁସ୍ତକର ପ୍ରଚ୍ଛଦପଟ ପ୍ରସ୍ତୁତି ପାଇଁ ଆଇନ ଛାତ୍ରୀ ଶ୍ରୀଜା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। କଳିଙ୍ଗ ମିଡିଆ ସର୍ଭିସେସର ସମ୍ପାଦକ ଡ. ମହେଶ୍ୱର ଅତିଥି ପରିଚୟ, ଭୁବନାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ରାମକୃଷ୍ଣ କୁଟୀରର ତତ୍ତ୍ୱାବଧାରକ ସୁଭାଷ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କିନ୍ନରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲୁଗାଁ,୯।୧୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଉମା ମହେଶ୍ୱର ରୋଡ୍‌ସ୍ଥିତ ଏକ ଭଡ଼ାଘରୁ ଶନିବାର ପୋଲିସ ଜଣେ କିନ୍ନରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଆରତି ଦାସ(୨୨)। ତାଙ୍କ ଘର ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଧୀନ ଛଟିନା ଗ୍ରାମରେ ବୋଲି ଜଣାପଡ଼ିଛି। ତାଙ୍କ ହାତରେ ବ୍ଲେଡ୍‌ର କଟାଦାଗ ରହିଛି। ଏନେଇ ବାଲୁଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଆରତି ଗତ ଦୁଇ ମାସ ହେବ ଉକ୍ତ ଘରେ ଭଡ଼ାରେ ରହିଆସୁଥିଲେ। ଶନିବାର ସକାଳେ ବହୁ ସମୟ ଧରି ଆରତି ବାହାରକୁ ନ ଆସିବାରୁ ସନ୍ଦେହ ହେବାରୁ ପଡ଼ୋଶୀ କବାଟ ବାଡ଼େଇଥିଲେ। ତେବେ ସେ କବାଟ ନ ଖୋଲିବାରୁ ପଡ଼ୋଶୀ ପୋଲିସକୁ ଜଣାଇଥିଲେ। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ଏବଂ ଚିଲିକା ତହସିଲଦାର ଚକ୍ରଧର ପାଢ଼ୀଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବା ପରେ ଆରତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

ଜଟଣୀ,୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଏକ ଚୋରି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରଥିପୁର ଗ୍ରାମର ବବଲୁ ଓରଫ ଆସିଫ ଖାନ(୨୬)। ସୂଚନା ମୁତାବକ, ଗତ ଏପ୍ରିଲରେ ଉପରୋକ୍ତ ଅଭିଯୁକ୍ତ ଏବଂ ସହଯୋଗୀ କନ୍ଥିଆ-ନିରଞ୍ଜନପୁର ରାସ୍ତାରେ ଥିବା ଏକ ପିଚୁ ପ୍ଲାଣ୍ଟରୁ ପାଣିମୋଟର ଚୋରି କରିଥିଲେ। ଏନେଇ ବିବେକାନନ୍ଦ ବଡ଼ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଗତ ଏପ୍ରିଲ ୨୧ରେ ସନ୍ତୁ ଓରଫ ସନ୍ତୋଷ ସାମଲଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଜବତ କରିଥିଲା। ଏହି ମାମଲାରେ ଫେରାର ଥିବା ଆସିଫଙ୍କୁ ଗିରଫ କରାଯାଇଛି।

### ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଚୋରି ଅଭିଯୋଗ

ଗମ୍ଭାରୀମୁଣ୍ଡା,୯।୧୨(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅନ୍ତର୍ଗତ ଲହଙ୍ଗାଡିହ ଗ୍ରାମରେ ବଡ଼ଧରଣର ଚୋରି ହୋଇଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଗ୍ରାମର ବଳଭଦ୍ର ସାହୁଙ୍କ ଘରେ ପଶି ୧୦ଲକ୍ଷ ଟଙ୍କାର ସୁନାଅଳଙ୍କାର ଓ ୨ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୫୦/୨୩)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବଳଭଦ୍ର ତାଙ୍କ ପୁଅ ବାହାଘର ପାଇଁ ୧୦ ଲକ୍ଷ ଟଙ୍କାର ସୁନାଅଳଙ୍କାର ଓ ୨ ଲକ୍ଷ ଟଙ୍କା ଘରର ଏକ ବାକ୍ସରେ ରଖିଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶି ଅଳଙ୍କାର ଓ ଟଙ୍କା ନେଇଯାଇଛନ୍ତି। ଅଭିଯୋଗ ପରେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବାଣପୁର ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଥିଲେ।

# ଆଗଉନି କାମ, ଆନ୍ଦୋଳନ ଚେତାବନୀ

ଖୋର୍ଦ୍ଧା, ୯।୧୨(ପ୍ରଭାତ ପାଣିଗ୍ରାହୀ)

**ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ**
- ଶିଳାନ୍ୟାସକୁ ୪ ବର୍ଷ, ଭୂମିପୂଜାକୁ ବର୍ଷେ ବିତିଲା
- ଶ୍ରେୟ ରାଜନୀତିରେ ସ୍ମାରକୀ ନିର୍ମାଣ

ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ଲାଗି ରହିଥିବା ବିବାଦ ତୁଟିବା ପରେ ଗତ ଡିସେମ୍ବରରେ ଭୂମିପୂଜା ହୋଇଥିଲା। ଇତିମଧ୍ୟରେ ଶିଳାନ୍ୟାସକୁ ୪ ବର୍ଷ ବିତିଥିବା ବେଳେ ଭୂମିପୂଜାକୁ ବର୍ଷେ ବିତିଲାଣି। ଏଯାବତ୍ ପ୍ରସ୍ତାବିତ ଜାଗାରେ ଖଣ୍ଡେ ଇଟା ମଧ୍ୟ ପଡ଼ିନାହିଁ। ଏନେଇ ବିଭିନ୍ନ ପାଇକ ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଆଗାମୀ ଦିନରେ ପାଇକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଶାସକ ଦଳ ଏବଂ ବିରୋଧୀ ଭାଜପାର ଶ୍ରେୟ ରାଜନୀତିରେ ସ୍ମାରକୀ ନିର୍ମାଣ କାର୍ଯ୍ୟ ବଳିପଡ଼ିଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଶାସକ ଦଳ ବିଧାୟକ ମୁହଁ ଖୋଲିବାକୁ ନାରାଜ। ସେହିପରି ଭାଜପା ନେତା ସରକାରଙ୍କ ଅବହେଳା, ଆନ୍ତରିକତା ଅଭାବକୁ ଦାୟୀ କରିଛନ୍ତି।

ସୂଚନାଥାଉ କି, ୨୦୧୯ ଡିସେମ୍ବର ୮ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାର ଏଥିଲାଗି ୧୦ ଏକର ଜମି ଯୋଗାଇ ଦେଇଥିଲେ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିକୁ ଫ୍ରିପ୍ରିମିୟମ୍ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ରାଜ୍ୟ ସରକାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ବିନା ପ୍ରିମିୟମ୍, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଂଟ୍ରାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କୁ କ୍ୟାବିନେଟ୍‌ର ଅନୁମୋଦନକ୍ରମେ ୩୧,୯୬୬୨୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଛନ୍ତି। ଏନେଇ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ରହିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଖଣ୍ଡେ ଇଟା ବି ପଡ଼ିନାହିଁ। ସେପଟେ ପ୍ରସ୍ତାବିତ ଜମି ମୁକ୍ତ ଡମ୍ପିଂ ୟାର୍ଡ ପାଲଟିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ୨୦୨୨ ଡିସେମ୍ବର ୨୬ରେ ସ୍ଥାନୀୟ ପ୍ରଶାସନ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଅଏଲ୍ ଇଣ୍ଡିଆ ଫାଉଣ୍ଡେଶନ ଅଧିକାରୀଙ୍କ ଉପସ୍ଥିତିରେ ଶିଳାନ୍ୟାସ ହୋଇଥିଲା। ଏହା ବିଭିନ୍ନ ପାଇକ ଅନୁଷ୍ଠାନ ଏବଂ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଭୂମିପୂଜାରୁ ଅଟକିଛି। ଏହା ପରଠାରୁ କାର୍ଯ୍ୟ ତ୍ୱରାନ୍ୱିତ ହୋଇନାହିଁ। ଅନ୍ୟପକ୍ଷେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି।



ରାଜସୁନାଖଳା ମହୋତ୍ସବ 'କାଉଁରୀ-୨୦୨୩' ର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ପାଇକ ଆଖଡ଼ା ସାମରିକ କଳାକୌଶଳରେ ଦୁଲୁକିଲା ମଞ୍ଚ

ବୋଲଗଡ଼,୯।୧୨(ଦେବବ୍ରତ ହୋତା)

**ରାଜସୁନାଖଳା ମହୋତ୍ସବ 'କାଉଁରୀ-୨୦୨୩' ର ଦ୍ୱିତୀୟ ସନ୍ଧ୍ୟା**

ରାଜସୁନାଖଳା ମହୋତ୍ସବ 'କାଉଁରୀ-୨୦୨୩' ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହୋତ୍ସବର ମୁକ୍ତାକାଶ ମଣ୍ଡପରେ କୁହୁଡ଼ିର କଳାକାରମାନେ ପାଇକ ଆଖଡାରେ ସାମରିକ କଳା କୌଶଳ ପ୍ରଦର୍ଶନ କରି ଉତ୍କଳ ମାଟିର ପାଇକମାନଙ୍କର ବୀରତ୍ୱ ଭରା ଐତିହ୍ୟକୁ ମନେପକାଇଥିଲେ। ଏଥିସହ ସ୍ଥାନୀୟ ତଥା ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ପାରମ୍ପରିକ ଲୋକସଙ୍ଗୀତ ସହ ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ, ମଡର୍ନ ଡ୍ୟାନ୍ସ ପରିବେଷଣ କରିଥିଲେ। ଯାହା ଦର୍ଶକଙ୍କ ମନକୁ ଛୁଇଁଥିଲା। ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଙ୍ଗୀତ ପରେ ଆରମ୍ଭ ହୋଇଥିଲା ସାଧାରଣ ସଭା। ଏଥିରେ ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପର୍ଯ୍ୟଟନ ବିଭାଗ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ, ସମ୍ମାନିତ ବକ୍ତାଭାବେ ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଅତିଥିଭାବେ ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ରାଜସୁନାଖଳା ପ୍ରେସ କ୍ଲବ ସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ କିଶୋର ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅଭିନେତ୍ରୀ ପୁନମ ମିଶ୍ର ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହୋତ୍ସବ ପାଇଁ ସ୍ୱର ଓ ବକ୍ତୃତା ପ୍ରତିଭା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ ଆୟୋଜକ କମିଟିର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଜୟେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରସନ୍ନ କୁମାର ପ୍ରଧାନ, ଗଣମାଧ୍ୟମ ସଂଯୋଜକ ରାଜେନ୍ଦ୍ର କୁମାର ସାହୁଙ୍କ ସହିତ ଆୟୋଜକ କମିଟିର ସଦସ୍ୟ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।


ରାଜସୁନାଖଳା ମହୋତ୍ସବ 'କାଉଁରୀ-୨୦୨୩' ର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

### ଗାଡ଼ି ପାର୍କିଂକୁ ନେଇ ମାରପିଟ

ନିରାକାରପୁର,୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଗାଡ଼ି ପାର୍କିଂକୁ ନେଇ ମାରପିଟ୍ ହୋଇଥିବା ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଗୋପାଳ ପଟେଲଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘରରେ ଯୋଗଦେଇ କଟକରୁ (ଏପି-୩୭-ଟିଏ-୨୧୭୩) ନମ୍ବର ବିଶିଷ୍ଟ ଏକ ଘରୋଇ ବସରେ ଶୁକ୍ରବାର ରାତି ସାଢେ ୯ଟାରେ ଫେରିଥିଲେ। ଖୋର୍ଦ୍ଧା ସଦର ଥାନା ଅଧୀନ ତୋଟାପଡା ଛକଠାରେ ଓହ୍ଲାଇ ଏକ ହୋଟେଲରେ ଖାଇବାକୁଯାଇଥିଲେ। ତେବେ ବସ ପାର୍କିଂକୁ ନେଇ ହୋଟେଲ ମାଲିକଙ୍କ ସହ ଝଗଡା ହୋଇଥିଲା। ଝଗଡା ପରେ ସେମାନେ ସେଠାରୁ ଆସୁଥିବା ବେଳେ ଜଙ୍କିଆ ଥାନା ଅଧୀନ ଟୋଲଗେଟ ନିକଟରେ କେତେଜଣ ଯୁବକ ଆସି ବସକୁ ଅଟକାଇ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ଗୋପାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଏନେଇ ହୋଟେଲ ମାଲିକଙ୍କ ଅଭିଯୋଗକ୍ରମେ ଖୋର୍ଦ୍ଧା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଭୟ ଥାନାରେ ମୋଟ୍ ୫ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ବସ୍‌ଯାତ୍ରୀଙ୍କ ମାଡ଼ରେ ହୋଟେଲ ମାଲିକଙ୍କ ପୁଅ ଆହତ ହୋଇଛନ୍ତି ବୋଲି ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନମ୍ବର କର ସୂଚନା ଦେଇଛନ୍ତି।

### ୧୦ଜଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୯।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୦ ଜଣ ଶିକ୍ଷକ ଓ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଚିଲିକା ନୂଆପଡ଼ା ଶିକ୍ଷା ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଚିଲିକା ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ସର୍କଲ ସଭାପତି ବସନ୍ତ କୁମାର ଜାଲିଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଭବାନୀ ଶଙ୍କର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ହୃଦାନନ୍ଦ ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ମାଝୀ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦଳବେହେରା, ଧୁଶାସନ ପ୍ରଧାନ, ତ୍ରିଲୋଚନ ଜେନା, ସୁଧାକର ପ୍ରଧାନ, ନାରାୟଣ ମାଝୀ, ଲାଲୁ କିଶୋର ଜେନା, ଆର୍ତ୍ତତ୍ରାଣ ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୂଆପଡ଼ା ଶିକ୍ଷା ସର୍କଲ ସମ୍ପାଦକ ପ୍ରବୀଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ମାଝୀ, ଚକ୍ରଧର ମିସ୍ତ୍ରୀ, ଖଗେଶ୍ୱର ଜେନା, ପ୍ରଦୀପ କୁମାର ଜେନା, ବୃନ୍ଦାବନ ବେହେରା, ସଚ୍ଚିନ୍ଦ୍ରନାଥ ଜେନା, ଦିଲ୍ଲୀପ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଟାଙ୍ଗୀ,୯।୧୨(ରଘୁନାଥ ସାହୁ)

କୁହୁଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ଓ କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜନତା କଲେଜ ପରିଚାଳନା କମିଟି ସଭାପତି ତଥା ବିଜେଡିର ଜିଲା ଉପସଭାପତି ମନୋଜ କୁମାର ମାନସିଂହ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ଓ ନୀରୋଗ ରହିବା ସହ ଶୃଙ୍ଖଳାଗତ ଜ୍ଞାନର ବୃଦ୍ଧି ହୋଇଥାଏ। ତେଣୁ ପାଠ ପଢ଼ିବା ସହିତ ସମସ୍ତେ ଖେଳିବାକୁ ଅତିଥି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ସଂଯୋଜନା କରିଥିଲେ। ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ ସମରେଶ ବେହେରା ଧନ୍ୟବାଦ ଦେଇଥିଲେ।

# ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନ ଦୃଢ଼ କରିବାକୁ ଆହ୍ୱାନ


ପ୍ରଶିକ୍ଷଣ ଶିବିରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

**ବେଗୁନିଆରେ ବିଜେଡିର ପ୍ରଶିକ୍ଷଣ ଶିବିର ଆରମ୍ଭ**

ବେଗୁନିଆ,୯।୧୨(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ଶନିବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ତିନିଦିନ ଧରି ହେବାକୁଥିବା ଏହି ଶିବିରକୁ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ବିଜୁ ଛାତ୍ର ଜନତା ଦଳର ମହାସଚିବ ଈପ୍ସିତା ସାହୁ, ମୁଖପାତ୍ର ମଧୁସ୍ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଶୁଭକାନ୍ତ ମହାପାତ୍ର, ମିଟୁ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼େଙ୍ଗା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଆମ୍ବା ଅଧ୍ୟକ୍ଷ ଦୀପ୍ତିରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୀନା ସେଠୀ, ଛାତ୍ର ଜନତା ଦଳ ସମ୍ପାଦକ ସ୍ୱାଧୀନ ପଣ୍ଡା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଏବଂ ଶୁଭେନ୍ଦୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଟାଙ୍ଗୀ, ୯।୧୨(ରଘୁନାଥ ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଟାଙ୍ଗୀ ବ୍ଲକ ଶାଖାର ୪୦ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଚଣ୍ଡେଶ୍ୱରସ୍ଥିତ ପାରିଓରଡ଼ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପାରିଓରଡ଼ ସରପଞ୍ଚ ମମତା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକିଶୋର ଚହଟରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ଖୋର୍ଦ୍ଧା ଓଷ୍ଟାର ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର କର, ଟାଙ୍ଗୀ ବ୍ଲକ ଓଷ୍ଟାର ପୂର୍ବତନ ସମ୍ପାଦକ ଦେବରାଜ ଚହଟରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଅଜୟ କୁମାର ପରିଡ଼ା ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଟାଙ୍ଗୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ପାରିଓରଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଲାଟ କେଶରୀ ମଙ୍ଗରାଜ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାମନ୍ତରାୟ, ଅର୍ଜୁନ ବରାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବିଦ୍ୟାଳୟର ବିକାଶ ଦିଗରେ ଯେଉଁମାନେ ସହାୟତା କରିଥିଲେ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ୧୦ଟି ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୯୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯେଉଁ ପ୍ରତିଯୋଗୀ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ଉତ୍ସବ ଚିଲିକା ବ୍ଲକ ବିରିବାଡ଼ିସ୍ଥିତ ଶ୍ରୀ ଲୋକନାଥ ଦେବ ମାନସିଂହ ହାଇସ୍କୁଲଠାରେ ଅନୁଷ୍ଠିତ ହେବ। ପୁରସ୍କାର ବିତରଣୀ ଉତ୍ସବ ବ୍ଲକ ସଭାପତି ବଳରାମ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଖୋର୍ଦ୍ଧା ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଗଙ୍ଗାଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଜିଲା ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଓଷ୍ଟାର କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର କୁମାର ଦାସ, ଚିଲିକା କୁନା ମହନ୍ତ, ଖୋର୍ଦ୍ଧା ସମ୍ପାଦକ ଶରତ କୁମାର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଅଜୟ କୁମାର ପରିଡ଼ା ବିବରଣୀ ପାଠ କରିଥିବା ବେଳେ ସନ୍ତୋଷ ଚନ୍ଦ୍ର କର ସଂଯୋଜନା କରିଥିଲେ।

**ଏକଦିବସୀୟ ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟ**

# ଜଗନ୍ନାଥପ୍ରସାଦ ଚାମ୍ପିୟନ

ବୋଲଗଡ଼,୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ମା' ମହିଷାମର୍ଦ୍ଦିନୀ ଯୁବକ ସଂଘ ଆନୁକୂଲ୍ୟରେ ଏକଦିବସୀୟ ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣ(ଦେଉଳବାରି)ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ସଂପୁର, ତୁଡ଼ା, ମାଣିକାଗୋଡ଼ା, ବାଘୁଆପାଲ୍ଲୀ, ବୋରଗାଁ, ଜଗନ୍ନାଥପ୍ରସାଦ, ପଣ୍ଡୁସର, ଛାମୁଣ୍ଡିଆ ନୂଆପଲ୍ଲୀ ଆଦି ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଜଗନ୍ନାଥପ୍ରସାଦ ଓ ମାଣିକାଗୋଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଜଗନ୍ନାଥପ୍ରସାଦ ଟିମ୍ ୨-୦ ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ସଭାରେ ଅନୁଷ୍ଠାନର ସଭାପତି ଶତ୍ରୁଘ୍ନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଇଂ. କର୍ପୂର ସାହୁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ସମବାୟବିତ୍ ବିରଞ୍ଚି ପ୍ରଧାନ, ସାମାଜିକ କର୍ମୀ ଭୀମସେନ ଦଳାଇ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କୁମାର ସ୍ୱାଇଁ, ଦିଗନ୍ତ କୁମାର ପ୍ରଧାନ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। କିରନ ଦଳାଇ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଶିଶିର କୁମାର ସୁବୁଦ୍ଧି ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ୨ ହଜାର ଟଙ୍କା ଲେଖାଏ ବ୍ୟକ୍ତିଗତ ପୁରସ୍କାର ଦେଇଥିଲେ। ୨୦୨୪ ଜାନୁୟାରୀରେ ୨୪ଟି ଟିମ୍‌କୁ ନେଇ ଏକ ଦିବାରାତ୍ର ମ୍ୟାଚ୍ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଦିଗନ୍ତ ପ୍ରଧାନ ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

# ଆଦର୍ଶ ଗ୍ରାମ ହେବ ବୁଣାକାରଙ୍କ ଗାଁ ରାଉତପଡ଼ା

ଖୋର୍ଦ୍ଧା,୯।୧୨(ପ୍ରଭାତ ପାଣିଗ୍ରାହୀ)

- କରୁଣା ପାଟବସ୍ତ୍ର ଗୌରବ ବଢାଇଛି
- ଓଡ଼ିଶା ପାଭିଲିୟନରେ ସାଜିଥିଲା ମୁଖ୍ୟ ଆକର୍ଷଣ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ରହିଛି ରାଉତପଡ଼ା ଗ୍ରାମ। ଏହି ଗ୍ରାମର ଅଧିକାଂଶ ପରିବାର ବୁଣାକାର। ରାଉତପଡ଼ା ସେବା ସମବାୟ ସମିତି ଅଧୀନରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବର୍ଷସାରା ଏଠାରେ ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢୀ, ବିଭିନ୍ନ ପ୍ରକାର ପାଟ ଓ ସୂତା ଲୁଗା ବୁଣାଯାଏ। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରକୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୨୦୨୩ ଘୋଷଯାତ୍ରା ସମୟରେ ପ୍ରଥମ ଥର ଲାଗି ରେଶମ ପୋକ(ଏଣ୍ଡିକୀଟ)କୁ ନ ମରାଯାଇ ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ପ୍ରସ୍ତୁତ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ଅଂହିସା ପାଟ ବୋଲି ଘୋଷଣା କରାଯାଇଛି। ନୂଆଦିଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ହୋଇଥିବା ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲୟନରେ ଏହି ରେଶମ ସିଲକ୍ ମୁଖ୍ୟ ଆକର୍ଷଣ ପାଲିଟିଥିଲା। ଏବେ ଏହି ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

ରାଉତପଡ଼ାର ଗୋପୀନାଥ ଦାସଙ୍କ ବୁଣାକାର ପରିବାର ଏହି ପାଟବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ୨୦୨୩ ରଥଯାତ୍ରା ସମୟରେ ୮୮ ମିଟର ଲମ୍ବର ଗୀତଗୋବିନ୍ଦ ପାଟ ବୁଣିଥିଲେ। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅହିଂସା ପାଟ ବୋଲି ସାର୍ବଜନୀନ କରାଯାଇଥିଲା। ଏହି ପ୍ରୟାସ ଲାଗି ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାକୁ ପରୀକ୍ଷାମୂଳକ ପ୍ରୟାସ ଲାଗି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ବୟନଶିଳ୍ପ ନିର୍ଦ୍ଦେଶକ ସାହୁ ଏହି ପାଟବସ୍ତ୍ର ପରୀକ୍ଷାମୂଳକ ଭାବେ ବୁଣିବା ପାଇଁ ପରାମର୍ଶ ଦେଇଥିଲେ। ଏନେଇ ଗୋପୀନାଥ କହିଛନ୍ତି, ଏହା ମହାପ୍ରଭୁଙ୍କ ଇଚ୍ଛା ଏବଂ ଆଦେଶ ଭାବି କାମ ଆରମ୍ଭ କରିଥିଲୁ। ଏବେ ପୋକର ପରିପକ୍ୱତା ଆସିବା ସମୟରେ ନୂତନ ପଦ୍ଧତିରେ ପୋକକୁ ନ ମାରି ବସ୍ତ୍ର ପ୍ରସ୍ତୁତ ହେଉଛି। ଏହି ଜ୍ଞାନକୌଶଳ ଦ୍ୱାରା ରାଜ୍ୟର କୋଣ ଅଣୁକୋଣରେ ବସ୍ତ୍ର ବୁଣୁଥିବା ବୁଣାକାର ଏହି ପଦ୍ଧତିକୁ ଆପଣାଇବେ। ସେହିପରି ବୁଣାକାର ଅଶୋକ କହିଛନ୍ତି, ରେଶମ ଖୋସାରୁ ସୂତା ବାହାର କରିବା ବେଳେ ଏହାକୁ ଗରମ ପାଣିରେ ଫୁଟାଇବାକୁ ପଡିଥାଏ। ଯେଉଁଥିରେ ଖୋସା ଭିତରେ ଥିବା ରେଶମ କୀଟରେ ମୃତ୍ୟୁ ଘଟିଥାଏ। ଏବେ କୀଟକୁ ନ ମାରି ଅହିଂସା ଉପାୟରେ ପ୍ରସ୍ତୁତ ହେଉଛି ବସ୍ତ୍ର। ଅହଂସା ତଥା କକରୁଣା ପଥ ଅବଲମ୍ବନ କରାଯାଇ ଏହି ରେଶମ ଉତ୍ପାଦନ କରାଯାଉଥିବାରୁ ଏହାର ନାମକରଣ ଦିଆଯାଇଛି କରୁଣା ସିଲ୍କ। କରୁଣା ସିଲ୍କରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ହେଉଛି ପାଟବସ୍ତ୍ର।

## ସଂକ୍ଷେପରେ

### ରାସ୍ତା ନିର୍ମାଣ ଦାବିରେ ବିଜେଡି ନେତାଙ୍କ ଧାରଣା

ଡେଲାଙ୍ଗ,୯।୧୨(ରଶ୍ମିରଞ୍ଜନ ପ୍ରଧାନ): କଣାସ ଡେଲାଙ୍ଗ ରାସ୍ତା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସାରିବା ଦାବିରେ ଶନିବାର ବିଜେଡିର ସ୍ଥାନୀୟ ନେତା ଡେଲାଙ୍ଗ ହାଟସ୍ଥିତ ବାଇଆ ବଜାର ସନ୍ନିକଟ ଗୋଲାସାହି ଛକଠାରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ସପ୍ତାହେ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଥାଉକି, ପୂର୍ତ୍ତ ବିଭାଗ ଅଧୀନ କଣାସ-ଡେଲାଙ୍ଗ ୧୩ କି.ମି. ରାସ୍ତାର ଦୋହରୀକରଣ ପାଇଁ ୮କୋଟି ୭୭ଲକ୍ଷ ଟଙ୍କା ବ୍ୟୟ ବରାଦରେ ଟେଣ୍ଡର ଡକାଯାଇ ଠିକାଦାର ନିୟୋଜିତ ହୋଇଥିଲେ। କଣାସରୁ ତ୍ରିଲୋଚନପୁର ଛକ ପର୍ଯ୍ୟନ୍ତ ୫ କି.ମି. ରାସ୍ତା କାର୍ଯ୍ୟ ଗତ ୭ ମାସ ତଳେ ଶେଷ ହୋଇଯାଇଥିଲା। କଲ୍ୟାଣପୁର ବଜାରଠାରୁ ଡେଲାଙ୍ଗ ହାଟବଜାର ପର୍ଯ୍ୟନ୍ତ ୮କି.ମି ରାସ୍ତା କାମ ବାକି ରହିଛି। ଠିକାଦାର ରାସ୍ତା ଖୋଳି ଡଷ୍ଟ ପକାଇ କାମ ବନ୍ଦ କରିଦେଇଛନ୍ତି। ଏହି ରାସ୍ତାରେ ଯାତାୟାତବେଳେ ପଥଚାରୀ ଓ ବାଇକ୍ ଆରୋହୀ ଧୂଳିଧୂସରରେ ହଇରାଣ ହେବା ସହ ଦୁର୍ଘଟଣାର ଶିକାର ହେବାର ନଜିର ରହିଛି। ଏନେଇ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହି ରାସ୍ତା ନିର୍ମାଣରେ ବିଳମ୍ବ ହେତୁ ଶନିବାର ବିଜେଡିର ସ୍ଥାନୀୟ ନେତା ତଥା ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ ଓ ବ୍ଲକ ସଭାପତି ବୈରାଗୀ ଜେନାଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କପ୍ରମୁଖଙ୍କ ସହିତ ଶତାଧିକ ବିଜେଡି କର୍ମୀ ତଥା ମହିଳା ପୁରୁଷ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଧାରଣାସ୍ଥଳରେ ଡେଲାଙ୍ଗ ପୋଲିସ ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ବଳରାମ ଦାସଙ୍କ ସମାଧି ପୀଠର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଗୋପ,୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ) ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ଆମ ନବୀନ ସରକାରଙ୍କ ଦାୟିତ୍ୱ। ସବୁ ସମୟରେ ମଧ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉଛି। ଗୋପ ବ୍ଲକ ବେଦପୁରସ୍ଥିତ ପଞ୍ଚସଖା ଭକ୍ତ ବଳରାମ ଦାସଙ୍କ ସମାଧି ପୀଠର ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶନିବାର ଏହା କହିଛନ୍ତି। ବିଧାକ ଦାଶ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଯୋଜନାରେ ସମାଧି ପୀଠ ଉନ୍ନତୀକରଣ ନିମନ୍ତେ ୮ ଲକ୍ଷ ଟଙ୍କା ଓ ନିକଟସ୍ଥ ବେଗୁନିଆ ଗାଁରେ ଏକ କମ୍ୟୁନିଟି ସେଣ୍ଟର ଗୃହ ନିମନ୍ତେ ୩ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ପହଞ୍ଚିବା ପରେ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ଯାଇଥିଲେ। ବିଧାୟକ ପ୍ରଥମେ ଦକ୍ଷିଣେଶ୍ୱର ଓ ବଳରାମ ଦାସଙ୍କ ସମାଧି ପୀଠ ଦର୍ଶନ କରିବା ପରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଏ ଅଞ୍ଚଳର ଆଉ କେତେକ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବେଦପୁର ପଞ୍ଚାୟତ ସଭାପତି ଅଜୟ ମିଶ୍ର, ଯୁବ ସଭାପତି ଯୋଗେନ୍ଦ୍ର ବେହେରା, ଗନ୍ଧର୍ବ ସେନାପତିଙ୍କ ସହିତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ପିପିଲି,୯।୧୨(ଦୁର୍ଗାମାଧବ ମିଶ୍ର): ଜଇଶପାଟଣା, ପାଟଣାଶୀପୁରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସମ୍ପାଦକ ସଞ୍ଜିତ୍ ମହାନ୍ତି ଆନୁଷ୍ଠାନିକ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମୋନାଲିସା ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ନହଳାପଡ଼ା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ମାନ ନିର୍ଦ୍ଧାରଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଅଶ୍ୱିନୀ ପାଣ୍ଡେଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ଚିନ୍ତାମଣି ଓଝା ଏବଂ ବିଚାରକ ପ୍ରଧାନ ଯୋଗଦେଇ ବରିଷ୍ଠ ଓ କନିଷ୍ଠ ୨ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ ମନୋନୀତ ପ୍ରକଳ୍ପଗୁଡ଼ିକ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶିତ ହେବ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

# ଅଯୋଧ୍ୟାରୁ ମହାପ୍ରଭୁଙ୍କୁ ଆସିଲା ନିମନ୍ତ୍ରଣ



ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିବା ଅବସରରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ଏବଂ ନିମନ୍ତ୍ରଣପତ୍ରକୁ ଶୋଭାଯାତ୍ରାରେ ନିଆଯାଉଛି ।

ପୁରୀ,୯।୧୨(ଅଜିତ୍ ମହାନ୍ତି)

ଆସନ୍ତା ଜାନୁୟାରୀ ୨୨ରେ ଉତ୍ତରପ୍ରଦେଶ ଅଯୋଧ୍ୟାଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ସହ ମର୍ଯ୍ୟାଦା ପୁରୁଷତ୍ତୋମ ପ୍ରଭୁ ରାମଚନ୍ଦ୍ରଙ୍କ ବିଗ୍ରହ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ପ୍ରତିଷ୍ଠା ପୂର୍ବରୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଭିନ୍ନ ପୀଠ ଓ ଦେବଦେବୀମାନଙ୍କୁ ନିମନ୍ତ୍ରଣ କରାଯାଉଛି। ଶନିବାର ଅପରାହ୍ଣରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ରକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ(ସଂଘ ଓ ବିବିଧ କ୍ଷେତ୍ର) ପକ୍ଷରୁ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ବାମଦେବ ନାୟକ ସୂଚନା ଦେଇ କହିଛନ୍ତି, ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ମହାପ୍ରଭୁଙ୍କ ନିମନ୍ତ୍ରଣ ପାଇଁ ଦିଆଯାଉଛି। ରାମ ମନ୍ଦିର ପ୍ରତିଷ୍ଠା ଦିବସରେ ମହାପ୍ରଭୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ କରାଯିବ। ମହାପ୍ରଭୁଙ୍କୁ ନିମନ୍ତ୍ରଣ କରାଯିବା ପରେ ବିଭିନ୍ନ ଗାଁ ଗଣ୍ଡା, ସହରର ଲୋକମାନଙ୍କ ନିକଟକୁ ଯାଇ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ ଦିଆଯିବ ବୋଲି କହିଛନ୍ତି। ପଣ୍ଡିତ ଶୁଭାଶିଷ ମହାପାତ୍ର କହିଛନ୍ତି, ଅଯୋଧ୍ୟାରୁ ଅକ୍ଷତ କଳସ ଆସି ପୁରୀରେ ପହଞ୍ଚି ଥିବାରୁ ବହୁତ ଖୁସି ଲାଗୁଛି। କିମ୍ବଦନ୍ତୀ ଅନୁଯାୟୀ ପ୍ରଭୁ ରଘୁନାଥଙ୍କ କୁଳ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତେଣୁ ରଘୁନାଥଙ୍କ ପକ୍ଷରୁ ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।


ପୁରୀ ରୋଟାରି କ୍ଲବ ପକ୍ଷରୁ ଅନୁଷ୍ଠିତ ଅଲ୍ ଓଡ଼ିଶା ଓପନ ଚେସ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଖେଳାଳି ।

## ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’

କାକଟପୁର,୯।୧୨(ଶୁଭଦର୍ଶନ ମିଶ୍ର): ପୁରୀ ଜିଲା କାକଟପୁର ବ୍ଲକ ଅଧୀନ ବାଙ୍ଗୁରୀ ଗାଁସ୍ଥିତ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା, ‘ନୂଆ-ଓ’ କାର୍ଯ୍ୟକ୍ରମ ମାଧ୍ୟମରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ୨୦୨୩ ବର୍ଷ ପାଇଁ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମରଜିତ୍ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ ସେନାପତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବିଜୟ ମୁଦୁଲି, ରାଜକିଶୋର ମଲ୍ଲ, କାମଦେବ ରାଉତ, ନଳିନୀପ୍ରଭା ପ୍ରଧାନ, ସରୋଜ ନାୟକ, ଭବାନୀ ଶଙ୍କର ଦାସ, ଅଶୋକ ସ୍ୱାଇଁ, ସ୍ୱାଧୀନ ଚୌଧୁରୀ, ସୁରେନ୍ଦ୍ର ମାଣିକ ପ୍ରମୁଖ ଯୋଗଦେଇଥିଲେ।

## ଶିବ ପ୍ରସାଦଙ୍କ ସ୍ମୃତିଚାରଣ ସଭା

ସାକ୍ଷୀଗୋପାଳ,୯।୧୨(ଭରତ ରାଉତ): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ପାର୍ଟିର ସତ୍ୟବାଦୀ ଆଞ୍ଚଳିକ କମିଟିର ସଭ୍ୟ ସ୍ୱର୍ଗତ ଶିବ ପ୍ରସାଦ ସାହୁଙ୍କ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ଗାଇବାଟିଆ ପାର୍ଟି ଅଫିସଠାରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ ସୁବାସ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ପାର୍ଟିର ପୁରୀ ଜିଲା ସମ୍ପାଦକ ସୁବାସ ବରାଳ ଦିବଂଗତ ସାହୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ ଶ୍ୟାମସୁନ୍ଦର ମହାପାତ୍ର, ହାଡିବନ୍ଧୁ ବେହେରା, ବାସୁଦେବ ସେଠୀ ଅଂଶଗ୍ରହଣ କରିଥିଲେ।

# ପୌର ନିର୍ବାଚନ ଦାବିକଲା ଶ୍ରୀକ୍ଷେତ୍ର ବଞ୍ଚାଅ ଅଭିଯାନ

ପୁରୀ,୯।୧୨(ଅଜିତ୍ ମହାନ୍ତି)

ପୁରୀ ପୌର ପରିଷଦର ଅପାରଗତା ଓ ସ୍ଥାଣୁତା ପାଇଁ ପୁରୀବାସୀ ଦଣ୍ଡ ଭୋଗୁଥିବା ଅଭିଯୋଗ କରୁଛନ୍ତି। ଏଭଳି ଅଭିଯୋଗ ଆଣିଛି ଶ୍ରୀକ୍ଷେତ୍ର ବଞ୍ଚାଅ ଅଭିଯାନ। ଶନିବାର ସ୍ଥାନୀୟ ସାଲବେଗ ପୀଠ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ପରିଜା, ସମ୍ପାଦକ କାଳି ପ୍ରସାଦ ନାୟକ, ଉପଦେଷ୍ଟା ରାଜେଶ ମିଶ୍ର, ପବିତ୍ର ମୋହନ ଦଳେଇ, ହରପ୍ରିୟା ପରିଡ଼ା ଏବଂ ଅବନୀ କୁମାର ଦାସ ଯୋଗଦେଇଥିଲେ। ୬ବର୍ଷ ଧରି ପୁରୀ ପୌର ପରିଷଦ ନିର୍ବାଚନ ନ ହେବା ଫଳରେ ପୁରୀ ସହରବାସୀ ସ୍ୱାୟତ୍ତ ଶାସନ ଅଧିକାର ହରାଇ ବସିଛନ୍ତି। କେତେକ ମୁଷ୍ଟିମେୟ ପ୍ରଶାସନିକ ଅଧିକାରୀ ପୁରୀ ସହରକୁ ଚଳାଉଥିବାରୁ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ଚାଲିଛି। ପୌର ପରିଷଦ ଜନସାଧାରଣଙ୍କ ଟିକସ ଟଙ୍କା ହରିଲୁଟ୍ ହେଉଛି। ସହର ସଫେଇ କାମରେ ବାହାର କମ୍ପାନୀଗୁଡିକ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି। ନିମ୍ନ ମାନର ମଶା ତେଲ, ମଶା ଧୂଆଁ, ବ୍ଲିଚିଂ ବ୍ୟବହାର ହେଉଥିବାରୁ ମଶା ମରିବା ତ’ ଦୂରର କଥା ସନ୍ଧ୍ୟା ହେବା ମାତ୍ରେ ମଶାମାନଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଘରେ, ବାହାରେ ସହର ବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ପୁରୀ ପୌର ପରିଷଦରେ ହରିଲୁଟ ହେଉଛି। ପାଣି ଜମି ଦୁର୍ଗନ୍ଧ ହେଉଛି ମାତ୍ର ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ। ସହରର ୮୦ଭାଗ ଲୋକଙ୍କ ଜଗନ୍ନାଥ ଜମି ସମସ୍ୟାର ସମାଧାନ ହୋଇପାରୁନାହିଁ। ଉଠା ଦୋକାନୀମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛି। ତେଣୁ ତୁରନ୍ତ ପୌର ପ୍ରତିନିଧି ନିର୍ବାଚନ କରାଯାଉ। ନିର୍ବାଚନ ନ କରାଗଲେ ଶ୍ରୀକ୍ଷେତ୍ର ବଞ୍ଚାଅ ଅଭିଯାନ ତରଫରୁ ଲଗାତର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ସହରର ପ୍ରତ୍ୟେକ ସାହି ଗଳି ଯାଇ ଆନ୍ଦୋଳନ କରିବ ବୋଲି ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ୬ଷ୍ଠ ବାର୍ଷିକ ସମ୍ମିଳନୀ


ସମ୍ମିଳନୀରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ଅନ୍ୟମାନେ।

ସାକ୍ଷୀଗୋପାଳ,୯।୧୨(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ୬ଷ୍ଠ ବାର୍ଷିକ ସମ୍ମିଳନୀ ସତ୍ୟବାଦୀର ସିଦ୍ଧବକୁଳ ପୀଠରେ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସମସ୍ତ ଶିଷ୍ୟ ଗୁରୁ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିବା ସହ ଗୁରୁବନ୍ଦନା ଗାନ କରିଥିଲେ। ସମ୍ମିଳନୀରେ ୪୭ ଗାୟକ, ୮୫ ବାୟକ, ୧୮୫ ପାଳିଆଙ୍କ ସମେତ ଆହୁରି ଅନେକ ପାଲା କଳାକାର ଯୋଗଦେଇଥିଲେ। ଅପରାହ୍ଣରେ ପରିଷଦ ପକ୍ଷରୁ ଏକ ସଭାର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ସତ୍ୟବାଦୀ ପାଲା ମଣ୍ଡଳକୁ ନିଜ ଲ୍ୟାଡ୍‌ରୁ ୫ ଲକ୍ଷ ଟଙ୍କା ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଅନ୍ୟତମ ଅତିଥି ଭାବେ ଗୁରୁ ସଚ୍ଚିଦାନନ୍ଦ ମହାପାତ୍ର, ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ମଦନମୋହନ ଜେନା, ଅଖଣ୍ଡ ପୁରୀ ଜିଲା ସମ୍ପାଦକ ପ୍ରମୋଦ ସାହୁ, ବରିଷ୍ଠ ଗାୟକ ପ୍ରଭାକର ବିଶ୍ୱାଳ, ପ୍ରଭାକର ମହାରଣା ଓ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାଲା କଳାକାର ଓ ସମାଜର ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସମ୍ପାଦକୀୟ ପାଠ କରିଥିଲେ। ଉତ୍ସବରେ ଗାୟକ ସମ୍ପିତ ବେହେରା, କୁମୁଦିନୀ ନାୟକ, ଜଗବନ୍ଧୁ ବିଶ୍ୱାଳ ଓ ଅନ୍ୟମାନଙ୍କ ଉଚ୍ଚକୋଟୀର ପାଲା ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା। ଦେବୀ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୨୭ରୁ ନିମାପଡ଼ା କଲେଜର ହୀରକ ଜୟନ୍ତୀ ସମାରୋହ

ନିମାପଡ଼ା,୯।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ମହାସମାରୋହରେ ପାଳିତ ହେବ। ଏହି ଅବସରରେ ଆସନ୍ତା ୧୨ ତାରିଖରେ କଲେଜର ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ ହେବ। ଏହି ସମାରୋହକୁ ସର୍ବାଙ୍ଗକରଣରେ ସଫଳ କରିବା ଲକ୍ଷ୍ୟରେ ନିମାପଡ଼ା କଲେଜ ଓ ଆଲୁମ୍ନି ଆସୋସିଏଶନ ପକ୍ଷରୁ ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ କଲେଜଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ ଦାଶ, ଡ. ରବୀନ୍ଦ୍ରନାଥ ପାଢୀ, ଆଲୁମ୍ନି ଆସୋସିଏଶନର ସଭାପତି ଶିକ୍ଷାବିତ୍ ବସନ୍ତ ମହାନ୍ତି, ସମ୍ପାଦକ ବସନ୍ତ ପାତ୍ର, ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହକୁ ସଫଳ ଓ ସାଫଲ୍ୟମଣ୍ଡିତ କରିବାକୁ ଆଲୁମ୍ନି ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସଦସ୍ୟ ଓ କଲେଜର ସମସ୍ତ କର୍ମଚାରୀ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଧାୟକ ଓ ଅତିଥିମାନେ ପରାମର୍ଶ ଦେଇଥିଲେ।



ସମନ୍ୱୟ ବୈଠକରେ ବିଧାୟକ ଓ ମଞ୍ଚାସୀନ ଅନ୍ୟ ଅତିଥିବୃନ୍ଦ।

## ମା’ ଚାଇଁମାଇଁଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଅସ୍ତରଙ୍ଗ,୯।୧୨(ପ୍ରଦୀପ୍ତ ଦୀକ୍ଷିତ): ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ଠାରେ ମା’ ଚାଇଁମାଇଁଙ୍କ ଏକ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ସମାପନ ହୋଇଛି। ନୂଆଗଡ଼ ଗ୍ରାମର ୧୦୦ରୁ ଅଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ କାକଟପୁର ନିକଟବର୍ତ୍ତୀ ପ୍ରାଚୀ ନଦୀରୁ ଜଳ କଳସ ଧରି ଏକ ଭବ୍ୟ ଶୋଭାଯାତ୍ରାରେ ନୂତନ ମନ୍ଦିର ନିକଟରେ ପହଞ୍ଚିବା ପରେ ସେଠାରେ ଘଟ ସ୍ଥାପନ ଓ ଅନ୍ୟାନ୍ୟ ପୂଜାବିଧି ସମ୍ପନ୍ନ ହୋଇଥିଲା। ଗୁରୁବାର ବିଗ୍ରହ ମହାସ୍ନାନ, ମନ୍ଦିର ସ୍ନାନ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହି ପୂଜାର୍ଚ୍ଚନାରେ ପ୍ରକାଶ ରାଉତ କର୍ତ୍ତା ହୋଇଥିଲେ ।

# କଣାସରେ ତୃତୀୟରେ ୧୪, ପଞ୍ଚମରେ ୧୪ଜଣ ମେଧାବୃତ୍ତି ପାଇଲେ

କଣାସ,୯।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଶନିବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ତୃତୀୟ ଶ୍ରେଣୀ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ର ହେଲେ ସରସ୍ୱତୀ ବିଦ୍ୟାମନ୍ଦିର ତ୍ରିଲୋଚନପୁରର ସିର୍ଦ୍ଧାଥ ସତ୍ୟସ୍ୱରୂପ ଜେନା, ଘରଛିଆ ପ୍ରାଥମିକ ବିଦ୍ୟାଳୟର ସ୍ନେହାଶିଷ ଦାସ, ସରସ୍ୱତୀ ଶିଶୁ ମନ୍ଦିର କଣାସର ସାହିଲି ରଞ୍ଜନ ବେହେରା, ବଡାସ ପି.ୟୁ.ପି.ଏସ୍‌ର ସ୍ୱେତପନ୍ନା ପ୍ରିୟଦର୍ଶିନୀ ପରିଡ଼ା, ସରସ୍ୱତୀ ଶିଶୁ ମନ୍ଦିର ଚୁପୁରିଙ୍ଗିର ରୁଦ୍ରନାରାୟଣ ଦାସ, ଆଶ୍ୱସ୍ତପାରୀ ପି.ଏସ୍‌ର ନିଲମ୍ ବେହେରା, ଏନ୍.ୟୁ.ପି.ଏସ୍‌ର ଭାଗ୍ୟଶ୍ରୀ ମିଶ୍ର ବିଶ୍ୱମ୍ବର, ଚାନ୍ଦପଡା ପି.ଏସ୍‌ର ଶୁଭଲକ୍ଷ୍ମୀ ଛୋଟରାୟ, ଶିମିଲିପାଟଣା ପି.ଏସ୍‌ର ଗୌରଭ ଜେନା, ସହନା ପି.ଏସ୍‌ର ଶୁଭ୍ରାଂଶୁ ମହାପାତ୍ର, ସରସ୍ୱତୀ ଶିଶୁ ମନ୍ଦିର ଜଙ୍କିଆ ଗଡସାହିର ପ୍ରୟାସ ନାୟକ, ଅରିଶଲ ସରସ୍ୱତୀ ଶିଶୁ ମନ୍ଦିର ବାଦୁରାବରର ଶୁଭାଗ୍ନିନୀ, ରାଧାମୋହନପୁର ସି.ପି.ଏସ୍‌ର ସ୍ୱୟଂପ୍ରଭା ସୁନ୍ଦରାୟ, ଅରବିନ୍ଦ ଶିଶୁ ବିଦ୍ୟାମନ୍ଦିର ଅତାଳ-ବଡାଲର ଶୁଭ୍ରଜିତ୍ ପଲାଇ ପ୍ରମୁଖ। ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ର ହେଲେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଦୁରାବରର ପ୍ରଜ୍ଞାନ ସାହୁ ଓ ସ୍ମୃତିପ୍ରଜ୍ଞ ପ୍ରଧାନ, ମୂଳବସନ୍ତ ପି.ଏସ୍‌ର କୁନାଲ ସ୍ୱାଇଁ, ସହନା ପି.ଏସ୍‌ର ସାଇଁ ଚିରିତ୍ ପାଇକରାୟ, ସରସ୍ୱରତୀ ଶିଶୁ ମନ୍ଦିର କଣାସର ପ୍ରତ୍ୟୁସପ୍ରିୟା ସାହୁ, ବିଶ୍ୱମ୍ବର ଏନ୍.ୟୁ.ପି.ଏସ୍‌ର ସଙ୍ଗୀତା ସାହୁ, ବିବେକାନନ୍ଦ ଏସ୍.କେ କଣାସର ଭବାନୀଶଙ୍କର ଭାରିମଲ୍ଲ, ସରସ୍ୱତୀ ଶିଶୁ ମନ୍ଦିର ତ୍ରିଲୋଚନପୁରର ପ୍ରଭାସ ପ୍ରଧାନ, ସାମନ୍ତରାପୁର ପି.ପି.ଏସ୍‌ର ଅଂଶୁମାନ ଦତ୍ତ, ବାଲିପାଟଣା ପି.ଏସ୍‌ର ସୂର୍ଯ୍ୟକାନ୍ତ ମହାପାତ୍ର, ଭାଟପଡା ପି.ଏସ୍‌ର ସାଇଁ ଅସ୍ମିତ୍ ପୁରହିତ, ତିଗିରିଆ ୟୁ.ଜି.ୟୁ.ପି.ଏସ୍‌ର ଯାଜ୍ଞସେନୀ ଚମ୍ପତି, ଭାଟପଡା ପି.ଏସ୍‌ର ସୁଧାଂଶୁ କେଶର ନାୟକ, ନୂଆପଡା ସି.ପି.ଏସ୍‌ର ଦେବପ୍ରସାଦ ପାତ୍ର।

# ଛାତ୍ରୀଛାତ୍ରଙ୍କ ଶୂନ୍ୟ ଡ୍ରପ୍ ଆଉଟ୍ ପାଇଁ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ

ସାକ୍ଷୀଗୋପାଳ,୯।୧୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକରେ ଦିନିକିଆ ପ୍ରଧାନ ଶିକ୍ଷକ ସମ୍ମିଳନୀ ସ୍ଥାନୀୟ ଗୁଆଳି ଗୋରଡ଼ା ହାଇସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକର ୨୫ ହାଇସ୍କୁଲର ପ୍ରଧାନ ଶିକ୍ଷକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଉଥିବା ଏହି ସମ୍ମିଳନୀ ଦ୍ୱାରା ବ୍ଲକର ସମସ୍ତ ହାଇସ୍କୁଲରେ ଗୁଣାତ୍ମକ ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଦେଖାଦେଉଥିବା ସମସ୍ୟା, ଶତ ପ୍ରତିଶତ ଉପସ୍ଥାନ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ସ୍କୁଲ ସ୍କୁଲ ମଧ୍ୟରେ ଶୈକ୍ଷିକ ପରିବେଶ ଉପରେ ଧ୍ୟାନ ଦିଆଯାଇଥିଲା। ପ୍ରତ୍ୟେକ କ୍ଲବ ଯଥା କୌଶଳୀ, କ୍ରୀଡ଼ାଙ୍ଗନ, ସାହିତ୍ୟସୃଜନୀ, ଜିଜ୍ଞାସା ଆଦି କ୍ଷେତ୍ରରେ ପାରଦର୍ଶିତା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ଏହି ସମ୍ମିଳନୀ ଏକ ସୁନ୍ଦର ସେତୁଭାବେ ସହାୟକ ହେଉଛି।


ଗୁଆଳି ଗୋରଡା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଦିନିକିଆ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ।

ବିଶେଷ କରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଡ୍ରପ ଆଉଟ୍ ଭଳି ସମସ୍ୟା ଯେଭଳି ଆଦୌ ସୃଷ୍ଟି ନ ହୁଏ, ସେଥିପ୍ରତି ଯତ୍ନବାନ ହେବା ସହ ଜିଲା ଓ ରାଜ୍ୟସ୍ତରରେ ସତ୍ୟବାଦୀରୁ ଆଗାମୀ ମାଟ୍ରିକ୍ ପରୀକ୍ଷାରେ ଯେଭଳି ଭଲ ରେଜଲ୍ଟ ହେବ ସେ ନେଇ ଉତ୍ତମ ଶିକ୍ଷାଦାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁଆଳି ଗୋରଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ହରିହର ମିଶ୍ର ଓ ଉକ୍ତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀରେ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ଅତିଥିଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ହାଇସ୍କୁଲର ରାଜ୍ୟ ସରକାରଙ୍କ ୫-ଟି ଦ୍ୱାରା ବିଦ୍ୟାଳୟର ଭିତ୍ତିଭୂମି ସହ ବିଜ୍ଞାନଗାର, ଇ-ଲାଇବ୍ରେରୀ ଆଦି ବୁଲି ଦେଖିଥିଲେ। ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମଠସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଶିକ୍ଷା ଅଧିକାରୀ ଓ ଅନ୍ୟ ପ୍ରଧାନ ଶିକ୍ଷକମାନେ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ।

# ଶୀତ ଆଉ ପ୍ରଦୂଷଣ



ବାୟୁରେ ଜଳୀୟବାଷ୍ପ ରହିଛି, ଯାହାର ପରିମାଣ ବାୟୁର ତାପମାତ୍ରା ଉପରେ ନିର୍ଭର କରେ। ଗରମ ବାୟୁରେ ଅଧିକ ଜଳୀୟବାଷ୍ପ ରହିପାରେ । ଯାହାକି ଶୀତଦିନେ ଥଣ୍ଡା ହେବା ଦ୍ୱାରା ଘନୀଭୂତ ହୋଇ ଛୋଟ ଛୋଟ ଜଳକଣାରେ ପରିଣତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠ ନିକଟରେ ଭାସି ବୁଲେ। ବର୍ତ୍ତମାନ ବୃଦ୍ଧି ପାଉଥିବା ଗାଡ଼ିମୋଟର, କଳ କାରଖାନା ସଂଖ୍ୟା ସାଙ୍ଗକୁ ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଫଳରେ ଧୂଆଁମିଶା ଘନକୁହୁଡ଼ି ବା ସ୍ମଗ୍ ସୃଷ୍ଟି ହେଉଛି । ଏହା ଯୋଗୁ ଡଷ୍ଟ ଆଲର୍ଜିଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ହେଲେ ଶୀତଦିନେ ବାୟୁ ପ୍ରଦୂଷଣ ଅଧିକ ଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇକ୍ସାଇଡ୍, ସଲ୍ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

> ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ ; ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଏମିତିରେ ସୁସ୍ଥ ରହିବା ଲାଗି ବିଭିନ୍ନ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିଥାଏ...







**ଗହଳିପୂର୍ଣ୍ଣ ସ୍ଥାନଠୁ ଦୂରେଇ ରୁହନ୍ତୁ:** ଶୀତଦିନେ ଅଧିକ ଗାଡ଼ିଚଳାଚଳ କରୁଥିବା ରାସ୍ତା, ଅଧିକ ଗହଳିପୂର୍ଣ୍ଣ ସ୍ଥାନ ଏବଂ କଳକାରଖାନା, ଗୃହ କିମ୍ବା ଅନ୍ୟାନ୍ୟ ନିର୍ମାଣକାର୍ଯ୍ୟ ଚାଲିଥିବା ସ୍ଥାନରେ ପ୍ରଦୂଷଣ ଅଧିକ ହୋଇଥାଏ। ତେଣୁ ଅତ୍ୟାବଶ୍ୟକ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ଏଭଳି ସ୍ଥାନକୁ ଯିବାଠୁ ଦୂରେଇ ରୁହନ୍ତୁ।

**ମାସ୍କ ପିନ୍ଧିବା ଲାଭଦାୟକ:** ଶୀତଦିନେ ପ୍ରଦୂଷଣ ଅଧିକ ଥିବାରୁ ବାହାରକୁ ଯିବା ସମୟରେ ମାସ୍କ ପିନ୍ଧିବା ଦ୍ୱାରା ଶରୀରକୁ ଦୂଷିତ ଉପାଦାନ ଯିବା କମିଯାଇଥାଏ। କେବଳ ଏତିକି ନୁହେଁ, ଅନ୍ୟମାନଙ୍କଠାରେ ଦେଖାଦେଉଥିବା କାଶ, ଛିଙ୍କର ଜୀବାଣୁ ମଧ୍ୟ ଶରୀରକୁ ଆସିପାରେ ନାହିଁ। ଫଳରେ ଶ୍ୱାସ ସମ୍ବନ୍ଧିତ ସମସ୍ୟାର ଆଶଙ୍କା କିଛିମାତ୍ରାରେ କମିଯାଏ। ତେଣୁ ବାହାରକୁ ବାହାରିବା ମାତ୍ରେ ବିଶେଷ କରି ଡଷ୍ଟ ଆଲର୍ଜି ଏବଂ ଶ୍ୱାସ ରୋଗ ଥିଲେ ଶୀତଦିନେ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ।

**ଖାଦ୍ୟପେୟ ପ୍ରତି ଦିଅନ୍ତୁ ଧ୍ୟାନ:** ଶୀତଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ଏଥିଯୋଗୁ ହେଉଥିବା ଥଣ୍ଡା, ଜ୍ୱର, କାଶ ଓ ଅନ୍ୟାନ୍ୟ ଶ୍ୱାସ ସମ୍ବନ୍ଧିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତେଲ ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏଦିନେ ସହଜରେ ହଜମ ହୁଏ ନାହିଁ। ତେଣୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ।

## ୟୁଥ୍ ଆଲର୍ଟ

# ସକାଳୁ ଚା ପିଉଥିଲେ

> ଏମିତି ଅନେକେ ଅଛନ୍ତି, ସକାଳୁ କପେ ଚା ସହିତ ଯାହାଙ୍କର ଦିନ ଆରମ୍ଭ ହୁଏ। ହେଲେ ପାଟିକୁ ସ୍ୱାଦ ଲାଗୁଥିବା ଓ ଶରୀରକୁ ଫୂର୍ତ୍ତି ଯୋଗାଉଥିବା ଏହି ଚା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ଜାଣିରଖନ୍ତୁ ସେ ସମ୍ପର୍କରେ...



- ଚା'ରେ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଆଦି ପୋଷକ ତତ୍ତ୍ୱର ପରିମାଣ ନଗଣ୍ୟ ହୋଇଥିବା ବେଳେ କ୍ଷୀର ଓ ଚିନି ଯୋଗୁଁ ଏଥିରେ କ୍ୟାଲୋରି ଓ ପୁଷ୍ଟିସାରର ପରିମାଣ ବଢ଼ିଯାଏ ଓ ମେଦବହୁଳତାର କାରଣ ସାଜିଥାଏ।
- ଚା ଓ କଫିରେ ଥାଏ କଫିନ୍, ଥିଓବ୍ରୋମିନ ଓ ଥିଓଫାଇଲିନ ନାମକ ଉପାଦାନ। ଯାହାର ଉପସ୍ଥିତି ଯୋଗୁ ଚା କି କଫି ପିଇଲେ କ୍ଲାନ୍ତିର ଅନୁଭବ ଚାଲିଯାଇ ଦେହ ସତେଜ ଲାଗେ। ମନ ସକ୍ରିୟ ହୋଇ ବଢ଼ିଯାଏ କର୍ମ ତତ୍ପରତା। କିନ୍ତୁ ଚା ରେ ଥିବା ଥିଓଫାଇଲିନ ମଳରେ ଜଳର ପରିମାଣ କମେଇ ଦେଇ କୋଷ୍ଠକାଠିନ୍ୟ ସମସ୍ୟା ବଢ଼ାଇଥାଏ। ପୁଣି କଫିନ୍ ହୃଦ୍‌ରୋଗକୁ ମଧ୍ୟ ପ୍ରୋତ୍ସାହନ ଦେଇପାରେ।
- ଚା ରେ ମାଙ୍ଗାନିଜ୍, ଲୌହ, ତମ୍ବା ଓ ଫ୍ଲୋରାଇଡ ଆଦି କମ୍ ପରିମାଣରେ ଥିବା ବେଳେ ଟାନିନ୍‌ର ପରିମାଣ ବେଶି। ଚା କୁ ବେଶି ସମୟ ନିଆଁରେ ଫୁଟେଇଲେ ଟାନିନ୍‌ର ପରିମାଣ ବଢ଼ିଯାଏ, ଯାହାକି ଶରୀରକୁ ଲୌହ ବା ଆଇରନ୍ ପହଞ୍ଚାଇବାରେ ବାଧା ଉପୁଜାଇଥାଏ। କିନ୍ତୁ ଚା କି କଫିରେ କ୍ଷୀର ପକେଇଦେଲେ କ୍ଷୀରର ପୁଷ୍ଟିସାର ଟାନିନ୍ ସହ ସଂଯୁକ୍ତ ହୋଇଯାଇ ଟାନିନ୍‌କୁ ଅକାମୀ କରିଦିଏ। କିନ୍ତୁ ଟାନିନ୍‌ରେ ରହିଛି ଅମ୍ଳୀୟ ପ୍ରଭାବ। ତେଣୁ ପାକସ୍ଥଳୀ ରୋଗ ଥିଲେ ଏହାକୁ ପିଇବା ପାଇଁ ଡାକ୍ତରମାନେ ବାରଣ କରିଥା'ନ୍ତି।
- ଚା ଓ କଫି ଅମ୍ଳୀୟ ବା ଏସିଡିକ୍ ହୋଇଥିବାରୁ ଏହାକୁ ଖାଲି ପେଟରେ ପିଇଲେ ଗ୍ୟାଷ୍ଟ୍ରାଇଟିସ୍ ସମସ୍ୟା ଦେଖାଦେଇପାରେ।
- ସକାଳେ ବେଡ୍-ଟି ପିଇଲେ ପାଟିରେ ଥିବା ଜୀବାଣୁମାନେ ଶର୍କରାକୁ ଭାଙ୍ଗି ପାଟି ଭିତରେ ଅମ୍ଳ ବା ଏସିଡ୍‌ର ପରିମାଣ ବଢେଇ ଦିଅନ୍ତି, ଯାହାକି ଦାନ୍ତର ଏନାମେଲ୍‌କୁ ଖାଇଯାଇ ଦାନ୍ତକୁ କଣା କରିଦେଇପାରେ।
- ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କି କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଯାଆନ୍ତି ଏବଂ ଉପକାରୀ ଜୀବାଣୁଗୁଡ଼ିକର କାର୍ଯ୍ୟକୁ ବ୍ୟାହତ କରିପକାନ୍ତି।



## ଏ ସପ୍ତାହର ପ୍ରଶ୍ନ

୧- ଐତିହାସିକ କଙ୍ଗଲା ପ୍ୟାଲେସ୍ .............. ରାଜ୍ୟରେ ଅବସ୍ଥିତ ?
୨- ଆଷ୍ଟ୍ରୋସ୍ୟାଟ୍ ଟେଲିସ୍କୋପ ........... ଦେଶ ପକ୍ଷରୁ ଆରମ୍ଭ କରାଯାଇଛି ?
୩- ୨୦୩୦ ୱାର୍ଲ୍ଡ ଏକ୍ସପୋ ................ ଠାରେ ଆୟୋଜିତ ହେବ ?
୪- ଫାଷ୍ଟ ଟ୍ରାକ୍ ସ୍ପେଶିଆଲ କୋର୍ଟ ସ୍କିମ୍ .......... ମସିହାରେ ଆରମ୍ଭ କରାଯାଇଛି ?
୫- 'ଏ ସ୍ୱିଟେବଲ୍ ବଏ' ପୁସ୍ତକର ଲେଖକ ................ ?

## ଗତ ସପ୍ତାହର ଉତ୍ତର

୧ ଭଦ୍ରବାହୁ
୨ ଝାଡ଼ଖଣ୍ଡର ଯଦୁଗୁଡ଼ା
୩ ସୁରଟ ସହର
୪ ସ୍ପାନିଶ୍
୫ ୧୯୩୦

## ଉତ୍ତରଦାତା


ସସ୍ମିତା ଚୌଧୁରୀ, ଭୁବନେଶ୍ୱର


ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ଲାଇଟ୍ ହାଉସ



୧- ଜେଦାହ୍ ଲାଇଟ୍ ହାଉସ୍.................. ୪୩୬ ଫୁଟ୍
୨- ପେରି ମେମୋରିଆଲ ମନୁମେଣ୍ଟ.................. ୩୫୨ ଫୁଟ୍
୩- ୟୋକୋହାମା ମରାଇନ୍ ଟାୱାର୍ .................. ୩୪୮ ଫୁଟ୍
୪- ପାଲାସିଓ ବାରୋଲୋ .................. ୩୨୮ ଫୁଟ୍
୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି .................. ୩୦୫ ଫୁଟ୍
୬- ଦି ଇଲେ ଭିର୍ଗ ଲାଇଟ୍‌ହାଉସ୍ .................. ୨୭୧ ଫୁଟ୍
୭- ଦି ଲାଇଟ୍ ହାଉସ୍ ଅଫ୍ ଜେନୋଆ .................. ୨୪୯ ଫୁଟ୍
୮- ଫେୟାର୍ ଡେ ଗାଟେଭିଲ୍ଲେ .................. ୨୪୭ ଫୁଟ୍
୯- ଲେସ୍‌ନଏ ମୋଲ୍ ରିଅର୍ ରେଞ୍ଜ ଲାଇଟ୍ .................. ୨୩୯ ଫୁଟ୍
୧୦- ମୁଲାଣ୍ଟୌ ଲାଇଟ୍‌ହାଉସ୍ .................. ୨୩୭ ଫୁଟ୍

## ଜାଣନ୍ତୁ ଦୁନିଆ

# ଇଂଲଣ୍ଡ

> ଦିନ ଥିଲା ସମଗ୍ର ପୃଥିବୀର ପ୍ରାୟ ୫୮ଟି ଦେଶରେ ନିଜର ଆଧିପତ୍ୟ ଜମାଇ ରାଜୁତି କରୁଥିଲା ଇଂଲଣ୍ଡ, ଯେଉଁଥିପାଇଁ ତାହା ଥିଲା ସବୁଠାରୁ ଶକ୍ତିଶାଳୀ ଦେଶ....

- ଇଂଲଣ୍ଡରେ ବର୍ତ୍ତମାନ ସୁଦ୍ଧା ରାଜତନ୍ତ୍ରର ପ୍ରଚଳନ ରହିଛି।
- ଏଠାରେ ଆପଣ ଅନେକ ସ୍ଥାନରେ ସୁନ୍ଦର ସୁନ୍ଦର ପ୍ରାସାଦ ଦେଖିପାରିବେ, ଯାହା ମଧ୍ୟରୁ ଇଂଲଣ୍ଡ ରାଜପ୍ରାସାଦ ବା ବକିଂହାମ ପ୍ୟାଲେସ୍ ସବୁଠୁ ଆକର୍ଷଣୀୟ।
- ୧୮୧୧ ମସିହା ପର୍ଯ୍ୟନ୍ତ ଏହି ଦେଶର ପ୍ରାୟ ୨୫ ପ୍ରତିଶତ ମହିଳାଙ୍କ ନାମ ମରିୟମ ଥିଲା।
- ଯଦିଓ ଇଂଲଣ୍ଡର ଜାତୀୟ ଭାଷା ଇଂଲିଶ୍, ହେଲେ ସେଠାରେ କେବଳ ଏହି ଭାଷା ନୁହେଁ ବରଂ ଅନ୍ୟ ପ୍ରାୟ ୩୦୦ ପ୍ରକାରର କଥିତ ଭାଷା ରହିଛି।
- ବ୍ରିଟେନ୍ ରାଣୀ ଏଲିଜାବେଥ୍-୨ଙ୍କ ପାଖରେ ପାସ୍‌ପୋର୍ଟ ନ ଥିଲେ ସୁଦ୍ଧା ସେ ୧୧୬ଟି ଦେଶକୁ ଯାତ୍ରା କରିଥିଲେ।
- ଇଂଲଣ୍ଡର ସବୁଠୁ ପ୍ରସିଦ୍ଧ ସହର ହେଉଛି ଏହାର ରାଜଧାନୀ ଲଣ୍ଡନ, ଯାହାର ପୁରୁଣା ନାମ ଲଣ୍ଡନିୟମ ଏବଂ ଲୁଡେନ୍‌ବର୍ଗ ମଧ୍ୟ ଥିଲା।
- ବିଶ୍ୱ ପ୍ରସିଦ୍ଧ ଲଣ୍ଡନ ବ୍ରିଜ୍ ବର୍ତ୍ତମାନ ଲଣ୍ଡନରେ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। କାରଣ ୧୯୭୦ ମସିହାରେ ଏହାକୁ ଆମେରିକାର ଆରିଜୋନାକୁ ଏହି ବ୍ରିଜ୍ ସ୍ଥାନାନ୍ତରିତ କରାଯାଇଛି।
- ଏହି ଦେଶ କେବଳ ଅକ୍ସଫୋର୍ଡ, କେମ୍ବ୍ରିଜ୍ ଭଳି ବିଶ୍ୱର ବଡ଼ ୟୁନିଭର୍ସିଟି ଥିବା ଯୋଗୁ ପ୍ରସିଦ୍ଧ ନୁହେଁ, ବରଂ ଚାର୍ଲ୍ସ ଡାରଉ୍ଇନ୍, ସାର୍ ଆଇଜାକ୍ ନ୍ୟୁଟନ୍, ଷ୍ଟିଫେନ୍ ହକିଙ୍ଗ୍‌ଙ୍କ ଭଳି ବୈଜ୍ଞାନିକ ମଧ୍ୟ ଏଠାରେ ଜନ୍ମ ଗ୍ରହଣ କରିଥିଲେ।
- ଏହି ଦେଶରେ ଏଡର ନାମକ ମାତ୍ର ଗୋଟିଏ ପ୍ରଜାତିର ସାପ ଦେଖିବାକୁ ମିଳେ, ଯାହାକି ଖୁବ୍ ବିଷାକ୍ତ।
- ଏହି ଦେଶରେ ମଣିଷ ସଂଖ୍ୟାଠାରୁ କୁକୁଡ଼ା ସଂଖ୍ୟା ଅଧିକ।



## ସଂକ୍ଷେପରେ

### ବିଏସ୍‌ପିରୁ ଡାନିଶ୍ ଅଲି ନିଲମ୍ବିତ



**ଲକ୍ଷ୍ନୌ,୯।୧୨:** ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଆମ୍ରୋହା ଏମ୍‌ପି ଡାନିଶ୍ ଅଲିଙ୍କୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ନିଲମ୍ବନ କରିଛି। ଡାନିଶ୍‌ଙ୍କୁ ତୁରନ୍ତ ନିଲମ୍ବନ କରାଯାଇଥିବା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ରା ଜାରି କରିଥିବା ପତ୍ରରେ କୁହାଯାଇଛି। ଲୋକ ସଭାରେ ଭାଜପା ଏମ୍‌ପି ରମେଶ ବିଧୁରୀ ଆମ୍ରୋହା ଏମ୍‌ପିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଦକ୍ଷିଣ ଦିଲ୍ଲୀ ଏମ୍‌ପିଙ୍କୁ ଉତ୍ତେଜିତ କରିବା ପାଇଁ ଡାନିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କେତେକ ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ ବୋଲି କେତେଜଣ ଭାଜପା ଏମ୍‌ପି ଅଭିଯୋଗ କରିଥିଲେ।

### ଆଇଏସ୍ ସହ ସମ୍ପୃକ୍ତ ୧୫ ଗିରଫ

#### ମହାରାଷ୍ଟ୍ର, କର୍ଣ୍ଣାଟକର ୪୪ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ଲକ୍ଷ୍ନୌ,୯।୧୨:** ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମହାରାଷ୍ଟ୍ର ଓ କର୍ଣ୍ଣାଟକର ୪୪ଟି ସ୍ଥାନରେ ଚଢ଼ାଉ କରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ୧୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଆଇଏସ୍ ମୁଡ୍ୟୁଲ୍‌ର ଜଣେ ନେତା ରହିଛନ୍ତି, ଯିଏ ଆଇଏସ୍ ସଂଗଠନରେ ନବନିଯୁକ୍ତମାନଙ୍କୁ ଶପଥ ପାଠ କରାଉଥିଲେ ବୋଲି ଏନ୍‌ଆଇଏର ଜଣେ ମୁଖପାତ୍ର କହିଛନ୍ତି। ମହାରାଷ୍ଟ୍ରର ପଦ୍‌ଘା-ବୋରିଭାଲି, ଠାଣେ, ମୀରା ରୋଡ, ପୁଣେ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁର ୪୪ଟି ସ୍ଥାନରେ ଏନ୍‌ଆଇଏର ଅନେକ ଟିମ୍ ଏକସଙ୍ଗେ ଚଢ଼ାଉ କରିଥିଲେ। ଆତଙ୍କବାଦ ଏବଂ ଆତଙ୍କବାଦ ସହ ସମ୍ପୃକ୍ତ କାର୍ଯ୍ୟକୁ ବଢ଼ାଇବା ଅଭିଯୋଗରେ ୧୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

---

ଜଳବାୟୁ ମୁକାବିଲା

# ବିକଶିତ ଦେଶ ନେତୃତ୍ୱ ନିଅନ୍ତୁ

## କପ୍‌୨୮ରେ ମତ ରଖିଲା ଭାରତ

**ଦୁବାଇ,୯।୧୨**

ଭାଗୀଦାରିତା ଏବଂ ଜଳବାୟୁ ନ୍ୟାୟ ଜଳବାୟୁ କ୍ରିୟାନୁଷ୍ଠାନର ଆଧାର ହେବା ଜରୁରୀ ବୋଲି ଭାରତର ଦୃଢ଼ବିଶ୍ୱାସ ରହିଛି। ବିକଶିତ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ନେତୃତ୍ୱ ନେଲେ ହିଁ ତାହା ସୁନିଶ୍ଚିତ ହୋଇପାରିବ ବୋଲି ଦୁବାଇରେ ଅନୁଷ୍ଠିତ ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍‌୨୮ରେ ଶନିବାର ଉଦ୍‌ବୋଧନ ଦେଇ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଏହି ସମ୍ମିଟ୍‌ର ଉଚ୍ଚସ୍ତରୀୟ ବୈଠକରେ ଦେଶର ଜାତୀୟ ବିବୃତି ଉପସ୍ଥାପନ କରି ଯାଦବ କହିଥିଲେ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ଭାରତର ଯଥେଷ୍ଟ ଅବଦାନ ରହିଛି। ୨୦୦୫ରୁ ୨୦୧୯ ମଧ୍ୟରେ ନୂଆଦିଲ୍ଲୀ ଏହାର ଜିଡିପି ଉତ୍ସର୍ଜନ ସାନ୍ଦ୍ରତାକୁ ୩୩ ପ୍ରତିଶତ ହ୍ରାସ କରି, ୧୧ ବର୍ଷ ଆଗୁଆ ସଫଳତା ହାସଲ କରିପାରିଛି। ବର୍ଦ୍ଧିତ ଜଳବାୟୁ କ୍ରିୟାନୁଷ୍ଠାନ ନିଷ୍ପତ୍ତିରେ ଅର୍ଥପୂର୍ଣ୍ଣ ଏବଂ ଉପଯୁକ୍ତ ତଥ୍ୟ ପ୍ରଦାନ ପାଇଁ ଭାରତ ଗ୍ଲୋବାଲ ଷ୍ଟକ୍‌ଟେକ୍ (ଜିଏସ୍‌ଟି) ଫଳାଫଳକୁ ଅପେକ୍ଷା କରିଛି। ଜିଏସ୍‌ଟି ହେଉଛି ପ୍ୟାରିସ୍ ଚୁକ୍ତିନାମା ଲକ୍ଷ୍ୟ ହାସଲ ଲାଗି ସାମୂହିକ ବୈଶ୍ୱିକ ଉଦ୍ୟମର ୨ ବର୍ଷୀୟ ସମୀକ୍ଷା। ପ୍ୟାରିସ୍ ଚୁକ୍ତିନାମାରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଥିଲା। ଯୁବବର୍ଗପରିବର୍ତ୍ତନରଏଜେଣ୍ଡାହୋଇଥିବାରୁ ଜଳବାୟୁ ସଙ୍କଟ ସମାଧାନରେ ସେମାନଙ୍କୁ ମୁଖ୍ୟ ଭୂମିକାକୁ ଆଣିବା ଲାଗି ଯାଦବ ସଦସ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। କପ୍‌୨୮ରେ ୟୁନିସେଫ୍ ସହାୟତାରେ ଭାରତ ଗ୍ରୀନ୍ ରାଇଜିଂ ଗ୍ଲୋବାଲ ଇନିସିଏଟିଭ୍ ଆରମ୍ଭ କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଦେଶଗୁଡ଼ିକର ମହତ୍ତ୍ୱାକାଂକ୍ଷୀ ଜାତୀୟ କାର୍ଯ୍ୟଯୋଜନାରେ ଏହି ଉପକ୍ରମ ଅନ୍ୟୂନ ୧୦ ନିୟୁତ ପିଲାଙ୍କ ପାଇଁ ମାର୍ଗ ସୃଷ୍ଟି କରିବ ବୋଲି ଯାଦବ କହିଛନ୍ତି।

ଜାତିସଂଘ ଜଳବାୟୁ ଆଲୋଚନା ବିଶେଷ କରି ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ଆଡ଼କୁ ଯାଉଥିବାରୁ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଆତଙ୍କିତ ହୋଇପଡ଼ିଥିବା କେତେଜଣ ବୁଝାମଣାକାରୀ ପର୍ଯ୍ୟବେକ୍ଷକ କହିଛନ୍ତି। ଜଳବାୟୁ ଚୁକ୍ତିନାମାରେ ଜୀବାଶ୍ମ ଇନ୍ଧନ ଫେଜ୍ ଆଉଟ୍ କିମ୍ବା ଫେଜ୍ ଡାଉନ୍ ଭଳି ଶବ୍ଦକୁ ବିରୋଧ କରିବା ପାଇଁ ତୈଳ ଉତ୍ପାଦକ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପେଟ୍ରୋଲିୟମ ରପ୍ତାନିକାରୀ ରାଷ୍ଟ୍ର ସଂଘ (ଓପିଇସି) ନେତା କହିଥିବା ଏକ ପତ୍ରରୁ ଜଣାପଡ଼ିଛି। ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ଯଥେଷ୍ଟ କମ୍ ହୋଇଥିବାରୁ ଏହାକୁ ଉତ୍ସର୍ଜନକାରୀ ରାଷ୍ଟ୍ର ଚାଇନା ଏବଂ ଆମେରିକା ସହ ଏକାଠି ନେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶନିବାର ୟୁରୋପ ପାର୍ଲାମେଣ୍ଟର ବରିଷ୍ଠ ସଦସ୍ୟ ପିଟର ଲିଜ୍ କହିଛନ୍ତି। ୟୁଏଇ, ଚାଇନା ଓ ଆମେରିକାର ମୁଣ୍ଡପିଛା ଉତ୍ସର୍ଜନ ଭାରତଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ ସମସ୍ତେ ସ୍ୱୀକାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସାରା ବିଶ୍ୱରେ ହାରାହାରି ଅଙ୍ଗାରକାମ୍ଳ ଉତ୍ସର୍ଜନ ୪.୭ ଟନ୍ ରହିଥିବାବେଳେ ଆମେରିକାରେ ମୁଣ୍ଡ ପିଛା ଉତ୍ସର୍ଜନ ୧୪.୯ ଟନ୍, ରୁଷିଆରେ ୧୧.୪ ଟନ୍, ଚାଇନା ୮ ଟନ୍, ଜାପାନ ୮.୫ ଟନ୍, ୟୁରୋପୀୟ ୟୁନିୟନରେ ୬.୨ ଟନ୍ ରହିଛି। ଅନ୍ୟପକ୍ଷରେ ଭାରତରେ ମୁଣ୍ଡ ପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ୨ ଟନ୍‌ରୁ କମ୍ ରହିଛି।



କପ୍‌୨୮ ସମ୍ମିଳନୀରେ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟମାନେ।

---

### 'କାର୍‌ଗିଲକୁ ବିରୋଧ କରିବାରୁ ବିଦା ହୋଇଥିଲି'



ନୱାଜ ଶରିଫ

**ଲାହୋର,୯।୧୨(ପି.ଟି.)**

୧୯୯୯ରେ ପାକିସ୍ତାନର ତତ୍କାଳୀନ ସେନା ମୁଖ୍ୟ ଜେନେରାଲ ପର୍ଭେଜ ମୁଶରଫଙ୍କ କାର୍‌ଗିଲ ଆକ୍ରମଣ ଯୋଜନାକୁ ବିରୋଧ କରିବାରୁ ସରକାରରୁ ବହିଷ୍କୃତ ହୋଇଥିଲେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଶନିବାର କହିଛନ୍ତି। ନୱାଜ ଭାରତ ସମେତ ପଡୋଶୀ ଦେଶଗୁଡ଼ିକ ସହ ଉତ୍ତମ ସମ୍ପର୍କକୁ ଗୁରୁତ୍ୱ ଦେଉଥିଲେ। ଆଗାମୀ ନିର୍ବାଚନ ଲାଗି ଦଳୀୟ ଟିକେଟ ଆଶାୟୀମାନଙ୍କ ସହ ଆଲୋଚନା ବେଳେ ନୱାଜ ଏହା କହିଛନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ନେତା ନୱାଜ ଶରିଫ୍ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ପ୍ରତିଥର ତାଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କ୍ଷମତାରୁ ହଟାଇ ଦିଆଯାଇଥିଲା।

---



ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରର ପ୍ରାଣପ୍ରତିଷ୍ଠା ଜାନୁୟାରୀ ୨୨ରେ ହେବାକୁ ଥିବାବେଳେ ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଏହି ଅବସରରେ ମନ୍ଦିର ଗର୍ଭଗୃହର ପ୍ରଥମ ଫଟୋ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଅନ୍ତର୍ଜାତୀୟ ଅଧ୍ୟକ୍ଷ ତଥା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ମହାସଚିବ ଚମ୍ପତ ରାୟ ଶେୟାର କରିଛନ୍ତି।

---

### ୯ ଜଣଙ୍କ ନାଁରେ ସିବିଆଇ ଚାର୍ଜଶିଟ୍

#### ମଣିପୁର ନାଗା ମହିଳା ହତ୍ୟା ମାମଲା

**ନୂଆଦିଲ୍ଲୀ,୯।୧୨(ପି.ଟି.)**

ମଣିପୁରରେ ଜାତିଆଣ ହିଂସା ଚାଲିଥିବାବେଳେ ଜୁଲାଇ ୧୫ରେ କେଇବ ଗ୍ରାମରେ ଜଣେ ୫୫ ବର୍ଷୀୟ ନାଗା ମହିଳାଙ୍କୁ ଉଗ୍ରବାଦୀ ଲୋକେ ହତ୍ୟା କରିଥିଲେ। ଏହି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ୯ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଗୁଆହାଟୀର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଏର ଏହି ଚାର୍ଜଶିଟ୍‌ରେ ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି। ପୂର୍ବରୁ ଇମ୍ଫାଲ ଇଷ୍ଟର ଲାମଲାଇ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମଣିପୁର ସରକାରଙ୍କ ଅନୁରୋଧ କ୍ରମେ ଏହାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୋଗ ଅନୁଯାୟୀ ଜୁଲାଇ ୧୫ ଅପରାହ୍ନ ୧୨ଟା ୧୦ରେ ସଶସ୍ତ୍ର ଦୁର୍ବୃତ୍ତଙ୍କ ସମେତ ପ୍ରାୟ ୧୦୦ ଜଣ ସାୱମବଙ୍ଗ୍ ଗେଟ୍‌ଠାରେ ମହିଳାଙ୍କୁ ଅଟକ ରଖିବା ପରେ ଏକ କାର୍‌ରେ କେଇବି ଗ୍ରାମକୁ ଜବରଦସ୍ତ ନେଇଯାଇଥିଲେ। ସେହିଦିନ ମହିଳାଙ୍କ ମୃତଦେହ ଉକ୍ତ ଗ୍ରାମରୁ ମିଳିଥିଲା।

### ଭାଜପାକୁ ଭୋଟ ଦେବାରୁ ମୁସଲମାନ ମହିଳାଙ୍କୁ ମାଡ଼

**ଭୋପାଳ,୯।୧୨**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଭାଜପାକୁ ଭୋଟ ଦେଇଥିବାରୁ ଜଣେ ମୁସଲମାନ ମହିଳାଙ୍କୁ ତାଙ୍କର ପରିବାର ଲୋକେ ମାଡ଼ ମାରିଛନ୍ତି। ସାମିନା ବି ନାମ୍ନୀ ଉକ୍ତ ମହିଳା ଶନିବାର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ତାଙ୍କ ବାସଭବନରେ ଭେଟି ସେ ଓ ତାଙ୍କ ଦୁଇ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାମିନାଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଶିବରାଜ ପ୍ରତିଶ୍ରୁତି ଦେଇଛନ୍ତି।

---

### ଆକବରୁଦ୍ଦିନ ଅସ୍ଥାୟୀ ତେଲଙ୍ଗାନା ବାଚସ୍ପତି

#### ଭାଜପା ବିଧାୟକଙ୍କ ବର୍ଜନ

**ହାଇଦ୍ରାବାଦ,୯।୧୨**



ଏଆଇଏମ୍‌ଆଇଏମ୍‌ର ନବନିର୍ବାଚିତ ବିଧାୟକ ଆକବରୁଦ୍ଦିନ ଓୱାଇସିଙ୍କୁ ତେଲଙ୍ଗାନା ବିଧାନସଭାର ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରାଯାଇଥିବାବେଳେ, ଏହାକୁ ବିରୋଧ କରି ଭାଜପା ବିଧାୟକମାନେ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛନ୍ତି। ଅସ୍ଥାୟୀ ବାଚସ୍ପତି ନୂଆ ବିଧାୟକମାନଙ୍କୁ ଶପଥ ପାଠ କରାଇଥାନ୍ତି। ବଞ୍ଚିଥିବା ପର୍ଯ୍ୟନ୍ତ ହିନ୍ଦୁ ବିରୋଧୀ ଏଆଇଏମ୍‌ଆଇଏମ୍ ନେତାଙ୍କ ଆଗରେ କଦାପି ଶପଥ ନେବେ ନାହିଁ ବୋଲି ଭାଜପା ବିଧାୟକ ଟି. ରାଜା ସିଂ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପୂର୍ଣ୍ଣକାଳୀନ ବାଚସ୍ପତି ନିଯୁକ୍ତ ହେବା ପରେ ସେ ଶପଥ ନେବେ ବୋଲି ଜଣାଇଛନ୍ତି। ସଦ୍ୟସମାପ୍ତ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଭାଜପା ୮ ଆସନରେ ଜିତିଛି। ଜଣେ ବରିଷ୍ଠ ବିଧାୟକଙ୍କୁ ଅସ୍ଥାୟୀ ବାଚସ୍ପତି କରାଯିବା ପରିବର୍ତ୍ତେ ଓୱାଇସିଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ଭାଜପା ବିରୋଧ କରୁଥିବା ଦଳର ରାଜ୍ୟ ସଭାପତି ଜି. କିଶନ ରେଡ୍ଡୀ କହିଛନ୍ତି।

### ହମାସ୍‌କୁ ନେଇ ପ୍ରଶ୍ନ

#### ସ୍ୱାକ୍ଷରିତ ଉତ୍ତର ଦେଇ ନ ଥିବା କହିଲେ ମନ୍ତ୍ରୀ

**ନୂଆଦିଲ୍ଲୀ,୯।୧୨**

ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ସମ୍ପର୍କିତ ପ୍ରଶ୍ନ ଉପରେ କୌଣସି ଉତ୍ତରରେ ସ୍ୱାକ୍ଷର କରି ନ ଥିବା କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଶନିବାର ସ୍ପଷ୍ଟ କରିଦେଇଛନ୍ତି। ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ନେଇ ଏକ ଅଣତାରକା ପ୍ରଶ୍ନର ତଥାକଥିତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଖବରକୁ ନେଇ ମୀନାକ୍ଷୀ ଉପରୋକ୍ତ ସ୍ପଷ୍ଟୀକରଣ ରଖିଛନ୍ତି।

### ଯୁଦ୍ଧବିରତି ପ୍ରସ୍ତାବ ଉପରେ ଆମେରିକାର ଭିଟୋ

**ଜାତିସଂଘ,୯।୧୨(ପି.ଟି.)**

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ମାନବୀୟତା ଦୃଷ୍ଟିକୋଣରୁ ତୁରନ୍ତ ଅସ୍ତ୍ରବିରତି ଦାବିକରି ଏବଂ ହମାସ୍ ଆତଙ୍କବାଦୀ ପଣବନ୍ଦୀ କରି ରଖିଥିବା ଲୋକଙ୍କୁ ନିଃସର୍ତ୍ତ ଛାଡ଼ିଦେବାକୁ ଆହ୍ୱାନ ଦେଇ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଚିଠା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ୟୁନାଇଟେଡ୍ ଆରବ ଏମିରେଟ୍ସ ପକ୍ଷରୁ ଏହି ପ୍ରସ୍ତାବ ଅଣାଯାଇଥିବାବେଳେ ୯୦ରୁ ଅଧିକ ସଦସ୍ୟ ରାଷ୍ଟ୍ରଙ୍କର ସମର୍ଥନ ରହିଥିଲା। ଶୁକ୍ରବାର ଏହା ଉପରେ ଭୋଟ ପାଇଁ ୧୫ ରାଷ୍ଟ୍ର କାଉନ୍‌ସିଲ ଏକାଠି ହୋଇଥିଲେ। କାଉନ୍‌ସିଲ୍‌ର ୧୩ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ବ୍ରିଟେନ୍ ଭୋଟଦାନରୁ ଅନୁପସ୍ଥିତ ରହିଥିଲା ବେଳେ ଆମେରିକା ଭିଟୋ ପ୍ରୟୋଗ କରିଥିଲା।



ଇସ୍ରାଏଲ୍ ସେନା ବୋମାମାଡ଼ରେ ଧ୍ୱଂସପ୍ରାପ୍ତ ଏକ ଘରୁ ଜଣେ ବ୍ୟକ୍ତି ଆସବାବପତ୍ର ନେଉଛନ୍ତି।

---

ଫୁରସତ୍

## ସମସ୍ତଙ୍କ ପାଇଁ ସମାନତା, ନ୍ୟାୟ ଅପରିହାର୍ଯ୍ୟ

#### ଅନ୍ତର୍ଜାତୀୟ ମାନବାଧିକାର ଦିବସ



**ମ**ଣିଷ ସମାଜରେ ସଭିଏଁ ଏକ ଏବଂ ଅଭିନ୍ନ। ସମସ୍ତେ ସମାନ ଅଧିକାର ସହ ବଞ୍ଚିବା ଅପରିହାର୍ଯ୍ୟ। ପୃଥିବୀରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ସମାନତା ବଜାୟ ରହିବା ଅପରିହାର୍ଯ୍ୟ। ଏହାଦ୍ୱାରା ବିକାଶଧାରା ଅବ୍ୟାହତ ରହିବା ସହ ପୃଥିବୀ ଏକ ବୃହତ ପରିବାର ବୋଲି ଧାରଣା ସୃଷ୍ଟି ହୋଇଥାଏ। ବିଶ୍ୱ ଭ୍ରାତୃତ୍ୱକୁ ଆଗେଇ ନେବାକୁ ପ୍ରତିବର୍ଷ ଡିସେମ୍ବର ୧୦ରେ ଅନ୍ତର୍ଜାତୀୟସ୍ତରରେ ମାନବାଧିକାର ଦିବସ ପାଳନ କରାଯାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବ ଅଧିକାରର ଗୁରୁତ୍ୱକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରାଥମିକତା ଦିଆଯାଇଥିଲା।

୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ମହାସଭାରେ ମାନବିକ ଅଧିକାର ଘୋଷଣାନାମା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ମାନବିକ ଅଧିକାର ଦିବସର ଆନୁଷ୍ଠାନିକ ପ୍ରତିଷ୍ଠା ୪ ଡିସେମ୍ବର ୧୯୫୦ରେ ସାଧାରଣ ସଭାର ୩୧୭ ତମ ବୈଠକରେ ହୋଇଥିଲା। ବିଧିବଦ୍ଧ ଭାବେ ୧୯୫୦ ଡିସେମ୍ବର ୧୦ଠାରୁ ଏହାର ପାଳନ ଆରମ୍ଭ ହୋଇଥିଲା। କାହାର ସ୍ୱାର୍ଥରେ ଉଲ୍ଲଂଘନ ହେଲେ ମିଳିତ ଜାତିସଂଘ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏହି ଦିବସର ପାଳନ ମାନବିକ ଅଧିକାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶ୍ୱର ବୃହତ ପରିବାର ମଧ୍ୟରେ ସମସ୍ତଙ୍କର ସ୍ୱାର୍ଥ ସୁରକ୍ଷା ହିଁ ଏକମାତ୍ର ଲକ୍ଷ୍ୟ ବୋଲି ମାନବାଧିକାର ଦିବସ ସୂଚିତ କରିଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କ୍ଷେତ୍ରରେ ଯେପରି ସଭିଙ୍କୁ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଯିବ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।

ସରଳ ଶବ୍ଦରେ, ମାନବ ଅଧିକାର ଏପରି ଅଧିକାରକୁ ସୂଚିତ କରେ ଯାହା ଜାତି, ଲିଙ୍ଗ, ଜାତୀୟତା, ଧର୍ମ କିମ୍ବା ଅନ୍ୟ କୌଣସି ଆଧାରରେ ଭେଦଭାବ କରି ନ ଥାଏ। ମାନବ ଅଧିକାର ମୁଖ୍ୟତଃ ଜୀବନ ଏବଂ ସ୍ୱାଧୀନତାର ଅଧିକାର, ଦାସତ୍ୱ ତଥା ନିର୍ଯାତନାରୁ ମୁକ୍ତି, ଅଭିବ୍ୟକ୍ତିର ସ୍ୱାଧୀନତା ଅଧିକାର ଏବଂ କାର୍ଯ୍ୟ ତଥା ଶିକ୍ଷାକୁ ଅନ୍ତର୍ଭୁକ୍ତ କରେ। ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସମସ୍ତଲୋକ ମୁକ୍ତ ଏବଂ ସମାନ, ଅର୍ଥାତ ସମସ୍ତମାନବଙ୍କର ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସ୍ୱାଧୀନତା ତଥା ସମାନତା ରହିଛି। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ସମସ୍ତଙ୍କ ପାଇଁ ସ୍ୱାଧୀନତା ସମାନତା ଏବଂ ନ୍ୟାୟ।

### ଥୋମାସ୍ ସଡ଼କରେ ଫ୍ୟାଶନ ଶୋ'



**ଲଣ୍ଡନ:** ସାଧାରଣତଃ ଫ୍ୟାଶନ ଶୋ' ବନ୍ଦ ଘର ଭିତରେ ଆୟୋଜିତ ହୋଇଥାଏ। ଯେଉଁଠାରେ ପ୍ରସିଦ୍ଧ ଡିଜାଇନରଙ୍କ ସହ ଅନେକ ବଡ଼ ବଡ଼ ଲୋକ ଉପସ୍ଥିତ ଥାନ୍ତି। ହେଲେ ନିକଟରେ ଇଂଲଣ୍ଡର ମାଞ୍ଚେଷ୍ଟରର ଥୋମାସ ସଡ଼କରେ ଏକ ଫ୍ୟାଶନ ଶୋ' ଦେଖିବାକୁ ମିଳିଛି। ଯେଉଁଠାରେ ଅନେକ ତାରକା କ୍ୟାଟୱାକ୍ କରୁଥିବା ନଜରକୁ ଆସିଛି। ସେପ୍ଟେମ୍ବରରେ ହୋଇଥିବା ଏହି ଫ୍ୟାଶନ ଶୋ'ର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ବହୁତ ସୁନ୍ଦର ମଡେଲ କ୍ୟାଟୱାକ୍ କରୁଛନ୍ତି। ଡିଜାଇନର ଏଲେନା ୱେଲେଜ୍ ତାଙ୍କ ସ୍ପ୍ରିଙ୍ଗ୍ ୨୦୨୪ କଲେକ୍ସନକୁ ପ୍ରଦର୍ଶିତ କରିବାକୁ ଏପରି ଉପାୟ ଆପଣେଇଥିଲେ। ଏହି ଫ୍ୟାଶନ ଶୋ' ସେଠାରେ ବହୁ ଚର୍ଚ୍ଚାକୁ ଆସିଥିଲା। ଫ୍ରାନ୍ସିସି ଲକ୍ସୁରୀ ବ୍ରାଣ୍ଡ୍ ଚୈନେଲ ମାଞ୍ଚେଷ୍ଟରର ସଡ଼କରେ ଏହି ଫ୍ୟାଶନ ଶୋ'ର ଆୟୋଜନ କରିଥିଲା। ଏଥିରେ ଅଭିନେତ୍ରୀ କ୍ରିଷ୍ଟେନ ଷ୍ଟିୱାର୍ଟ, ହ୍ୟୁଗ୍ ଗ୍ରାଣ୍ଟ, ଏବେରଷ୍ଟେନ୍, ଲକି ବଏନଟନ ଏବଂ ଟିଲ୍‌ଡା ସ୍ୱିନଟନଙ୍କ ସହିତ ନିର୍ଦ୍ଦେଶକ ସୋଫିଆ କୋପୋଲା ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ସହ ଅନେକ ମଡେଲ ସେହି ସଡ଼କରେ କ୍ୟାଟୱାକ୍ କରିଥିଲେ। ଶୋ' ସମୟରେ ବର୍ଷାରୁ ସୁରକ୍ଷା ପାଇଁ ଉପରେ ଏକ ବଡ଼ ପାଲର ବ୍ୟବସ୍ଥା କରାଯାଇଥିଲା।

### 'ବ୍ରହ୍ମାସ୍ତ୍ର ୨'ରେ ରଣବୀରଙ୍କ ଏଣ୍ଟ୍ରି



**ମୁମ୍ବାଇ:** ରଣବୀର କପୁରଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର' ଗତବର୍ଷ ରିଲିଜ୍ ହୋଇଥିଲା। ଯାହା ବକ୍ସ ଅଫିସରେ ବହୁତ କଲେକ୍ସନ କରିବା ସହ ସିନେମାକୁ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିଲା। ଆର୍ଯ୍ୟନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଆଲିଆ ଭଟ୍ଟ, ଅମିତାଭ ବଚ୍ଚନ, ଶାହରୁଖ୍ ଖାନ୍, ଦୀପିକା ପାଦୁକୋନ, ମୌନି ରୟଙ୍କ ଭଳି ଅନେକ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଫିଲ୍ମର ଦ୍ୱିତୀୟ ଭାଗ ଅର୍ଥାତ୍ 'ବ୍ରହ୍ମାସ୍ତ୍ର ୨' ପୁଣି ଥରେ ଚର୍ଚ୍ଚାକୁ ଆସିଛି। ସିନେମାର ଦ୍ୱିତୀୟ ଭାଗରେ ବଡ଼ ବଡ଼ ତାରକାଙ୍କ ନାମ ରହିଥିବା ଜଣାପଡୁଛି। ଯାହାଙ୍କ ମଧ୍ୟରେ ରଣବୀର ସିଂଙ୍କ ନାମ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ, ରଣବୀର ସିଂ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ବର୍ତ୍ତମାନ ନିର୍ମାତା ଫିଲ୍ମ 'ୱାର ୨'ରେ ବ୍ୟସ୍ତ ଥିବାବେଳେ ରଣବୀର ସିଂ ମଧ୍ୟ ତାଙ୍କ ଅନ୍ୟ ଏକ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ତେବେ ଫିଲ୍ମଟି ୨୦୨୫ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଅନୁମାନ କରାଯାଉଛି। ଶେଷ ଥର ପାଇଁ ତାଙ୍କୁ ଚଳଚ୍ଚିତ୍ର 'ସର୍କସ'ରେ ଦେଖିବାକୁ ମିଳିଥିଲା। ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨: ଦି ରୁଲ୍'ରେ ସେ ନଜରକୁ ଆସିବେ।

### ବିରଳ ଲ୍ୟୁସିଷ୍ଟିକ୍ କୁମ୍ଭୀର ଜନ୍ମ



**ୱାଶିଂଟନ:** ଆମେରିକା ଫ୍ଲୋରିଡାରେ ବିଶ୍ୱର ସବୁଠୁ ଦୁର୍ଲଭ ଧଳା କୁମ୍ଭୀର ଜନ୍ମ ହୋଇଛି। ଏହାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ରିପୋର୍ଟ ମୁତାବକ, ଏହି କୁମ୍ଭୀରର ଜନ୍ମ ଗୁରୁବାର ହୋଇଥିବା ଜଣାପଡ଼ିଛି। ଏହି କୁମ୍ଭୀର ଲ୍ୟୁସିଷ୍ଟିକ୍ ପ୍ରଜାତିର। ପ୍ରାଣୀଉଦ୍ୟାନ ଗଟରଲ୍ୟାଣ୍ଡର ଅଧ୍ୟକ୍ଷ ଏବଂ ସିଇଓ ମାର୍କ ମୈକହୁଘଙ୍କ କହିବା ମୁତାବକ, ଏହା ପ୍ରକୃତରେ ଅସାଧାରଣ ଜୀବ। ସେମାନେ ଏହି ଜୀବର ସୁରକ୍ଷାର ସମସ୍ତ ଦାୟିତ୍ୱ ସାବଧାନତା ସହ ରଖୁଛନ୍ତି। ଏହି କୁମ୍ଭୀରକୁ ଆସନ୍ତା ବର୍ଷ ପ୍ରଦର୍ଶନୀରେ ପ୍ରଦର୍ଶିତ କରିବାକୁ ସେମାନେ ଯୋଜନା କରୁଛନ୍ତି। ଗଟରଲ୍ୟାଣ୍ଡ ଅନୁସାରେ, ଏହି କୁମ୍ଭୀରର ପ୍ରଜାତି ଅଲବିନୋ କୁମ୍ଭୀରଠାରୁ ଭିନ୍ନ ହୋଇଥାନ୍ତି। ଏମାନଙ୍କ ଆଖି ଗୋଲାପି ରଙ୍ଗର ହୋଇଥିବାବେଳ ଲ୍ୟୁସିଷ୍ଟିକ୍ କୁମ୍ଭୀରଙ୍କ ଆଖି ନୀଳ ରଙ୍ଗର ହୋଇଥାଏ। ବର୍ତ୍ତମାନ ବିଶ୍ୱରେ ମାତ୍ର ୭ଟି ଲ୍ୟୁସିଷ୍ଟିକ୍ କୁମ୍ଭୀର ବଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୩ଟି କୁମ୍ଭୀର ଗଟରଲ୍ୟାଣ୍ଡରେ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ନ ଥାଇ ଚର୍ଚ୍ଚାରେ ମୋକିମ୍

**କଟକ,୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

୨୦୨୪ ସାଧାରଣ ନିର୍ବାଚନ ତତ୍ପରତା ସବୁଠି ଦେଖିବାକୁ ମିଳିଲାଣି। ଆଶାୟୀଙ୍କ ଲମ୍ବା ତାଲିକା ପ୍ରସ୍ତୁତ ହେଲାଣି। ଏଭଳିସ୍ଥିତିରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ମଙ୍ଗୁଆଳକୁ ନେଇ ଉପୁଜିଛି ପ୍ରଶ୍ନ। କିଏ ଧରିବ ନିର୍ବାଚନୀ ମଙ୍ଗ। କାରଣ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଦଳରୁ ନିଲମ୍ବିତ ହୋଇଛନ୍ତି। ତେବେ ମୋକିମ୍ ଦଳରେ ନ ଥାଇ ମଧ୍ୟ ଦଳକୁ ମଜଭୁତ କରିବାକୁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ନିର୍ବାଚନକୁ ନଜରରେ ରଖି ଏବେ ମୋକିମ୍ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମୌଳିକ ସୁବିଧା ଯୋଗାଉଛନ୍ତି। ଏପରି କି କଂଗ୍ରେସର ୱାର୍ଡସ୍ତରୀୟ ଅଭିଯାନଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଜାରି ରଖିଛନ୍ତି, ଯାହାକି ତାଙ୍କର ଦଳରେ ପୁନର୍ବାର ଯୋଗଦେବାର ସମ୍ଭାବନା ସୃଷ୍ଟି ହେଉଛି। ଅପରପକ୍ଷରେ ଏଯାବତ୍ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଅନ୍ୟ କୌଣସି ଆଶାୟୀଙ୍କ ନାମ ଶୁଣିବାକୁ ମିଳି ନ ଥିବାରୁ ପ୍ରାର୍ଥିତ୍ୱକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ଆରମ୍ଭ ହେଲାଣି।

୨୦୧୯ ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ମୋକିମ୍ ନିର୍ବାଚିତ ହୋଇଥିଲେ। ସେତେବେଳେ ମୋକିମ୍ କଟକ ନଗର କଂଗ୍ରେସ ସଭାପତି ରହିଥିଲେ। ୨୦୨୨ ଅଗଷ୍ଟ ୧୨ରେ ସେ ସଭାପତି ପଦରୁ ହଟିଥିଲେ। ପରେ ମୋକିମ୍‌ଙ୍କୁ ଦଳ ବିରୋଧୀ କାର୍ଯ୍ୟ ଏବଂ ମନ୍ତବ୍ୟ ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ୨୦୨୩ ଜୁଲାଇ ୧୬ରେ ଦଳରୁ ନିଲମ୍ବନ


ମହମ୍ମଦ ମୋକିମ୍

କରିଥିଲେ। ଏହା ସତ୍ତ୍ୱେ ସେ ଦଳକୁ କେବେ ଛାଡ଼ି ନାହାନ୍ତି। ସର୍ବଦା ଦଳ ପାଇଁ କାର୍ଯ୍ୟ କରିବେ ବୋଲି ମୋକିମ୍ ଗଣମାଧ୍ୟମରେ ସୂଚନା ଦେବା ପରେ ମଧ୍ୟ ଏଯାବତ୍ ଦଳରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ଦଳରୁ ନିଲମ୍ବନ ହେବାପରେ ମୋକିମ୍ ବିଜେଡି ଓ ପରେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଥିଲା।

### ବାରବାଟୀ-କଟକ ନିର୍ବାଚନମଣ୍ଡଳୀ

ହେଲେ ଏବେ ସେ ଆଲୋଚନା ଆଉ ଶୁଣିବାକୁ ମିଳୁନାହିଁ। ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ପୂର୍ବପରି ମୋକିମ୍ ଜନସାଧାରଣଙ୍କ ନିକଟତର ହେବା ନଜରକୁ ଆସିଛି। ଦଳରେ ନ ଥାଇ ଦଳୀୟ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ନିକଟତର ହେବା ଆଲୋଚନା ପାଇଁ ଖୋରାକ୍ ଯୋଗାଉଛି। ଏନେଇ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ କହିବା ହେଲା ବାରବାଟୀ ବିଧାୟକ ମୋକିମ୍‌ଙ୍କୁ ନେଇ କୌଣସି ମତ ରଖିବାକୁ ଚାହୁଁନି। ଯଦିଓ ସେ କୌଣସି କାର୍ଯ୍ୟ କରୁଛନ୍ତି ତାହା ତାଙ୍କର ବ୍ୟକ୍ତିଗତ କାର୍ଯ୍ୟକ୍ରମ ରହିଥିବ। ଏବେ ସେ କଂଗ୍ରେସ ଦଳରେ ନାହାନ୍ତି । ସେ ଦଳକୁ ଫେରିବେ କି ନାହିଁ ତାହା କେବଳ ଦଳର ହାଇକମାଣ୍ଡ ହିଁ ନିଷ୍ପତ୍ତି ନେବେ। ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ଏହି ତିନୋଟି ନିର୍ବାଚନ ମଣ୍ଡଳୀରେ ବହୁତ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଆସନ୍ତା ମାସକ ମଧ୍ୟରେ ଆଶାୟୀଙ୍କ ନାଁ ସାମ୍ନାକୁ ଆସିଯିବ। କଟକରେ କଂଗ୍ରେସର ସ୍ଥିତି ମଜଭୁତ ରହିଛି ବୋଲି ମହାପାତ୍ର କହିଛନ୍ତି।

# ଜନତାଙ୍କଠାରୁ ଲୁଟ୍ ଅର୍ଥ ଅସୁଲ ହେବ, ଏହା ମୋଦିଙ୍କ ଗ୍ୟାରେଣ୍ଟି: ଧର୍ମେନ୍ଦ୍ର

**ସମ୍ବଲପୁର,୯।୧୨ (ଭବାନୀ ଶଙ୍କର ଭୋଇ)**

କେନ୍ଦ୍ରୀୟ ସଂସ୍ଥାର ଚଢାଉ ଦ୍ୱାରା ଓଡ଼ିଶା ଭଳି ରାଜ୍ୟରୁ ଶହ ଶହ କୋଟି ଟଙ୍କା ଜବତ ହେବା ଚିନ୍ତାର ବିଷୟ। ରାଜ୍ୟର ଅବକାରୀ ନୀତି ଯୋଗୁ ଏଭଳି ଘଟଣା ଘଟୁଛି। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗଦେବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରତିକ୍ରିୟା ଦେବା ସହ ଟୁଇଟ୍ ମଧ୍ୟ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏବେ ଓଡ଼ିଶା ସମେତ ଦେଶର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଭରସା କରୁଛନ୍ତି। ମୋଦି ସରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ତାଙ୍କ ନେତୃତ୍ୱରେ ଗୋଟି ଗୋଟି କରି ଜନତାଙ୍କଠାରୁ ଲୁଟ୍ ହୋଇଥିବା ଅର୍ଥ ଅସୁଲ କରାଯିବ ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।


CLASSIFIED DISPLAY
TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ
Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at
DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି ନେତାଙ୍କ ସହ 'ସାହୁ ବ୍ରଦର୍ସ ଆଣ୍ଡ କୋ'ର ସମ୍ପର୍କ କ'ଣ: ମନମୋହନ

**ଭୁବନେଶ୍ୱର,୯।୧୨(ଅନିଲ ଦାସ)**

ଝାଡ଼ଖଣ୍ଡର କଂଗ୍ରେସ ଏମ୍‌ପି ଧୀରଜ ସାହୁ ଓ ତାଙ୍କ ସହଯୋଗୀଙ୍କ ବିଭିନ୍ନ ଠିକଣାରେ ଆୟକର ଚଢ଼ାଉକୁ ନେଇ ବିଜେଡିକୁ ଟାର୍ଗେଟ କରିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ଏହି ଜବତ କଳାଟଙ୍କା କାହାର। ବାର୍ଷିକ ୧୨୦କୋଟି ଟଙ୍କାର ବ୍ୟବସାୟ କରୁଥିବା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କ ନିକଟରୁ ଏତେ ଟଙ୍କା କେଉଁଠୁ ଆସିଲା। କେନ୍ଦ୍ରୀୟ ଏଜେନ୍ସି ଯଦି ଏହାର ଖବର ପାଇପାରିଲା ଓଡ଼ିଶା ପୋଲିସ, ଗୋଇନ୍ଦା ଓ ଇଓଡବ୍ଲ୍ୟୁ ଏହି ଖବର ଜାଣି ନ ପାରିବା ଲଜ୍ଜାଜନକ। ଏଥିସହ ମନମୋହନ କହିଛନ୍ତି, ଶାସକ ବିଜେଡିର ଅନେକ ନେତା ଓ ମନ୍ତ୍ରୀ 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଫଟୋ ପ୍ରକାଶ ପାଇଛି। ବିଜେଡି ନେତାଙ୍କ ସହ 'ସାହୁ ବ୍ରଦର୍ସ ଆଣ୍ଡ କୋ'ର ସମ୍ପର୍କ କ'ଣ, ସିବିଆଇ ତଦନ୍ତ ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

## ଜବତ ଟଙ୍କାକୁ ନେଇ ତେଜିଲା ରାଜନୀତି

# ପ୍ରଧାନମନ୍ତ୍ରୀଙ୍କ ମତ ପଢ଼ନ୍ତୁ ଭାଜପା ନେତା: ବିଜେଡି

**ଭୁବନେଶ୍ୱର,୯।୧୨(ଅନିଲ ଦାସ):** ଆୟକର ବିଭାଗର ଚଢ଼ାଉକୁ ନେଇ ଓଡ଼ିଶା ଭାଜପା ନେତାମାନେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବୟାନ ଦେଇ ଲୋକହସା ହେବା ଆଗରୁ ନିଜ ଦଳର ରାଷ୍ଟ୍ରୀୟ ନେତାମାନେ କ'ଣ ମତ ରଖୁଛନ୍ତି ତାହା ଦେଖନ୍ତୁ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ଶନିବାର ଗଣମାଧ୍ୟମକୁ ସେ କହିଛନ୍ତି, ଜାତୀୟ ସ୍ତରର ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟର ଫଟୋକୁ ପ୍ରଧାନମନ୍ତ୍ରୀ ଏକ୍ସ ହ୍ୟାଣ୍ଡଲରେ ସ୍ଥାନ ଦେଇଛନ୍ତି। ଯେଉଁଥିରେ ଶୀର୍ଷକ ରହିଛି, 'ଝାଡ଼ଖଣ୍ଡର କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କର ୧୦ଟି ସ୍ଥାନରେ ଚଢ଼ାଉ। ୨୦୦ କୋଟି ନଗଦ ମିଳିଲା, ଗଣତି ଜାରି। ଭାଜପା ରାଷ୍ଟ୍ରୀୟ ନେତା ଓ ଝାଡ଼ଖଣ୍ଡର ଭାଜପା ୟୁନିଟ୍‌ର ନେତାମାନେ କଂଗ୍ରେସକୁ ସମାଲୋଚନା କରିବା ସହ ମିଳିଥିବା ଅର୍ଥ କଂଗ୍ରେସର ବୋଲି ସ୍ପଷ୍ଟ ଭାବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଝାଡ଼ଖଣ୍ଡ କଂଗ୍ରେସ କହୁଛି, ମିଳିଥିବା ବିପୁଳ ପରିମାଣର ନଗଦ ଅର୍ଥ ସହ ଭାଜପା ନେତାଙ୍କର ସମ୍ପର୍କ ରହିଛି।

# ଏସ୍‌ଆଇଟି ଗଠନ ଦାବିକଲା କଂଗ୍ରେସ

**ଭୁବନେଶ୍ୱର,୯।୧୨(ଅନିଲ ଦାସ):** ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ବ୍ୟବସାୟୀଙ୍କଠାରୁ ୩୦୦ କୋଟି ଟଙ୍କାରୁ ଅଧିକ ଜବତ କରାଯାଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ଏହି କଳାଟଙ୍କାର ପ୍ରକୃତ ଉତ୍ସର ସତ୍ୟାସତ୍ୟ ରାଜ୍ୟବାସୀଙ୍କ ଆଗରେ ରଖାଯାଉ ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଯଦି ପ୍ରକୃତରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଆୟକର ବିଭାଗର ଚଢାଉ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଚାହୁଁଛନ୍ତି, ତୁରନ୍ତ ରାଜ୍ୟ ସରକାର ଏହାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରନ୍ତୁ । ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ। କିଭଳି ଶହ ଶହ କୋଟି ଟଙ୍କା ଏହି ମଦ ବ୍ୟବସାୟୀମାନେ ନିଜ ଘରେ ଏବଂ କାର୍ଯ୍ୟାଳୟରେ ଠୁଳ କରିପାରିଲେ। ଏହାର କାଣିଚାଏ ଖବର ରାଜ୍ୟ ସରକାରଙ୍କର ଅବକାରୀ ବିଭାଗ, ପୋଲିସ କିମ୍ବା ଗୁଇନ୍ଦା ବିଭାଗ ଏପରି କି କେନ୍ଦ୍ର ସରକାରଙ୍କର ଆୟକର ବିଭାଗ, ରାଜସ୍ୱ ଗୋଇନ୍ଦା ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଖରେ ନାହିଁ। ଏସବୁ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ଏକ ବଡ଼ ପ୍ରଶ୍ନ ଉଙ୍କି ମାରୁଛି ବୋଲି ରଜନୀ କହିଛନ୍ତି ।

# ଅଭିଯୋଗକୁ ମନ୍ତ୍ରୀଙ୍କ ଖଣ୍ଡନ

**ବଲାଙ୍ଗୀର/ଟିଟିଲାଗଡ, ୯।୧୨(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର):** ମଦ ବ୍ୟବସାୟୀ ଦୀପକ ସାହୁଙ୍କ ସହ ବିଜେଡି ମନ୍ତ୍ରୀ ଟୁକୁନି ସାହୁ କୌଣସି ଏକ ସଭା ମଞ୍ଚରେ ବସିଥିବା ଫଟୋ ଭାଇରାଲ ହେବା ପରେ ତାଙ୍କ ସମ୍ପର୍କକୁ ନେଇ ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଥିଲା।

### ମଦ ବ୍ୟବସାୟୀଙ୍କ ସହ ସମ୍ପର୍କ ପ୍ରସଙ୍ଗ

ଏନେଇ ମନ୍ତ୍ରୀ ସାହୁଙ୍କ ପଚାରିବାରୁ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ସମସ୍ତେ ଜାଣିଛନ୍ତି। ଚଳିତବର୍ଷ ରାବଣ ପୋଡି ଉତ୍ସବ ପାଇଁ କମିଟି ଅଧ୍ୟକ୍ଷ ଦୀପକ ସାହୁ ତାଙ୍କୁ ମୁଖ୍ୟଅତିଥି ଭାବେ ଆମନ୍ତ୍ରଣ କରିଥିଲେ। ସେଥିରେ ତାଙ୍କ ସହ ଟିଟିଲାଗଡ ଉପଜିଲାପାଳ ଓ ବଲାଙ୍ଗୀର ଏସ୍‌ପି ମଧ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡା ତାଙ୍କର କୌଣସି ବ୍ୟବସାୟିକ ସମ୍ପର୍କ ନାହିଁ। ଏଦିଗରେ କେହି ଯଦି ତଦନ୍ତ କରିବାକୁ ଚାହୁଁଛନ୍ତି କରାଯାଉ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

# Classified Everyday 0674-2580101, 2549949


MATRIMONIAL

## BRIDE WANTED

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11" 30, parent well established in BBSR. Contact: 9437281290, 7077549777. D-1836

A Dhoba Boy of 42yrs. working in a Private Edutech Company need suitable match. Mob-9438849836. D-1985

Bengali Kayastha Boy 35, 6'2 Bank Manager require qualified girl. Contact- 7381091234, 9778779428. D-75278

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42yrs. ଝିଅ ଆବଶ୍ୟକ। Candidate- 9861141891. D-1982

## GROOM WANTED

Beautiful Gudia Girl 26+/ SBI Po (Caste No-Bar) 'SUHAG'. 9938199964. D-1957

Wanted groom B.Tech 35-38yrs, Govt./Pvt. Job for a beautiful girl by Caste Khajuria (Syala), 35yr., M.Tech, Caste no bar- 8917585202. D-74311

ବୟସ 29 Bankରେ ଚାକିରି କରୁଥିବା କରଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75507

Beautiful Brahmin girl 1988, 5'3" MBBS, PG Ent, Serving Doctor SCB Medical- "SUNASANSAR". 9937512659, 8249969649. D-75280

Allopathy Doctor (Groom) preferably MD/MS require for Allopathy Doctor bride age-27, Brahmin working in Public Sector in Bhubaneswar. Contact- 8917639271. D-1972

Suitable groom required for Matric & ITI Trade School passed Barika Girl, age-24years, caste no bar. 7894175320, 9439050449. D-73787


REAL ESTATE

## SALE

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.-300/-, 9348232008. D-75279

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 8249310759. D-75276

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987. D-75272

Chakeisihani yellow zone plot 2200 and 5000sqft. @ 1600/-. 7008711445, 6372801963. D-1976


FOR RENT

Ground floor Two BHK available for residence/ Office at Kalpana Post Office lane. Contact- 9938615954. D-1973

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Newly healthcare benefited SPA experience therapist in Bhubaneswar. Contact- 9938843929. D-75177

Relax, refresh your body, mind by expert therapist. Contact- 8338800330. D-75175

Full Body massage by experience therapist @999 only-9078484455 (Bhubaneswar). D-1928

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

## AFFIDAVIT

Poonam Motwani, D/o Rajkumar Motwani have changed my name to Nayra Himanshu Pokrani R/o Sujata Residency, Sai Vihar Road, Sundergarh. Henceforth, I shall be known as Nayra Pokrani for all future purposes. D-1989

**ପାଠକଙ୍କ ପାଇଁ ସୂଚନା**
 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ପୁରୀ ମୁକାମ ପରିବାର ଅଦାଲତ, ପୁରୀ ସି.ପି. ନଂ୫୪୪ମର ସନ ୨୦୨୩ ମସିହା

ହାପି ସ୍ୱାଇଁ, ପିତା- ୰ରଞ୍ଜିତ୍ କୁମାର ସ୍ୱାଇଁ, ସାକିନ୍- ବେଗୁନିଆ, ପୋଷ୍ଟ- ତମ୍ପାଳ, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ।
....ଦରଖାସ୍ତକାରୀ

ବନାମ

ରାନୁ ସ୍ୱାଇଁ, ସ୍ୱାମୀ- ହାପି ସ୍ୱାଇଁ, ସାକିନ୍- ବେଗୁନିଆ, ପୋଷ୍ଟ- ତମ୍ପାଳ, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ। ହାଲ୍ ସାକିନ୍- ମାତା- ସ୍ୱର୍ଣ୍ଣଲତା ରାଉତ, ଏକମୋକୋଣା, ପୋଷ୍ଟ- କୁସିକୋଣା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ
....ଅପରପକ୍ଷ

ନୋଟିସ୍

ଏତଦ୍ୱାରା ତୁମ୍ଭେ ରାନୁ ସ୍ୱାଇଁ, ସ୍ୱାମୀ- ହାପି ସ୍ୱାଇଁ, ସାକିନ୍- ବେଗୁନିଆ, ପୋଷ୍ଟ- ତମ୍ପାଳ, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ। ହାଲ୍ ସାକିନ: ମାତା ସ୍ୱର୍ଣ୍ଣଲତା ରାଉତ, ଏକମୋକୋଣା, ପୋଷ୍ଟ- କୁସିକୋଣା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀଙ୍କୁ ଜଣାଇ ଦିଆଯାଉ ଅଛିକି, ଆପଣଙ୍କ ବିରୁଦ୍ଧରେ ଦରଖାସ୍ତକାରୀ ମାନ୍ୟବର ପୁରୀ ମୁକାମ ପରିବାର ଅଦାଲତଙ୍କ ନିକଟେ ବିବାହ ବିଚ୍ଛେଦ ଦାବିରେ ମୋକଦ୍ଦମା ଆଗତ କରିଅଛନ୍ତି। ଆପଣ ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଅଗ୍ରାହ୍ୟ କରୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆସନ୍ତା ତା୧୧।୦୧।୨୪ରିଖ ଦିବା ଘ୧୦.୩୦ମିନିଟ୍ ସମୟରେ ଅତ୍ର ଅଦାଲତରେ ଉପସ୍ଥିତ ହୋଇ ଆପଣଙ୍କ ପକ୍ଷ ରଖିବେ ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଅଦ୍ୟ ଅଦାଲତଙ୍କ ସହି ମୋହର କ୍ରମେ ତା୦୭।୧୨।୨୩ରିଖେ ଦିଆଗଲା।
ଜଜ୍, ପରିବାର ଅଦାଲତ, ପୁରୀଙ୍କ ସ୍ୱାକ୍ଷର
ଧ-୧୯୮୪

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



୰ପବିତ୍ର ମୋହନ ମହାପାତ୍ର
ପଳାଶୁଣୀ, ମୁଣ୍ଡାସାହି, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୬୯
ତିରୋଧାନ: ୦୧।୧୨।୨୩

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ: ବାପା: ଧ୍ରୁବ ଚରଣ, ବଡ଼ଭାଇ ଓ ଭାଉଜ, ଭଣଜା: ଅଭିନାଶ, ଭାଣେଜି: ବବ୍‌ଲି, ଭଉଣୀ: ଲିଲା, ଭାଇ: ଅଳ୍ପ, ପୁଅ: ବିକାଶ, ବିନୋଦ, ମୁନି, ଗୁଡୁ, ସ୍ତ୍ରୀ: ମମତା, ବିନୋଦିନୀ, ପୁତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୮୧

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତାରାମଣୀ ଦାଶ
ଆର୍ବିଭାବ ତା-୨୫.୦୮.୧୯୨୮
ତିରୋଧାନ ତା-୨୯.୧୧.୨୦୨୩

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ। ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।

ହତଭାଗା ସନ୍ତାନ ସନ୍ତତୀ ମାନେ
ବାବାଜୀ ଚରଣ ଦାଶ, ନିରଂଜନ ଦାଶ
ରମେଶ ଚନ୍ଦ୍ର ଦାଶ, କ୍ଷୀରୋଦ ଚନ୍ଦ୍ର ଦାଶ
ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ
ଅଣନାତି ଓ ଅଣନାତୁଣୀ ମାନେ
ଧ-୧୯୮୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଲକ୍ଷ୍ମୀଧର ଜେନା
ବେଣୁପୁର, ବାଲିଅନ୍ତା
ଆବିର୍ଭାବ: ୧୯।୦୪।୧୯୫୦
ତିରୋଧାନ: ୨୧।୧୧।୨୦୨୨

ଚାହୁଁ ଚାହୁଁ ଏକବର୍ଷ ପୂରିଗଲା। ଆମେ ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ସର୍ବଦା ମନେ ପଡୁଛି। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ, ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ।

ଶୋକସନ୍ତପ୍ତ ପରିବାର: ପୁଅ- ଜୟକୃଷ୍ଣ ମଙ୍ଗରାଜ, ସରୋଜ କୁମାର ମଙ୍ଗରାଜ, ବୋହୂ- କବିତା, ମାମା, ଝିଅ- ସବିତା, ସସ୍ମିତା, ଜ୍ୱାଇଁ- କାର୍ତ୍ତିକ, ବିଶ୍ୱନାଥ, ନାତି/ନାତୁଣୀ- ନିରଞ୍ଜନ, ଶୋୟମ ପ୍ରକାଶ, ବବୁଲ, ସିଡୁଲ, ଦୀପ୍ତିମୟୀ, ଖୁସି, ରାନି
ଧ-୧୯୮୦


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ବଜାରରେ ସ୍କୋଡାର ଏଲିଗାନ୍ସ ଏଡିଶନ

ଭୁବନେଶ୍ୱର,୯।୧୨ (ଅଭୟ ଦାଶ)




ସ୍କୋଡାର ଅଲ୍ ବ୍ଲାକ୍ (ସ୍କୋଡାର ଏଲିଗାନ୍ସ ଏଡିଶନ) ମଡେଲକୁ ଶନିବାର 'ଟ୍ରିନିଟି ସ୍କୋଡା' କଟକ ପରିସରରେ ଅନାବରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୋ'ରୁମ୍‌ର କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତି ଅଛନ୍ତି।

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ସ୍କୋଡାର ଏଲିଗାନ୍ସ ଏଡିଶନ'କୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ ସହ ଉଭୟ କୁଶାକ ଓ ସ୍ଲାଭିଆ ମଡେଲର ବ୍ଲାକ୍ କଲର ଗାଡ଼ିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଅଗ୍ରଣୀ ମଡେଲ କୁଶାକ ଓ ସ୍ଲାଭିଆର ସଫଳତା ପରେ ବ୍ରାଣ୍ଡ୍ ଉକ୍ତ ଏଡିଶନକୁ ବଜାର ପ୍ରବେଶ କରାଇଛି। ଏପରିକି ସ୍କୋଡା କୁଶାକ ଓ ସ୍ଲାଭିଆର ଏଲିଗାନ୍ସ ଏଡିଶନକୁ ସୀମିତ ପରିମାଣରେ ଉତ୍ପାଦନ ସହ ୧.୫ ଟିଏସ୍ଆଇ ଇଞ୍ଜିନ ସହ ଉପଲବ୍ଧ ହେବ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରିନିଟି ସ୍କୋଡା କଟକ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସ୍ଲୋକ୍ କହିଥିଲେ, କୁଶାକ ଓ ସ୍ଲାଭିଆର ନୂତନ ସଂସ୍କରଣକୁ ଏକ ସୀମିତ ଉତ୍ପାଦ ମଧ୍ୟରେ ବଜାର ପ୍ରବେଶ କରାଯିବ। ବିଶେଷକରି କୁଶାକ ଓ ସ୍ଲାଭିଆକୁ ଆକର୍ଷଣୀୟ କ୍ଲାସିକ୍ କଳାରଙ୍ଗରେ ଉପଲବ୍ଧ କରାଇବା ସହ ଆଧୁନିକ ବୈଶିଷ୍ଟ୍ୟ ଓ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ସେହିଭଳି ଏକ ବିକଶିତ ଗ୍ରାହକ ଧାରା, ଆମର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ଅନୁରୂପ ସମସ୍ତ ଉତ୍ପାଦ କାର୍ଯ୍ୟାନୁଷ୍ଠାନ ଆଧାରିତ ହୋଇଥାଏ।

# ଭି-ମାର୍ଟର ୱିଣ୍ଟର କଲେକ୍ସନ

ଭୁବନେଶ୍ୱର,୯।୧୨




ଭି- ମାର୍ଟ ରିଟେଲ ଲିମିଟେଡ୍ (ଭି-ମାର୍ଟ)ର ବହୁ ପ୍ରତୀକ୍ଷିତ ତଥା ଚଳିତ ବର୍ଷର ଶୀତ ସମ୍ଭାର (ୱିଣ୍ଟର କଲେକ୍ସନ)ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆକର୍ଷଣୀୟ ଓ ଫ୍ୟାଶନବୁଲ ଶୀତ ସମ୍ଭାର ସାଙ୍ଗକୁ ସ୍ୱିଟସାର୍ଟସ, ବମ୍ବର, ଜ୍ୟାକେଟ, ଲଙ୍ଗ କୋର୍ଟ, କାର୍ଡିଗାନସ ଭଳି ଅନେକ ପ୍ରକାର ଶୀତ ବସ୍ତ୍ର ସୁଲଭ ମୂଲ୍ୟରେ ଉପଲବ୍ଧ। ଏପରିକି ୧୯୯ ଟଙ୍କାରୁ ଶୀତ ସମ୍ଭାରର ଆରମ୍ଭ ହେଉଥିବାବେଳେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଶିଶୁଙ୍କ ପାଇଁ ମଧ୍ୟ ନୂତନ କଲେକ୍ସନ ଓ ଆକର୍ଷଣୀୟ ଡିଜାଇନ ଉପଲବ୍ଧ। ଏ ନେଇ ଭି-ମାର୍ଟ ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତ ପୋଷାକର ବ୍ୟାପକ ସମ୍ଭାର ଦେଶର ସମସ୍ତ ଭି-ମାର୍ଟ ଷ୍ଟୋରରେ ଉପଲବ୍ଧ ହେଉଛି। ଏପରିକି ଗୁଣାତ୍ମକମାନର ଉତ୍ପାଦ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି।

# ବେଦାନ୍ତ ପକ୍ଷରୁ ଏମ୍ଇଏମ୍ସି ଉଇକ

ଭୁବନେଶ୍ୱର,୯।୧୨

ବେଦାନ୍ତ ଗ୍ରୁପ୍‌ର ଓଡ଼ିଶା ୟୁନିଟ୍ ଅଧୀନରେ କାର୍ଯ୍ୟକ୍ଷମ ଥିବା ନାଡିଡିହି ଆଇରନ ଓର୍ ମାଇନ ଏବଂ ନାଡିଡିହି ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ ପକ୍ଷରୁ ୨୫ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ମାଇନିଂ ଏନ୍‌ଭାଇରନମେଣ୍ଟ ଆଣ୍ଡ ମିନେରାଲ କନ୍‌ଜୋବେଶନ ବା ଏମ୍ଇଏମ୍ସି ଉଇକ) ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଲିମିଟେଡ୍ ଏବଂ ଭୁବନେଶ୍ୱର ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କମ୍ପାନୀର ଓଡ଼ିଶା ଆଇରନ ଓର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ କାର୍ଯ୍ୟକ୍ରମରେ ଏମ୍ଇଏମ୍ସି ସପ୍ତାହର ସଫଳତା ସହ ଅନ୍ତର୍ନିହିତ ଆଲୋଚନା, ପ୍ରଦର୍ଶନ ଏବଂ ପଦକ୍ଷେପ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ସପ୍ତାହବ୍ୟାପୀ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ବିଶିଷ୍ଟ ଶିଳ୍ପପତି, ସୁରକ୍ଷା ଆଡଭୋକେଟ, କର୍ମୀ ଏବଂ କମ୍ପାନୀ କର୍ମଚାରୀମାନେ ଏକତ୍ରିତ ହୋଇ ନିରନ୍ତର ଖଣି କାର୍ଯ୍ୟକୁ ପ୍ରୋତ୍ସାହନ ତଥା ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲେ। ଅପରପକ୍ଷରେ କମ୍ପାନୀର ଖଣି ଅଞ୍ଚଳଗୁଡ଼ିକୁ ପରୀକ୍ଷା କରିବା ପାଇଁ ଟାଟା ଷ୍ଟିଲ୍ ସୁକିନ୍ଦା ୟୁନିଟ୍‌ର ବରିଷ୍ଠ ମ୍ୟାନେଜର ନିହାର ରଞ୍ଜନ ମିତ୍ର, ଏମ୍ଏନ୍ଏସ୍ ମାଇନ୍ସ ଡେପୁଟି ମ୍ୟାନେଜର ଦେବୀପ୍ରସନ୍ନ ମିଶ୍ର ଏବଂ ୟୁଏଆଇଏଲ ଆସିଷ୍ଟାଣ୍ଟ ମ୍ୟାନେଜର ଅକ୍ଷୟ କୁମାର ଜେନା ପ୍ରମୁଖ ନିରୀକ୍ଷଣ କରିଥିଲେ। ଏ ସମ୍ପର୍କରେ ଓଡ଼ିଶା ବେଦାନ୍ତ ଆଇରନ ଓର୍‌ର ସିଓଓ ବିଶ୍ୱନାଥ ସାହୁ କହିଥିଲେ, ଆମେ ବେଦାନ୍ତରେ ଆମର କର୍ମଚାରୀ ଏବଂ ଶ୍ରମିକମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ପ୍ରାଥମିକତା ଦେଇଥାଉ। ହେଲେ ଆମେ ଏମ୍ଇଏମ୍ସି ସପ୍ତାହ ୨୦୨୩-୨୪ ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଅନ୍ୟମାନଙ୍କ ମଧ୍ୟରେ ଅନୁପମ ଓଁକାର (ସିଏଚ୍ଆର୍‌ଓ) ଏବଂ ସୁଜୋ କୁଣ୍ଡୁ (ଏଚ୍ଏସ୍ଇ ହେଡ୍) ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟିପିସିଓଡିଏଲ୍‌ର ଡିଜିଟାଲ ଅଭିଯାନ

ଭୁବନେଶ୍ୱର,୯।୧୨

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଚଳିତ ବର୍ଷ କଟକ ବାଲିଯାତ୍ରା ଉପଲକ୍ଷେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ପକ୍ଷରୁ ଡିଜିଟାଲ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ବିଶେଷକରି ଗ୍ରାହକମାନଙ୍କ ଅନୁଭବରେ ଉନ୍ନତି ଆଣିବା ଏବଂ ଏକ ସୁରକ୍ଷିତ ଓ ଡିଜିଟାଲ ସଶକ୍ତ ଗୋଷ୍ଠୀ ଗଠନ କରିବାରେ ବଳିଷ୍ଠ ଯୋଗଦାନ ପ୍ରଦାନ କରିବା ନିମନ୍ତେ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା। ସେହିଭଳି ବାଲିଯାତ୍ରାରେ ଟିପିସିଓଡିଏଲ୍ ପକ୍ଷରୁ ଡିଜିଟାଲ ପେମେଣ୍ଟ ପଦ୍ଧତି ଉପରେ ଏକ ମେଗା ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା। ଏଥିରେ ଏକ ସୁରକ୍ଷିତ ଓ ପ୍ରଭାବଶାଳୀ ପେମେଣ୍ଟ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏପରିକି ନିର୍ଦ୍ଧାରିତ ତାରିଖ ମଧ୍ୟରେ ବିଦ୍ୟୁତ୍ ବିଲ୍ ପଇଠ କରିବା ଲାଗି ଡିଜିଟାଲ ମାଧ୍ୟମକୁ ଚୟନ କରୁଥିବା ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ରିହାତି ପ୍ରଦାନ କରାଯାଇଥିଲା। ଏହା ଆଧୁନିକ ଆର୍ଥିକ ଅଭ୍ୟାସ ପ୍ରତି ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷାକୁ ପ୍ରାଥମିକତା ପ୍ରଦାନକରି ବାଲିଯାତ୍ରା ସମୟରେ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଓ୍ୟାରିଂ ଓ ପରୀକ୍ଷା ଲାଗି ସ୍ୱୀକୃତିପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କୁ ବ୍ୟବହାର କରିବା, ବିଦ୍ୟୁତ୍ ବ୍ୟବସ୍ଥାଠାରୁ ସୁରକ୍ଷିତ ଦୂରତ୍ୱ ବଜାୟ ରଖିବା, ବେଆଇନ ହୁକ୍ ବିଷୟରେ ସଚେତନତା, ଉପଯୁକ୍ତ ଆର୍ଥିଂକୁ ସୁନିଶ୍ଚିତ କରିବା ଏବଂ ଶକ୍ତି ଅନୁକୂଳ ଏଲ୍ଇଡି ଆଲୋକର ବ୍ୟବହାର ଆଦି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ମାର୍ଗଦର୍ଶିକା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅପରପକ୍ଷରେ ମିତ୍ର ଆପ୍‌ର ଗ୍ରହଣୀୟତାକୁ ବ୍ୟାପକ କରିବା ଲାଗି ବାଲିଯାତ୍ରାକୁ ଆସିଥିବା ଲୋକମାନଙ୍କୁ ମିତ୍ର ଆପ୍ ଡାଉନ୍‌ଲୋଡ୍ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ସୁରକ୍ଷା ପ୍ରତି ଆମର ଦୃଢ଼ ସମର୍ପଣ ଭାବ ବାଲିଯାତ୍ରାକୁ ସୁନିଶ୍ଚିତ କରିଥିଲା, ଯାହା କେବଳ ଉଲ୍ଲାସପୂର୍ଣ୍ଣ ନ ଥିଲା ବରଂ ସମସ୍ତଙ୍କ ପାଇଁ ସୁରକ୍ଷିତ ଥିଲା। ବିଶେଷ କରି ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ୍ ସଂଯୋଗ ନେବା, ବିଦ୍ୟୁତ୍ ବିଲ୍ ଫଇସଲା ଲାଗି ଡିଜିଟାଲ ପେମେଣ୍ଟ ମାଧ୍ୟମକୁ ଗ୍ରହଣ କରିବା ଏବଂ ସୁରକ୍ଷା ପ୍ରୋଟୋକଲ୍‌କୁ ନିୟମିତ ପାଳନ କରିବା ଲାଗି ଆମେ ଜନସାଧାରଣଙ୍କୁ ଆହ୍ୱାନ ଦେଉଥିଲୁ ବୋଲି ସେ ମତପ୍ରକାଶ କରିଛନ୍ତି।


Government of Odisha
Department of Water Resources
OFFICE OF THE SUPERINTENDING ENGINEER
JARAKA IRRIGATION DIVISION, JARAKA
E-Mail Id- eeidjaraka@yahoo.com

No.A-967:-

**"e" Procurement Notice**

Bid Identification No.- JKID-06/2023-24

| | | | |
|---|---|---|---|
| 1 | Name of the work | : | Irrigation Project Works as per DTCN |
| 2 | Total No. of works | : | 5 (Five) Nos. work |
| 3 | Estimated cost | : | Varies of Rs.21.43 lakhs to Rs.71.41 lakhs |
| 4 | Period of completion | : | Sl.No. (1) to Sl. No.(5) 90 days |
| 5 | Date & time of availability of bid document in the portal | : | 11.00 A.M. of Dt.13.12.2023 upto 05.00 P.M. of Dt.26.12.2023 |
| 6 | Last date & time for receipt of bids in the portal | : | Upto 05.00 P.M. of Dt.26.12.2023 |
| 7 | Date of opening of bids | : | Dt.27.12.2023 at 11.00 A.M. onwards |
| 8 | Name and address of the officer inviting tender | : | Superintending Engineer, Jaraka Irrigation Division, Jaraka |
| 9 | Further details can be seen from the e-Procurement Portal "https://tendersodisha.gov.in" | | |

Sd./- Superintending Engineer, Jaraka Irrigation Division, Jaraka

OIPR-32098/11/0009/2324



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No. A-980

'e' Procurement Notice No. ACECIC - 24/2023-24

| Procurement Officer | Bid Identification No. | Name of Work | Cost of Work (Rs. in lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding From | To | Date of Openign of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NID - 16/ 2023-24 | Improvement to Astaranga Minor from RD 00 to 5.338 Km. of Kakatpur Branch Canal System | 808.69 | 808700/- (Online) | 10000/- (Online) | "A" & "Special" Class | 11.12.2023 at 10.00 hours | 25.12.2023 at 17.00 hours | 26.12.2023 at 11.00 hours | 12 (Tweleve Calendar Months) |

e-mail ID: secic_dowr@yahoo.com
Further details conditions can be seen from Govt. website www.tenderodisha.gov.in

OIPR-32160/11/0030/2324 Sd./- Additional Chief Engineer, Central Irrigation Circle



OFFICE OF THE SUPERINTENDING ENGINEER
MINOR IRRIGATION DIVISION, JASHIPUR
GOVERNMENT OF ODISHA
"e" - PROCUREMENT NOTICE
No.A-973:-
BID IDENTIFICATION No.: 05 MID JSP/2023-24

| | | | |
|---|---|---|---|
| 1 | Name of the inviting officer | : | Superintending Engineer, Minor Irrigation Division, Jashipur |
| 2 | Name of the work | : | Construction of Check Dam & Improvement to MIP of Mayurbhanj District |
| 3 | No. of works | : | 02 (Two) Nos. |
| 4 | Tender amount varies from | : | 21.19 lakh to 99.85 lakh |
| 5 | Date and time of availability of BID document in the portal for online bidding from | : | 10.00 hrs. Dt.12.12.2023 to 17.00 hrs. Dt.21.12.2023 |
| 6 | Last date and time of receipt of bids in the portal | : | 17.00 hrs. Dt.21.12.2023 |
| 7 | Last date and time for clarification upto | : | 17.00 hrs. Dt.21.12.2023 |
| 8 | Date of opening of bid | : | 11.00 hrs. onwards Dt.22.12.2023 |

The detail tender call notice can also be seen in the DOWR website: http://dowrorissa.gov.in

| | | |
|---|---|---|
| Name & address of the OIT | : | Superintending Engineer, M.I. Division, Jashipur, At/P.O.- Khairi / Dist.: Mayurbhanj, PIN- 757091, E-mail: eemijashipur@yahoo.com |
| Further details can be seen from the e-Procurement market place | : | http://tenderorissa.gov.in |

• Subsequent corrigendum /addendum if required shall be available in the above portal. • The tender inviting authority reserves the right to reject / cancel any or all tenders without assigning any reason thereof.

Sd./- 06.12.2023, Superintending Engineer, M.I. Division, Jashipur

OIPR-32282/11/0007/2324



GOVERNMENT OF ODISHA No. O-1754
OFFICE OF THE EXECUTIVE ENGINEER, RURAL WORKS DIVISION, BOLANGIR
e-Procurement Notice

| | | | |
|---|---|---|---|
| 1. | Name of Work | : | Construction of Weir Adjacent to H.L. Bridge over Local Nallah at 4th Km. on Bileisarda to Bhadrapali via Thelcomunda Road in the district of Bolangir for the year 2022-23. |
| 2. | No. of Work | : | 01 (One) Weir Construction Work |
| 3. | Time for Completion | : | 6 (Six) Calendar Months |
| 4. | Approximate estimated cost varies from | : | Rs.80.92 Lakh |
| 5. | Mode of Submission of tender | : | Tender should be submitted online in www.tendersodisha.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender Online for Bidding From | To | Last date and time of seeking tender clarification | Date & time of opening of tender: Technical Bid | Financial Bi |
|---|---|---|---|---|---|---|
| Executive Engineer, R.W. Division, Bolangir | EEBLGR-Online-14/2023-24 | 13.12.2023 at 11.00 A.M. | 28.12.2023 upto 5.00 P.M. | 27.12.2023 upto 5.00 P.M. | 29.12.2023 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website: www.tendersodisha.gov.in
• Any Corrigendum/Addendum will be displayed in the above e-tender website only.

OIPR-25068/11/0021/2324 Sd./- Executive Engineer, R.W. Division, Bolangir



Government of Odisha
Office of the Chief Construction Engineer
Rural Works Circle, Angul
E-Mail- sencrwangul@yahoo.co.in, Ph.No.: 06764-236404
No.O-1757:-
e-Procurement Notice for Building work in Odisha
Bid Identification No. Building Online AGL-31/2023-24

No.3113 Dt.7.12.23

1. Name of the work: Building works. 2. Total No. of work: 06 Nos. 3. Estimated cost: Rs.100.55 to 105.67 Lakh Approx. 4. Class of contractor: 'B' & 'A' Class. 5. Period of completion: 12 (Twelve) calendar months. 6. Other details.

| Procurement Officer | Bid Identification No. | Availability of tender online for bidding From | To | Last date & time of seeking tender clarification | Date & time of opening of tender: Technical bid | Financial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building-Online- AGL-31/2023-24 | 15.12.2023 at 10.00 A.M. | 29.12.2023 upto 5.00 P.M. | 27.12.2023 upto 1.00 P.M. | 30.12.2023 upto 11.00 A.M. | Will be intimated separately |

(1) For detailed Notice inviting tender please visit to the website www.tendersorissa.gov.in

Sd./- Chief Construction Engineer, Rural Works Circle, Angul

OIPR-25180/11/0044/2324



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-3216 OSIC GST No. 21AAACO2101M1Z1

e-Procurement Notice

Tender Notice No.6337 Date: 08.12.2023

The Odisha Small Industries Corporation Ltd. (OSIC) (A Govt. of Odisha Undertaking), Industrial Estate, Madhupatna, Cuttack - 753 010 invites Tenders in sealed cover under two bid system *i.e.*, Technical Bid & Price Bid from manufacturing Firms and Authorized Importers/ Authorized Distributors/Dealers for "Supply, Installation, Testing and Commissioning of the machinery and equipment for Common Facility Centre (CFC) of Cashew Cluster to be established at Denai, PO: Bhubanpur, PS: Brahmagiri, District: Puri, Odisha," in **ONLINE MODE**

| Date of Commencement of Tender | Last Date & Time of online submission & receipt of Tender | Date & Time for online opening of Tender | Cost of Tender Paper+ GST @18%(Rs) |
|---|---|---|---|
| 08.12.2023 11.00 AM | 22.12.2023 at 12.00 PM | 22.12.2023 At 12.30 PM | (Rs. 11800/-) |

A complete set of the Bid documents containing the details of the terms & conditions may be downloaded fromhttp://tendersorissa.gov.in/website:www.osicltd.in and the same can be submitted ONLINE along with cost of Tender Paper in shape of Bank Draft. Any corrigendum/ addendum/information relating to this NIT will only be uploaded in above websites which will not be published in Newspapers. The bidders have to participate in ONLINE bidding only. Further details can be seen from the website:http://tendersorissa.gov.in./www.osicltd.in. All future corrigendum will be available on **ONLINE MODE ONLY.**

Sd/-
GENERAL MANAGER(O)

OIPR-14073/11/0081/2324



Er. Bijoy Chandra Tripathy
Chief General Manager (P&C)

ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO, IDCO Towers, Janpath, Bhubaneswar - 751022, Odisha, INDIA
Ph.: +91-0674-2541525, 2540820, Fax: 2542956 / 2541982, cgmpc@idco.in / cmd@idco.in, Website: www.idco.in
No. HO/P&C/EST/E-2532/03/04/2023/38712 Dated: 05.12.2023

Invitation for Bids

BID IDENTIFICATION NO. - P&C/EST-E-159/2023-24

No. CAD-3213: Odisha Industrial Infrastructure Development Corporation (IDCO) invites proposals from reputed and experienced Agencies/Firms/Companies for the work "Survey, Site Investigation, Detailed Design, Construction, Procurement and Installation of required machinery, equipment and instruments, testing, commissioning, operation & maintenance of 10 years of 5 MLD capacity ZLD (Zero Liquid Discharge) based Common Effluent Treatment Plant at Kalibeti, Khurdha, Odisha (on Turneky basis)".

| Sl. No. | Name of Work | Estimated Cost (Approx.) | Processing Fee | Period of Completion | Operation and Maintenance Period | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | "Survey. Site investigation, Detailed, Desigh, Construction, Procurement and Installation of required machinery, equipment and instruments, testing, commissioning, operation & maintenance of 10 years of 5 MLD capacity ZLD (Zero Liquid Discharge) based Common Effluent Treatment Plant at Kalibeti, Khurdha, Odisha (on Turnkey basis)"* | 146.05 Cr. (Excluding GST) | Rs.30,000/- (Online) | 24 (Twenty Four) Calendar Months | 120 (One Hundred Twenty) Calendar Months | Super Class Contractors of PWD & Equivalent Class of other Departments |

* Note - 1 Bidder to quote Operation & Maintenance cost for 10 years separately as per tender document.
* Note - 2 L1 Bidder shall be decided on the basis of least life cycle cost i.e. both Quoted Construction Cost and Operation & Maintenance Cost. (Refer to DTCN).
* Note - 3 Earnest Money Deposit will be applicable as per prevailing circular of Govt. of Odisha at the time of bidding.

The bid document comprising of detailed eligibility criteria, scope of the work, land details, instruction to bidders etc. can be downloaded from the website www.tendersodisha.gov.in from 5 P.M. of Dt.15.12.2023 to 5 P.M. of Dt.16.01.2024.

OIPR-14003/11/0309/2324 Sd./- Chief General Manager (P&C)



ଓଡ଼ିଶା ସରକାର
ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. 319 Dated: 15.09.2023

No. VII-06: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ଅର୍ଜ୍ଜୁଣ୍ଡା (ଅତିରିକ୍ତ), ଥାନା: ପୁଇଁନ୍ତଲା ନଂ. ୨୭୦, ତହସିଲ: ପୁଇଁନ୍ତଲା, ଜିଲ୍ଲା: ବଲାଙ୍ଗୀରରେ ନିମ୍ନ ତଫସିଲ ମତେ ପ୍ରାୟ ୨.୦୭୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act. 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମି ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧା ରୋଡ୍ – ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳବାଇ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂ. ୨୪୪୯୯/R&DM ତା୧୦।୦୭।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବଲାଙ୍ଗୀର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ପୁଇଁନ୍ତଲା | ଅର୍ଜ୍ଜୁଣ୍ଡା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | – | ୨.୦୭୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ତଫସିଲ – କ

ଜିଲ୍ଲା: ବଲାଙ୍ଗୀର ତହସିଲ: ପୁଇଁନ୍ତଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅର୍ଜ୍ଜୁଣ୍ଡା (ଅତିରିକ୍ତ) | ଗ୍ରାମାଞ୍ଚଳ | ଭୂମି ଅନୁସୂଚୀ ତାଲିକା ଏଥି ସହିତ ସଂଲଗ୍ନ ହୋଇଅଛି। | | | | | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବଲାଙ୍ଗୀର ତହସିଲ: ପୁଇଁନ୍ତଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅର୍ଜ୍ଜୁଣ୍ଡା (ଅତିରିକ୍ତ) | ଗ୍ରାମାଞ୍ଚଳ | ଉକ୍ତ ଗ୍ରାମରେ କୌଣସି ବିସ୍ଥାପିତ ପରିବାର ନାହାନ୍ତି। | | | | | |

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ବଲାଙ୍ଗୀର

OIPR-15022/14/0001/2324

# ବିଶାଳ ସ୍କୋର ଅଭିମୁଖେ ହାଇଦ୍ରାବାଦ

## କୁଚ୍ ବିହାର ଟ୍ରଫି

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି କ୍ରିକେଟ ଏଲିଟ୍ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦ ବିଶାଳ ସ୍କୋର ଆଡ଼କୁ ଅଗ୍ରସର ହୋଇଛି। ଦଳ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ଉଇକେଟ ବିନିମୟରେ ୪୦୩ ରନ କରିଛି। ହାଇଦ୍ରାବାଦ ପ୍ରଥମ ଦିବସର ଅସମାପ୍ତ ସ୍କୋର ୪୯/୧ରୁ ଖେଳ ଆରମ୍ଭ କରିଥିଲା।

ୱାଫି କାଚ୍ଛି ଡାଇମଣ୍ଡ ଏବଂ ଆର୍. ଅଲଙ୍କ୍ରିତ ଓଡ଼ିଶା ବୋଲରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ରନ ସଂଗ୍ରହ କରି ଚାଲିଥିଲେ। ଶନିବାର ଖେଳରେ ପ୍ରଥମେ ୱାଫି କାଚ୍ଛିଙ୍କ ଉଇକେଟ ପତନ ଘଟିଥିଲା। ଓଡ଼ିଶାର ଦ୍ରୁତ ବୋଲର ସମ୍ବିତ ବେଜାଙ୍କ ବଲ୍‌ରେ ସେ ଶିକାର ହୋଇଥିଲେ। ଏହାପରେ ଅଲଙ୍କ୍ରିତଙ୍କ ସହ ଆର୍‌ବାଜ୍ ବେଗ୍ ଯୋଗଦେଇଥିଲେ। ସେ ୫ଚୌକା ସହିତ ୫୨ରନ କରି ସାର୍ଥକ ପଣ୍ଡାଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ହାଇଦ୍ରାବାଦ ଦଳର ଅଧିନାୟକ ଏସ୍. ଧୀରଜ ଗୌଡ଼ ଅରବାଜ ବ୍ୟାଗ୍‌ଙ୍କ ସହିତ ଦଳ ପାଇଁ ଏକ ବଡ଼ ପାର୍ଟନରଶିପ୍ କରିଥିଲେ। ଅରବାଜ୍ ୧୯୦ବଲ୍ ଖେଳି ୧୦ଚୌକା, ୩ଛକା ସହିତ ୧୦୯ ରନ କରି ଆଉଟ ହୋଇଯାଇଥିଲେ। ଧୀରଜ କିନ୍ତୁ କ୍ରିଜ୍‌ରେ ଜମି ରହିଥିଲେ। ସେ ଶନିବାର ଖେଳ ଶେଷସୁଦ୍ଧା ୧୮୭ବଲର ସାମ୍ନା କରି ୮ଚୌକା, ୧୧ଛକା ସହିତ ୧୫୩ରନ କରି ଅପରାଜିତ ରହିଥିଲେ। ଧୀରଜ ଓ ଅରବାଜଙ୍କ ମଧ୍ୟରେ ଚତୁର୍ଥ ଉଇକେଟ୍ ଯୋଡ଼ିରେ ୨୩୭ ରନର ପାର୍ଟନରଶିପ୍ ହୋଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ହାଇଦ୍ରାବାଦ ୬ଉଇକେଟ୍ ହରାଇ ୪୦୩ ରନ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରୀରାଜ ପଟ୍ଟନାୟକ ଓ ମହମ୍ମଦ ସୋହେଲ ଖାଁ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ସମ୍ବିତ ବେଜା ଏବଂ ସାର୍ଥକ ପଣ୍ଡା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ବିସିସିଆଇ ଅମ୍ପାୟର ପ୍ରେମଦୀପ ଚାଟାର୍ଜୀ, ରବିଶଙ୍କର ମ୍ୟାଚ୍ ପରିଚାଳନା କରିଥିଲେ। ପରମବୀର ସିଂ, ଅମିତ ତିୱାରୀ ଅନ୍‌ଲାଇନ ସ୍କୋରର ଏବଂ ସଞ୍ଜୟ କୁମାର, ଅମିତ କୁମାର ଭିଡିଓ ଆନାଲିଷ୍ଟ ଦାୟିତ୍ୱ ତୁଲାଇଥିଲେ।

# ଆଫ୍ରିକା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଭାରତ

ଡର୍ବାନ୍,୯।୧୨(ପି.ଟି.)

ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ଖେଳାଯିବାକୁ ଥିବାବେଳେ ଆଫ୍ରିକୀୟ ପରିବେଶର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିଛି ଭାରତୀୟ ଯୁବ ଦଳ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ପୁନର୍ବାର ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଟି୨୦ରେ ଦଳ ଚୟନକୁ ନେଇ ଏବେ ବି ଭାରତୀୟ ମ୍ୟାନେଜମେଣ୍ଟ ଆଶଙ୍କାରେ ରହିଛି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଟି୨୦ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ରହିଥିବା ବେଳେ ଯଶ୍‌ପ୍ରୀତ୍ ବୁମ୍‌ରା ବର୍ତ୍ତମାନ ବିଶ୍ରାମ ନେଉଛନ୍ତି। ଏହି ୩ ଖେଳାଳି ପ୍ରତ୍ୟାବର୍ତ୍ତନ କଲେ ଦଳର ସମୀକରଣ ସମ୍ପୂର୍ଣ୍ଣ ଭାବରେ ବଦଳିଯିବ।

ଚଳିତ ସିରିଜରେ ଭାରତ ପାଇଁ ବଡ ସମସ୍ୟା ରହିବ ଏହାର ବ୍ୟାଟିଂ କମ୍ବିନେଶନ। ଭାରତ ୧୭ ଖେଳାଳିଙ୍କୁ ନେଇଛି। ଏହା ମଧ୍ୟରୁ ଇଶାନ୍ କିଶନ୍, ଶ୍ରେୟସ୍ ଆୟର ଓ ମୁକେଶ କୁମାର ଦିନିକିଆ ଦଳରେ ସାମିଲ ଅଛନ୍ତି। ଯଶସ୍ୱୀ ଜୟସ୍ୱାଲ ଟି୨୦ ଦଳ ପାଇଁ ପ୍ରଥମ ପସନ୍ଦର ଓପନର ହୋଇଥିବା ବେଳେ ଦ୍ୱିତୀୟ ଖେଳାଳି ଭାବରେ ଶୁବମନ ଗିଲ୍‌ଙ୍କୁ ସାମିଲ କରାଯିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିବା ଋତୁରାଜ ଗାଏକ୍ୱାଡ ମଧ୍ୟ ଦଳରେ ସ୍ଥାନ ପାଇବା ପାଇଁ ଦୃଢ ଦାବିଦାର ଉପସ୍ଥାପନ କରିଛନ୍ତି। ଯଦି ଏହି ୩ ଖେଳାଳି ଦଳରେ ସ୍ଥାନ ପାଇବେ ତେବେ ୪ନମ୍ବର ସ୍ଥାନ ପାଇଁ ସୂର୍ଯ୍ୟକୁମାର ଯାଦବ ଅଟୋମେଟିକ୍ ଚଏସ୍ ରହିବେ। ୫ ନମ୍ବର ସ୍ଥାନରେ ଶ୍ରେୟସ୍ ଆୟର ଖେଳିବା ସ୍ପଷ୍ଟ ଥିବା ବେଳେ ୬ ନମ୍ବର ସ୍ଥାନରେ ଇଶାନ କିଶନ ଓ ଜିତେଶ ଶର୍ମାଙ୍କ ମଧ୍ୟରୁ ଜଣେ ଖେଳିବେ।

**ମ୍ୟାଚ୍ ସ୍ଥାନ: ଡର୍ବାନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**









## ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ, ସାଣ୍ଟନର

ମୀରପୁର, ୯।୧୨ (ଏପି)

ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷାରେ ପ୍ରଭାବିତ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୪ଉଇକେଟରେ ବାଂଲାଦେଶକୁ ପରାସ୍ତ କରିବା ଦ୍ୱାରା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବରରେ ଶେଷ ହୋଇଛି। ଗ୍ଲେନ ଫିଲିପ୍ସ ଓ ମିଚେଲ ସାଣ୍ଟନରଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଭ୍ରମଣକାରୀ ଦଳ ଏକ କଷ୍ଟସାଧ ଉଇକେଟରେ ୧୩୭ ରନର ବିଜୟ ଲକ୍ଷ୍ୟକୁ ହାସଲ କରିବାରେ ସମର୍ଥ ହୋଇଥିଲା। ସପ୍ତମ ଉଇକେଟରେ ଫିଲିପ୍ସ ଓ ସାଣ୍ଟନରଙ୍କ ମଧ୍ୟରେ ୭୦ ରନର ପାର୍ଟନରଶିପ୍ ଯୋଗୁ ଏକଦା ୬୯/୬ ସ୍କୋରରେ ସଂଘର୍ଷ ଚଳାଇଥିବା ନ୍ୟୁଜିଲାଣ୍ଡ ଚତୁର୍ଥ ଦିବସରେ ୬ ଉଇକେଟ ବିନିମୟରେ ୧୩୯ ରନ କରି ମ୍ୟାଚ ଜିତିନେଇଥିଲା। ୨୦୦୮ ପରଠାରୁ ବାଂଲାଦେଶ ମାଟିରେ ନ୍ୟୁଜିଲାଣ୍ଡର ଏହା ପ୍ରଥମ ବିଜୟ। ଘରୋଇ ଦଳ ପ୍ରଥମ ଟେଷ୍ଟ ମ୍ୟାଚ ୧୫୦ ରନରେ ବିଜୟ ହାସଲ କରି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ସିରିଜ ଜିତିବା ଲକ୍ଷ୍ୟରେ ରହିଥିଲା। ପ୍ରଥମ ଇନିଂସରେ ୭୨ ବଲରୁ ୮୭ ରନ କରିଥିବା ଫିଲିପ୍ସ ଅଫ୍‌ସ୍ପିନର ମେହିଦି ହସନଙ୍କ ବଲ୍‌କୁ କଭର ଅଞ୍ଚଳରେ ଚୌକା ମାରି ଦଳକୁ ଜିତାଇଥିଲେ। ସେ ୪୮ ବଲ୍‌ରୁ ୪୦ ରନ କରି ଅପରାଜିତ ଥିଲେ। ତନ୍ମଧ୍ୟରେ ତାଙ୍କର ୪ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଅନ୍ୟପକ୍ଷରେ ସାଣ୍ଟନର ୩ ଚୌକା ଓ ଗୋଟିଏ ଛକା ସହ ୩୯ ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ସକାଳେ ପୂର୍ବରୁ ବାଂଲାଦେଶ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୮/୨ରୁ ଖେଳ ଆରମ୍ଭ କରି ୧୪୪ ରନରେ ଅଲଆଉଟ ହୋଇଯାଇଥିଲା। ଏଥି ସହିତ ଦଳ ନ୍ୟୁଜିଲାଣ୍ଡ ପାଇଁ ୧୩୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ନ୍ୟୁଜିଲାଣ୍ଡର ସଫଳ ବୋଲର ବାମହାତୀ ସ୍ପିନର ଏଜାଜ ପଟେଲ ୫୭ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ଗ୍ଲେନ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ତାଇଜୁଲ ଇସ୍‌ଲାମ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ:** ୧୭୨।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୧୮୦।

**ବାଂଲାଦେଶ ଦ୍ୱିତୀୟ ଇନିଂସ:** ୧୪୪ (ଜାକିର ହସନ-୫୯, ନଜମୁଲ ହୁସେନ ଶାନ୍ତୋ-୧୫; ଏଜାଜ ପଟେଲ-୬/୫୭, ସାଣ୍ଟନର-୩/୫୧, ସୌଦି-୧/୨୫)।

**ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ:** ୧୩୯/୬ (ଗ୍ଲେନ ଫିଲିପ୍ସ-୪୦*, ମିଚେଲ ସାଣ୍ଟନର-୩୫*; ମେହିଦି ହସନ ମିରାଜ-୩/୫୨, ତାଇଜୁଲ ଇସ୍‌ଲାମ-୨/୫୮)।































# ଆଜି ଇଷ୍ଟବେଙ୍ଗଲକୁ ଭେଟିବ ସ୍ପୋର୍ଟ୍ସ ଓଡ଼ିଶା

ଭୁବନେଶ୍ୱର,୯।୧୨ (ସରୋଜ କୁମାର ଜେନା)

ପରିବର୍ତ୍ତିତ ରୂପ ସହିତ ଇଣ୍ଡିଆନ ଓମେନ୍ସ ଲିଗ୍‌ର ସପ୍ତମ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ରବିବାର ଇଷ୍ଟ ବେଙ୍ଗଲକୁ ଭେଟିବ

## ଇଣ୍ଡିଆନ ଓମେନ୍ସ ଲିଗ୍

ସ୍ପୋର୍ଟ୍ସ ଓଡ଼ିଶା। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଏହି ମ୍ୟାଚ୍‌ଟି ରବିବାର ଅପରାହ୍ନ ୩ଟାରେ ଖେଳାଯିବ। ମ୍ୟାଚ୍ ପୂର୍ବରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ କୋଚ୍ ପାରୋମିତା ସିର୍ ଓ ଅଧିନାୟିକା ମୁନିକା ମିଞ୍ଜ ଯୋଗ ଦେଇଥିଲେ। ଚଳିତ ସିଜନରେ ଦଳର ପ୍ରସ୍ତୁତି ଠିକ୍‌ଠାକ୍ ରହିଥିବା ବେଳେ ଉନ୍ନତ ପ୍ରଦର୍ଶନ କରିବା ନେଇ କୋଚ୍ ଦୃଢୋକ୍ତି ପ୍ରକାଶ କରିଥିଲେ। ଚଳିତ ସିଜନରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ଓମେନ୍ସ ଲିଗ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପର ସହିତ ୨ ଥର ଲେଖାଏ ଖେଳିବେ। ୮ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୪, ୨୦୨୪ ଯାଏ ଖେଳାଯିବ।

ସ୍ପୋର୍ଟ୍ସ ଓଡ଼ିଶା ବିଗତ ବର୍ଷରେ କ୍ୱାର୍ଟର ଫାଇନାଲରୁ ପରାଜିତ ହୋଇଥିବା ବେଳେ ଚଳିତ ବର୍ଷ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି କୋଚ୍ ପାରୋମିତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଦଳର ସମସ୍ତ ଖେଳାଳିଙ୍କୁ ଏକାଠି ପ୍ରସ୍ତୁତି ପାଇଁ ଅଧିକ ସମୟ ମିଳି ନ ଥିଲେ ମଧ୍ୟ ଏହି ଟୁର୍ନାମେଣ୍ଟଟି ୪ ମାସ ଯାଏ ଖେଳାଯିବ। ଲମ୍ବା ସମୟ ଦଳକୁ ସଙ୍ଗଠିତ କରିବା ପାଇଁ ଯଥେଷ୍ଟ ହେବ ବୋଲି କୋଚ୍ କହିଥିଲେ। ସେହିପରି ଦଳରେ ଚଳିତ ଥର ନେପାଳ ଜାତୀୟ ଦଳର ଦୁଇ ଜଣ ଖେଳାଳି ରହିଥିବା ବେଳେ ଏହା ଆମକୁ ଫାଇଦାରେ ରଖିବ ବୋଲି ପାରୋମିତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଦଳର ସମସ୍ତ ଖେଳାଳି କଠିନ ପରିଶ୍ରମ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ଦୃଢ ଆରମ୍ଭ କରିବୁ ବୋଲି କହିଥିଲେ ମୁନିକା। ସେହିପରି ଓଡ଼ିଶାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କୁ ପ୍ରଶଂସା କରିଥିଲେ ପାରୋମିତା।



ଖବରଦାତା ସମ୍ମିଳନୀରେ ଉଭୟ ଦଳର ଅଧିନାୟିକା ଓ କୋଚ୍।

# ସବ୍‌ଜୁନିୟର ରଗ୍‌ବୀ: କ୍ୱାର୍ଟର ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୯।୧୨(ସରୋଜ କୁମାର ଜେନା)

ମୟୂରଭଞ୍ଜ ଜିଲା ରଗବୀ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ୩ ଦିନିଆ ରାଜ୍ୟ ସବ୍ ଜୁନିୟର ରଗ୍‌ବୀ ସେଭେନ୍ ଏ ସାଇଡ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। ୧୨ ଟି ଲେଖାଏ ବାଳକ ଓ ବାଳିକା ଦଳ ଭାଗ ନେଇଥିବା ବେଳେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ପ୍ରଦର୍ଶନ ଆଧାରରେ ଜାତୀୟ ସବ୍ ଜୁନିୟର ଚାମ୍ପିୟନଶିପ୍ ପାଇଁ ଦଳ ଘୋଷଣା କରାଯିବ। ମୟୂରଭଞ୍ଜ ବାଳକ ଦଳ କୋରାପୁଟ ଓ ବାଳିକା ଦଳ ବାଲେଶ୍ୱରକୁ କ୍ୱାର୍ଟରରେ ଭେଟିବ। ବାଳକ ବର୍ଗରେ ଅନ୍ୟ ୩ କ୍ୱାର୍ଟର ଫାଇନାଲ ମ୍ୟାଚ୍ କିସ୍-କନ୍ଧମାଳ, ଯାଜପୁର-ବାଲେଶ୍ୱର ଓ କେନ୍ଦୁଝର-ଗଞ୍ଜାମ ମଧ୍ୟରେ ଖେଳାଯିବ। ସେହିପରି ବାଳିକା ବିଭାଗରେ କିସ୍-କୋରାପୁଟ, କନ୍ଧମାଳ-ଗଞ୍ଜାମ ଓ ସମ୍ବଲପୁର-କେନ୍ଦୁଝର ମଧ୍ୟରେ ଖେଳାଯିବ। ମୟୂରଭଞ୍ଜ ଜିଲା ରଗବୀ ଆସୋସିଏଶନ ସଭାପତି ସୁନାରାମ କିସ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଜେ. ସୁଶୀଲ ହେମ୍ବ୍ରମ, ପରାମର୍ଶଦାତା ବାବା ଧଳାରାମ ହାଂସଦା, ଶିମିଳିପାଳ ସ୍ପୋର୍ଟ୍ସ ଓ ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ସୁକେନ୍ଦୁ ଦାସ, ମାନସ କୁମାର ଜେନା, ଧୀରେନ ରାଉତ ଓ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍।

**ଜୁନିୟର ପୁରୁଷ ହକି ବିଶ୍ୱକପ୍**

## କାନାଡାକୁ ହରାଇ କ୍ୱାର୍ଟରରେ ଭାରତ

କୁଆଲାଲମ୍ପୁର, ୯।୧୨ (ପି.ଟି.)

ଭାରତ ୧୦-୧ ଗୋଲ୍‌ରେ କାନାଡାକୁ ପରାସ୍ତ କରି ଏଠାରେ ଚାଲିଥିବା ଜୁନିୟର ପୁରୁଷ ହକି ବିଶ୍ୱକପ୍ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ନ୍ୟାଶନାଲ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଆଦିତ୍ୟ ଅର୍ଜୁନ ଲାଲାଗେ (୮ମ ଓ ୪୩ତମ ମିନିଟ), ରୋହିତ (୧୨ତମ ଓ ୫୫ତମ), ଅମନଦୀପ ଲାକ୍ରା (୨୩ତମ ଓ ୫୨ତମ) ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ବିଷ୍ଣୁକାନ୍ତନ୍, ରାଜିନ୍ଦର କୁଶ୍ୱାହା ସୌରଭ ଆନନ୍ଦ ଏବଂ ଉତ୍ତମ ସିଂ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। କାନାଡା ପକ୍ଷରୁ ୨୦ତମ ମିନିଟ୍‌ରେ ଏକ ସାନ୍ତ୍ୱନାମୂଳକ ଗୋଲ୍ ସ୍କୋର କରିଥିଲେ ଜୁଡ୍ ନିକୋଲସନ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟ ହାସଲ କରିବା ଦ୍ୱାରା ଭାରତ ଗ୍ରୁପ୍ 'ସି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରି କ୍ୱାର୍ଟରଫାଇନାଲରେ ନିଜ ସ୍ଥାନ ପକ୍କା କରିପାରିଛି। ମଙ୍ଗଳବାର କ୍ୱାର୍ଟରଫାଇନାଲରେ ଭାରତ ଗ୍ରୁପ୍ 'ଡି' ବିଜେତା ନେଦରଲାଣ୍ଡ୍ସ ସହ ମୁକାବିଲା କରିବ।

**ଅନ୍ତର୍ଜାତୀୟ ମହିଳା ଟି୨୦**

## ଇଂଲଣ୍ଡ ସିରିଜ ବିଜୟୀ

ମୁମ୍ବାଇ, ୯।୧୨ (ପି.ଟି.)

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୪ ଉଇକେଟରେ ବିଜୟ ଲାଭ କରି ୨-୦ରେ ଅଗ୍ରଣୀ ସହ ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍ଜା କରିନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୬.୨ ଓଭରରେ ମାତ୍ର ୮୦ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଦଳର ଏହାଥିଲା ତୃତୀୟ ସର୍ବନିମ୍ନ ସ୍କୋର। ଜବାବରେ ଇଂଲଣ୍ଡ ୧୧.୨ ଓଭରରେ ୬ ଉଇକେଟ ବିନିମୟରେ ୮୨ ରନ କରି ମ୍ୟାଚ ଜିତି ନେଇଥିଲା। ତୃତୀୟ ତଥା ଫାଇନାଲ ଟି୨୦ ରବିବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୧୬.୨ ଓଭରରେ ୮୦/ଅଲଆଉଟ (ଜେମିମା ରୋଡ୍ରିଗୁଏଜ-୩୦, ସ୍ମୃତି ମନ୍ଧାନା-୧୦; ସାରା ଗ୍ଲେନ-୨/୧୩, ସୋଫି ଏକ୍ଲେଷ୍ଟୋନ୍-୨/୧୩, ଚାର୍ଲୋଟ ଡିନ୍-୨/୧୮)।

ଇଂଲଣ୍ଡ: ୧୧.୨ ଓଭରରେ ୮୨/୬ (ଆଲିସ କାପ୍‌ସି-୨୫, ନାଟ୍ ସ୍କିଭର ବ୍ରଣ୍ଟ-୧୬; ଦୀପ୍ତି ଶର୍ମା-୨/୪, ରେଣୁକା ଠାକୁର ସିଂ-୨/୨୬)।




































# ଆନାବେଲ ମହଙ୍ଗା ବିଦେଶୀ ଖେଳାଳି

## ଓମେନ୍ସ ପ୍ରିମିୟର ଲିଗ୍

### ବିକ୍ରି ହେଲେନି ଡଟିନ, ଆଟାପାଟ୍ଟୁ

### ଇତିହାସ ରଚିଲେ ବ୍ରିନ୍ଦା

**ମୁମ୍ବାଇ,୯।୧୨**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମି ଶନିବାର ମୁମ୍ବାଇରେ ଅନୁଷ୍ଠିତ ହୋଇଛି । ଆନାବେଲ ସଦରଲାଣ୍ଡ ଓ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି କାଶ୍‌ଭି ଗୌତମ ସର୍ବାଧିକ ୨କୋଟି ଟଙ୍କା ମୂଲ୍ୟରେ ବିକ୍ରି ହୋଇଛନ୍ତି । ସଦରଲାଣ୍ଡଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିବା ବେଳେ କାଶ୍‌ଭି ଗୁଜରାଟ ଜାଏଣ୍ଟ୍ସରେ ସାମିଲ ହୋଇଛନ୍ତି । ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ଅନ୍‌କ୍ୟାପ୍‌ଡ ଖେଳାଳି ଭାବରେ ବ୍ରିନ୍ଦା ଦୀନେଶ ୧ କୋଟି ଟଙ୍କା ଅତିକ୍ରମ କରିଥିଲେ । ବ୍ରିନ୍ଦାଙ୍କୁ କିଣିବା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ୟୁପି ୱାରିୟର୍ଜ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ତେବେ ୧.୩ କୋଟି ଟଙ୍କାରେ ୨୨ ବର୍ଷୀୟ ଓପନରଙ୍କୁ ହାତେଇଥିଲା ୟୁପି । ବ୍ରିନ୍ଦା ଚଳିତ ଜାତୀୟ ଦିନିକିଆ ଟୁର୍ନାମେଣ୍ଟରେ ୧୧ ମ୍ୟାଚ୍‌ରୁ ୪୭.୭୦ ଆଭରେଜରେ ୪୭୭ ରନ୍ ସ୍କୋର କରିଥିଲେ । ଏହା ସହିତ ଟି୨୦ରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୨୬ ରହିଛି । ଅଭିଜ୍ଞ ଖେଳାଳି ତଥା ବିଗତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ଡାଏଣ୍ଡ୍ରା ଡଟିନଙ୍କୁ ନେବା ଲାଗି କୌଣସି ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ । ଆଉ ଜଣେ ଅଭିଜ୍ଞ ଖେଳାଳି ଶ୍ରୀଲଙ୍କାର ଚାମାରି ଆଟାପାଟ୍ଟୁଙ୍କୁ ମଧ କିଣିବା ପାଇଁ କେହି ଆଗ୍ରହ ପ୍ରକାଶ କରି ନ ଥିଲେ । କ୍ରମାଗତ ଦ୍ୱିତୀୟ ସିଜନ ପାଇଁ ସେ ବିକ୍ରି ହୋଇନାହାନ୍ତି ।

୨୨ ବର୍ଷୀୟା ସଦରଲାଣ୍ଡ ପ୍ରଥମ ସିଜନରେ ଗୁଜରାଟ ପକ୍ଷରୁ ଖେଳିଥିଲେ । ସଦରଲାଣ୍ଡଙ୍କୁ କିଣିବା ପାଇଁ ମୁମ୍ବାଇ, ୟୁପି ଓ ଦିଲ୍ଲୀ ଆଗ୍ରହ ପ୍ରକାଶ କରିଥିବା ବେଳେ ଦିଲ୍ଲୀ ବାଜି ମାରି ନେଇଥିଲ । ଫିବ୍ ଲିଚ୍‌ଫିଲ୍ଡ ୧ କୋଟି ଟଙ୍କାରେ ଗୁଜରାଟକୁ ଯାଇଥିବା ବେଳେ ଦକ୍ଷିଣ ଆଫ୍ରିକାର ସବନିମ୍ ଇସମାଇଲ୍ ୧.୨ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଥିଲେ । ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏକତା ବିଷ୍ଟ ୬୦ ଲକ୍ଷ ଟଙ୍କାରେ ଆରସିବିରେ ଯୋଗ ଦେଇଥିବା ବେଳେ ୩୦ ଲକ୍ଷ ଟଙ୍କାରେ ଗୁଜରାଟରେ ସାମିଲ ହୋଇଛନ୍ତି ବେଦା କ୍ରିଷ୍ଣମୂର୍ତ୍ତି । ଜର୍ଜିଆ ୱେୟାରହାମଙ୍କୁ ୪୦ ଲକ୍ଷ ଓ କେଟ୍ କ୍ରସଙ୍କୁ ୧୦ ଲକ୍ଷ ଟଙ୍କାରେ ଆରସିବି କିଣିଥିବା ବେଳେ ଡାନିଏଲ ୱାୟାଟ୍ ୩୦ ଲକ୍ଷ ଟଙ୍କାରେ ୟୁପିରେ ସାମିଲ ହୋଇଛନ୍ତି ।



ଡବ୍ଲ୍ୟୁପିଏଲ୍ ନିଲାମିରେ (ବାମରୁ) ସୌରଭ ଗାଙ୍ଗୁଲି, ଜୟ ଶାହା, ଅରୁଣ କୁମାର ଧୁମଲ ।



ବ୍ରିନ୍ଦା ଦୀନେଶ

କୋଷ୍ଠକାଠିନ୍ୟର
ସମାଧାନ
9119788888

# ୨୧ରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ

**ନୂଆଦିଲ୍ଲୀ,୯।୧୨(ପି.ଟି):** ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ଡିସେମ୍ବର ୨୧ ତାରିଖରେ ଅନୁଷ୍ଠିତ ହେବ । ବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ପାଇଁ ପୂର୍ବତନ ଜମ୍ମୁ ଓ କାଶ୍ମୀର ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍ ଏମ୍ କୁମାରଙ୍କୁ ରିଟର୍ନିଂ ଅଫିସର ଘୋଷଣା କରାଯାଇଥିବା ବେଳେ ସମାନ ତାରିଖରେ ଫଳାଫଳ ପ୍ରକାଶ ପାଇବ । ନିକଟରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ । ଏହାପରେ ନିର୍ବାଚନ ହେବାର ରାସ୍ତା ପ୍ରଶସ୍ତ ହୋଇଥିଲା । ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଭାରତୀୟ ଉଷୁ ମହାସଂଘ ଅଧ୍ୟକ୍ଷ ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଗଠିତ ଆଡ ହକ୍ ପ୍ୟାନେଲ ଏହି ନିର୍ବାଚନ ପରିଚାଳନା କରିବ । ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ମହାସଂଘକୁ ଭଙ୍ଗି ଦେଇଥିଲେ ।

DSPL - 450

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

## କେନ୍ଦୁପତ୍ର ହିତାଧିକାରୀ ମାନଙ୍କ କଲ୍ୟାଣ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଆଯାଇଥିବା ନିମ୍ନଲିଖିତ ପଦକ୍ଷେପ

୨୦୨୨ କେନ୍ଦୁପତ୍ର ବର୍ଷ ପାଇଁ ସର୍ବକାଳୀନ ରେକର୍ଡ଼ ୨୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ।
ଉପକୃତ ହୋଇଛନ୍ତି ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ।



- ୨୦୨୨ କେନ୍ଦୁପତ୍ର ବର୍ଷ ପାଇଁ ୮ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ଟି ପର୍ଯ୍ୟାୟରେ ମୋଟ ୨୫୦ କୋଟି ୭୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭,୮୫,୦୦୦ କେନ୍ଦୁପତ୍ର ହିତାଧିକାରୀ ଅର୍ନ୍ତଭୁକ୍ତ ।
- ୧,୬୦,୦୦୦ କେନ୍ଦୁପତ୍ର ହିତାଧିକାରୀଙ୍କ ପିଲାମାନଙ୍କୁ ଛାତ୍ରବୃତ୍ତି ଓ ଆର୍ଥିକ ସହାୟତା ପ୍ରଦାନ।
- ଚଳିତ ବର୍ଷ ୨୬୧ ଜଣ କେନ୍ଦୁପତ୍ର ହିତାଧିକାରୀଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ହିସାବରେ ୪ କୋଟି ୯୪ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି ।
- କେନ୍ଦୁପତ୍ର ହିତାଧିକାରୀମାନଙ୍କ କଲ୍ୟାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠି" ନାମରେ ନୂତନ ଯୋଜନା ପ୍ରସ୍ତୁତ କରାଯାଇ ୫୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।





ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର

OIPR-08137/13/0002/2324

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ